# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୭/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 17/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ଶ୍ରୀଶଙ୍କର ଫାଇନାଲରେ**

ମୁରଲୀ ଶ୍ରୀଶଙ୍କର ପ୍ରଥମ ଭାରତୀୟ ପୁରୁଷ ଲଙ୍ଗ୍‌ଜମ୍ପର ହିସାବରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି।

୧୬ ୦୨

**ଘୁଞ୍ଚିଲା 'ଶେହଜାଦା'ର ରିଲିଜ୍ ତାରିଖ**

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଶେହଜାଦା' ନଭେମ୍ବର ୪ ବଦଳରେ ଫେବୃୟାରୀ ୧୦ରେ ମୁକ୍ତିଲାଭ କରିବ।





**ଚେସ୍ ବୋର୍ଡ ବ୍ରିଜ୍** | ଜୁଲାଇ ୨୮ରୁ ଅଗଷ୍ଟ ୧୦ ଯାଏ ଚେନ୍ନାଇ ନିକଟ ମହାବଳୀପୁରମ୍‌ରେ ୪୪ତମ ଅନ୍ତର୍ଜାତୀୟ ଚେସ୍ ଅଲିମ୍ପିଆଡ୍ ଆୟୋଜନ ହେବ। ଏହାକୁ ଦୃଷ୍ଟିରେ ରଖି ଚେନ୍ନାଇ ନାପିୟର ବ୍ରିଜ୍‌କୁ ଚେସ୍ ବୋର୍ଡ ଭଳି କଳା ଓ ଧଳା ଚେକ୍ ଆକୃତିରେ ସଜାଯାଇଛି।

# ଧନକର ଏନ୍‌ଡିଏ ପ୍ରାର୍ଥୀ

**ଉପରାଷ୍ଟ୍ରପତି ନିର୍ବାଚନ**

ନୂଆଦିଲ୍ଲୀ,୧୬।୭

ଅଗଷ୍ଟ ୬ରେ ହେବାକୁ ଥିବା ଦେଶର ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶନିବାର ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ପ୍ରାର୍ଥୀ କରିଛି। ଭାଜପା ସଂସଦୀୟ ଦଳ ବୈଠକରେ ବିଚାର ମନ୍ଥନ ଓ ପରାମର୍ଶ ପରେ ୭୧ ବର୍ଷୀୟ ଧନକରଙ୍କ ନାମ ଉପରେ ମୋହର ଦିଆଯାଇଥିବା ଦଳର ଅଧ୍ୟକ୍ଷ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ କାହାକୁ ପ୍ରାର୍ଥୀ କରାଯିବ ଏବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବ। ନୂଆ ଉପରାଷ୍ଟ୍ରପତି ୧୧ ତାରିଖରେ ଶପଥ ନେବେ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଏହାର ଦିନକ ପରେ ଅର୍ଥାତ୍ ୨୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ☞ପୃଷ୍ଠା-୪



ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର

## କେମିତି ହୁଏ ଉପରାଷ୍ଟ୍ରପତି ନିର୍ବାଚନ

ବର୍ତ୍ତମାନ ପାର୍ଲାମେଣ୍ଟ ଉଭୟ ଗୃହର ମୋଟ ସଦସ୍ୟଙ୍କ ସଂଖ୍ୟା ହେଉଛି ୭୮୦। ସେମାନଙ୍କ ମଧ୍ୟରୁ କେବଳ ଭାଜପା ଏମ୍‌ପିଙ୍କ ସଂଖ୍ୟା ୩୯୪, ଯାହାକି ମ୍ୟାଜିକ୍ ନମ୍ବର ୩୯୦ରୁ ୪ ଅଧିକ। ଉପରାଷ୍ଟ୍ରପତି ନିର୍ବାଚନରେ ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେଇପାରିବେ। ପ୍ରତ୍ୟେକ ଏମ୍‌ପିଙ୍କ ଭୋଟର ମୂଲ୍ୟ ୧। ବାଲଟରେ ଗୁପ୍ତ ମତଦାନ କରାଯିବ। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ବେଳେ ମତଦାତା କାହାକୁ ଭୋଟ ଦେଲେ, ସେନେଇ ବାଲଟ ପେପର ଦେଖାଇଦେଲେ ତାହା ରଦ୍ଦ ହୋଇଯିବ ବୋଲି ☞ପୃଷ୍ଠା-୪

# ବୀମା କମ୍ପାନୀ ଚକ୍ରବ୍ୟୂହରେ ଚାଷୀ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ରାଜ୍ୟରେ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଉନାହାନ୍ତି। ବୀମା କମ୍ପାନୀ ଓ ସରକାରୀ ଅଧିକାରୀଙ୍କ ମଧୁଚକ୍ରିକାରେ ଚାଷୀମାନେ ଫସି ଯାଇଛନ୍ତି। ଘରୋଇ କମ୍ପାନୀ ଲାଭ ଖାଉଛନ୍ତି। କେବଳ ବୀମା ନୁହେଁ, ଚାଷୀମାନେ ଋଣ ମଧ ପାଇ ପାରୁନାହାନ୍ତି। ଅଧିକ ସୁଧରେ ମହାଜନଠାରୁ ଋଣ ଆଣି ଶୁଝି ନ ପାରି ଆତ୍ମହତ୍ୟା କରୁଛନ୍ତି। ସରକାର ଚାଷୀ ଆତ୍ମହତ୍ୟାକୁ ବ୍ୟକ୍ତିଗତ କାରଣ ଦର୍ଶାଇ ଏଡ଼ାଇ ଯାଉଛନ୍ତି। ଗତ ଦୁଇ ବର୍ଷ ହେବ ରାଜ୍ୟର ବହୁ ଚାଷୀ ଫସଲ ବୀମା ପାଇନାହାନ୍ତି। ଫସଲ ବୀମାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି।

ଫସଲ ବୀମା ଓ ଚାଷୀ ହତାଶ ପ୍ରସଙ୍ଗରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମୁଲତବୀ ଆଲୋଚନା ଆରମ୍ଭ କରି କହିଲେ, ରାଜ୍ୟର ୧୦୪ ବ୍ଲକରେ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇନାହାନ୍ତି। ରାଜ୍ୟରେ ୩ଟି ଘରୋଇ କମ୍ପାନୀକୁ ଫସଲବୀମା ପାଇଁ ଦାୟିତ୍ୱ ଦିଆଯାଇଛି। ସେହି କମ୍ପାନୀ ଚାଷୀଙ୍କ ପ୍ରିମିୟମ ଖାଇ ବସି ଯାଉଛନ୍ତି। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ୨୦୨୦-୨୧ରୁ ଅନେକ ଚାଷୀ ଫସଲ ବୀମା ପାଇନାହାନ୍ତି। ବୀମା ପାଉ ନ ଥିବା ବେଳେ ଚାଷୀଙ୍କୁ ଋଣ ନ ଶୁଝିଲେ ଋଣ ଦିଆଯାଉ ନାହିଁ। ରାଜ୍ୟର ଚାଷୀ କିପରି ବୀମା ପାଇବେ, ରାଜ୍ୟ ସରକାର କେନ୍ଦ୍ରକୁ ଜଣାନ୍ତୁ। ଯଦି କେନ୍ଦ୍ର ସରକାର ଘରୋଇ କମ୍ପାନୀଙ୍କୁ ନିୟୋଜିତ କରିଛନ୍ତି, ତେବେ ସେ କଥା ଅଲଗା। ଚୋରଙ୍କ ହାତରେ ବୀମା ଦିଆଯାଇଛି। କମ୍ପାନୀ ଲାଭ ଖାଉଛନ୍ତି। ଚାଷୀଙ୍କୁ ଲୁଟିବାକୁ ଛାଡ଼ି ଦେଇଛନ୍ତି। ☞ପୃଷ୍ଠା-୪

**ବିଧାନସଭାରେ ମୁଲତବୀ ଆଲୋଚନା**

- **୧୧ ହଜାର କୋଟିରୁ ୧୬ ହଜାର କୋଟିରେ ପହଞ୍ଚିଲାଣି କୃଷି ଋଣ: ଶାସକ**
- **ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇନାହାନ୍ତି: ମନ୍ତ୍ରୀ**






## ମହିଳା ଇନ୍ସପେକ୍ଟର ସୁନା ନିଲମ୍ବିତ

**ପୋଲିସ କାର୍ ଧକ୍କାରେ ୩ ମୃତ ଘଟଣା**

କଟକ ଅଫିସ/ ସୋନପୁର (ନି.ପ୍ର.), ୧୬।୭

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ବଡବାହାଲି ଛକ ନିକଟରେ ଗତ ୧୨ତାରିଖ ସକାଳେ କାର୍ ଧକ୍କାରେ ୩ଜଣଙ୍କ ମୃତ୍ୟୁ ଘଟଣାରେ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା ନିଲମ୍ବିତ ହୋଇଛନ୍ତି। ଗୁରୁତର ଅନୁଚିତ ବ୍ୟବହାର ପାଇଁ ପୋଲିସ ମହାନିର୍ଦ୍ଦେଶକ(ଡିଜି) ସୁନୀଲ କୁମାର ବଂଶଲ ସୁନ୍ଦରଗଡ଼ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ମହିଳା ଇନ୍ସପେକ୍ଟର ସୁନାଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ସେ ସୁନ୍ଦରଗଡ଼ ପୋଲିସ ଏସ୍‌ପିଙ୍କ ଅଧୀନରେ ରହିବେ। ଓଡିଶା ସର୍ଭିସ କୋଡ୍-୯୦ ଅନ୍ତର୍ଗତ ସେ ନିଜର ଡିଏ ଓ ଅନ୍ୟାନ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେବଳ ବାହାନା**




**ଶ୍ରୀଲଙ୍କା ସଙ୍କଟ: କୋଟାରେ ମିଳିବ ତେଲ**

ଗମ୍ଭୀର ଆର୍ଥିକ ଓ ରାଜନୈତିକ ସଙ୍କଟ ଦେଇ ଗତିକରୁଥିବା ଶ୍ରୀଲଙ୍କାରେ କୋଟା ଭିତ୍ତିରେ ଲୋକଙ୍କୁ ତେଲ ଯୋଗାଯିବ। ଏ ନେଇ ଶକ୍ତି ମନ୍ତ୍ରୀ କାଞ୍ଚନ ୱିଜେସେକରା 'ଜାତୀୟ ଇନ୍ଧନ ପାସ୍' ଯୋଜନା ଘୋଷଣା କରିଛନ୍ତି। ଏଥିରେ ଲୋକଙ୍କୁ ସପ୍ତାହରେ ଥରେ ତେଲ ଦିଆଯିବ। ଏକ ଜାତୀୟ ପରିଚୟପତ୍ର ନମ୍ବରରେ ଲୋକଙ୍କ ଗାଡ଼ି ନମ୍ବର ଏବଂ ଅନ୍ୟାନ୍ୟ ତଥ୍ୟ ରହିବ। ଗାଡ଼ି ନମ୍ବରର ଶେଷ ଅଙ୍କ ଅନୁସାରେ ଲୋକଙ୍କ ପାଳି ପଡ଼ିବ। ପର୍ଯ୍ୟଟକ ଏବଂ ବିଦେଶୀ ନାଗରିକଙ୍କୁ ଅଗ୍ରାଧିକାର ମିଳିବ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି।

# ଗ୍ରୀଷ୍ମ ପ୍ରବାହରେ ଜଳୁଛି ୟୁରୋପ

- ରେକର୍ଡ ଭାଙ୍ଗୁଛି ତାପମାତ୍ରା
- ବ୍ରିଟେନରେ ଏମର୍ଜେନ୍ସି

ଲଣ୍ଡନ, ୧୬।୭

ୟୁରୋପୀୟ ଦେଶରେ ଚଳିତ ବର୍ଷ ରେକର୍ଡ ଭାଙ୍ଗିଛି ତାପମାତ୍ରା। ଏହାର ପ୍ରକୋପରେ ପର୍ତ୍ତୁଗାଲ, ଫ୍ରାନ୍ସ, ସ୍ପେନ୍, ମରକ୍କୋର ବିଭିନ୍ନ ଜଙ୍ଗଲରେ ଭୀଷଣ ନିଆଁ ଲାଗି ହଜାର ହଜାର ହେକ୍ଟର ଜମିରୁ ବୃକ୍ଷଲତା ସମ୍ପୂର୍ଣ୍ଣ ଜଳିଯାଇଛି। ଦକ୍ଷିଣ ୟୁରୋପୀୟ ଦେଶରେ ଗତ କିଛି ସପ୍ତାହ ହେଲା ଗୋଟିଏ ପରେ ଗୋଟିଏ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଏହାକୁ ଲିଭାଇବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପଡ଼ିଛି। ଫଳରେ ପ୍ରକୃତ ତାପମାତ୍ରାଠାରୁ ସ୍ଥାନୀୟ ଅଞ୍ଚଳଗୁଡ଼ିକରେ ତାତି ବଢ଼ିଛି। ପବନରେ ନିଆଁ ଉଡ଼ି ଆଖପାଖ ଅଞ୍ଚଳର ଘର ଜଳିଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଥିବାବେଳେ ଅଗ୍ନି ନିର୍ବାପନ ପାଇଁ ହଜାର ହଜାର ସଂଖ୍ୟାରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। କେବଳ ପର୍ତ୍ତୁଗାଲରେ ୩,୫୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ମୁତୟନ ହୋଇଛନ୍ତି। ଏକ ବିମାନ ଯୋଗେ ଜଙ୍ଗଲରେ ପାଣିବୋମା ପକା ଯାଉଥିବାବେଳେ ସ୍ପେନ୍ ସୀମା ନିକଟ ଫୋଜ୍ କୋରା ଏରିଆରେ ପ୍ଲେନ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ପର୍ତ୍ତୁଗାଲ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ୟୁରୋପର ବିଭିନ୍ନ ସ୍ଥାନରେ ପ୍ରଥମ ଥର ପାଇଁ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଟପିଛି। ବ୍ରିଟେନରେ ଅଦ୍ୟାବଧି ସର୍ବାଧିକ ତାପମାତ୍ରା ୩୮.୭ ଡିଗ୍ରୀ (୨୦୧୯ ଜୁଲାଇରେ) ରେକର୍ଡ ରହିଥିବାବେଳେ ଆସନ୍ତା ସପ୍ତାହରେ ପ୍ରଥମ ଥର ପାଇଁ ଏହା ୪୦ ଡିଗ୍ରୀ ସେଲ୍‌ସିୟସ୍ ଟପିପାରେ ବୋଲି ସେଠାକାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ମଙ୍ଗଳବାର ପର୍ଯ୍ୟନ୍ତ ବ୍ରିଟେନରେ ରେଡ୍ ଆଲର୍ଟ ଜାରି କରାଯିବା ସହ ଜାତୀୟ ଜରୁରିକାଳୀନ ସ୍ଥିତି ଘୋଷଣା କରାଯାଇଛି।

ପର୍ତ୍ତୁଗାଲରେ ମଙ୍ଗଳବାରଠାରୁ ବଢ଼ି ଚାଲିଥିବା ତାପମାତ୍ରା ସର୍ବାଧିକ ୪୭ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ସେହିପରି ସ୍ପେନ୍‌ରେ ୪୦ ଡିଗ୍ରୀ ଟପିଛି। ତାପମାତ୍ରାଜନିତ କାରଣରୁ ଉଭୟ ଦେଶରେ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ସ୍ପେନ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ପର୍ତ୍ତୁଗାଲର ଉତ୍ତର-ପୂର୍ବ ସହର ପୋର୍ଟୋ ଫାୟାର ହଟ୍‌ସ୍ପଟ୍ ପାଲଟିଛି। ଏଠାରେ ଜଙ୍ଗଲ ନିଆଁ ଯୋଗୁ ଚଳିତ ବର୍ଷ ପ୍ରାୟ ୭୫ ହଜାର ଏକର ଜମି ନଷ୍ଟ ହେଲାଣି, ଯାହା କି ୨୦୧୭ ପରଠାରୁ ସର୍ବାଧିକ। ଭୀଷଣ ତାପମାତ୍ରାରେ କେବଳ ପର୍ତ୍ତୁଗାଲରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହା ସବୁଦୃଷ୍ଟିରୁ ଭୟଙ୍କର ପରିସ୍ଥିତି ବୋଲି ପର୍ତ୍ତୁଗାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସି ଆଣ୍ଡ ଆଟ୍‌ମୋସ୍ଫିୟର (ଆଇପିଏମ୍ଏ) କହିଛି। ଭୂମଧ୍ୟସାଗରୀୟ ଅଞ୍ଚଳଗୁଡ଼ିକରେ ମଧ୍ୟ ସମାନ ସ୍ଥିତି। ଇଟାଲୀର ଦୀର୍ଘତମ ନଦୀ ପୋ ଭ୍ୟାଲି ଶୁଷ୍କ ହେବାରେ ଲାଗିଥିବାବେଳେ ସେଠାକାର ସରକାର ଜରୁରୀସ୍ଥିତି ଘୋଷଣା କରିଛନ୍ତି। ଉତ୍ତର ମରକ୍କୋର ବିଭିନ୍ନ ଗ୍ରାମରେ ଜଙ୍ଗଲ ନିଆଁ ବ୍ୟାପିଥିବାରୁ ସେଠାରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ଫ୍ରାନ୍ସରେ ଅଦ୍ୟାବଧି ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଟପିଥିବାବେଳେ ଆସନ୍ତା ସପ୍ତାହରେ ତାହା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଗ୍ରୀଷ୍ମଋତୁରେ ଲୋକେ ଛୁଟିକାଟିବାକୁ ୟୁରୋପୀୟ ଦେଶଗୁଡ଼ିକୁ ବୁଲି ଯାଉଥିବାବେଳେ ଏବେ ସେଠାରେ ପର୍ଯ୍ୟଟନ ପ୍ରଭାବିତ ହୋଇଛି। ସାଧାରଣତଃ ଏହି ଦେଶଗୁଡ଼ିକ ଗରମରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରି ନ ଥାନ୍ତି। କେବଳ ୟୁରୋପ ନୁହେଁ ସାରା ବିଶ୍ୱରେ ପ୍ରତିବର୍ଷ ତାପମାତ୍ରା ରେକର୍ଡ ଭାଙ୍ଗିବାରେ ଲାଗିଛି। ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ଜୀବଜଗତ ଭୋଗୁଛି। ଶିଳ୍ପ ଯୁଗ ଆରମ୍ଭ ହେବା ପରଠାରୁ ବିଶ୍ୱ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିସାରିଥିବାବେଳେ ସଚେତନ ଓ ସତର୍କତାମୂଳକ ପଦକ୍ଷେପ ନିଆ ନ ଗଲେ ଏହା ଆଗକୁ ଗମ୍ଭୀର ସମସ୍ୟାକୁ ଡାକିଆଣିବ।



ଫ୍ରାନ୍ସର ଲାଣ୍ଡିରାସ୍ ନିକଟ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ ପାଇଁ ପାଇପ୍ ଯୋଗେ ପାଣି ଛଡାଯାଉଛି।

## ଭୟଙ୍କର ଜଙ୍ଗଲ ନିଆଁ

ପ୍ରବଳ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହେଉଥିବା ସ୍ପେନ୍, ଜର୍ମାନୀ, ଫ୍ରାନ୍ସ, ପର୍ତ୍ତୁଗାଲ ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ନିଆଁ ଆୟତ୍ତ କରିବା କାଠିକର ପାଠ ହୋଇଛି। ୟୁରୋପିଆନ୍ ଫରେଷ୍ଟ ଫାୟାର ଇନ୍‌ଫରମେଶନ ସିଷ୍ଟମ୍ (ଇଏଫ୍ଏଫ୍ଆଇଏସ୍) ରିପୋର୍ଟ ଅନୁସାରେ ନିଆଁ ଲାଗି ୟୁରୋପରେ ୨୦୦୦ ମସିହା ପରେ ୨୦୨୧ରେ ଦ୍ୱିତୀୟ ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଛି। ଏଥିଯୋଗୁ ତୁର୍କୀରେ ୨୦୬,୦୧୩ ନିୟୁତ ହେକ୍ଟର ଜଙ୍ଗଲ ଜଳିଯାଇଥିବାବେଳେ ଇଟାଲୀରେ ୧୫୯,୫୩୭ ନିୟୁତ ଏବଂ ଆଲ୍‌ଜେରିଆରେ ୧୩୪,୨୭୩ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ୨୦୧୮ରେ କେନ୍ଦ୍ରୀୟ ଏବଂ ଉତ୍ତର ୟୁରୋପରେ ରେକର୍ଡ ସଂଖ୍ୟାରେ ଜଙ୍ଗଲ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁ ଏକ ଶତାବ୍ଦୀ ତଳେ ଥିବା ତାପମାତ୍ରା ୫ରୁ ୧୦ ଗୁଣା ବୃଦ୍ଧି ପାଇଛି। ବିଶ୍ୱତାପନ, ପାଣିପାଗରେ ମନୁଷ୍ୟକୃତ ହସ୍ତକ୍ଷେପ ଯୋଗୁ ଭୀଷଣ ଗରମ, ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିପର୍ଯ୍ୟୟ ବଢ଼ିଚାଲିଛି। ୟୁରୋପରେ ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଟପିବ ବୋଲି ଆକଳନ କରାଯାଇଥିବାବେଳେ କେତେକ ସ୍ଥାନରେ ଏହା ୪୭ ଡିଗ୍ରୀ ଛୁଇଁଛି।



ପର୍ତ୍ତୁଗାଲର ଆନ୍‌ସିଆଓ ନିକଟ ଲଗୋଆ ପରଡା ଗ୍ରାମରେ ନିଆଁ ଲିଭାଇ ଥକି ପଡିଥିବା ଅଗ୍ନିଶମ ବାହିନୀ କର୍ମଚାରୀମାନେ ପାଣି ପିଉଛନ୍ତି।

## ସଂକ୍ଷେପରେ

### ସେନା ହେଲିକପ୍ଟର ଦୁର୍ଘଟଣା: ୧୪ ମୃତ

**ମେକ୍ସିକୋ ସିଟି, ୧୬।୭:** ଉତ୍ତର-ପଶ୍ଚିମ ମେକ୍ସିକୋରେ ଶୁକ୍ରବାର ଏକ ବ୍ଲାକ୍ ହକ୍ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୪ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଗୁରୁତର ହୋଇଥିବା ଏକମାତ୍ର ବ୍ୟକ୍ତି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଡ୍ରଗ୍ସ କିଙ୍ଗପିନ୍ ରାଫେଲ କାରୋ କୁଇଣ୍ଟେରୋଙ୍କୁ ଗିରଫ କରାଯିବାର କିଛି ସମୟ ପରେ ଏହି ହେଲିକପ୍ଟର କ୍ରାଶ୍ ହୋଇଥିଲା। ୧୯୮୫ରେ ଆମେରିକାର ଜଣେ ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେଶନ (ଡିଇଏ)ର ଜଣେ ଅଧିକାରୀଙ୍କୁ ଅପହରଣ, ନିର୍ଯାତନା ଏବଂ ହତ୍ୟା ଅଭିଯୁକ୍ତ ରାଫେଲ ୱାଶିଂଟନ୍‌ର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିଲେ। ସିନାଲୋଆର ଚୋଇକ୍ସ ସହରରେ ମେକ୍ସିକୋ ନୌସେନା ରାଫେଲଙ୍କୁ ଗିରଫ କରିଛି।

### ରାଜନୈତିକ ବିରୋଧ ଶତ୍ରୁତା ପାଲଟିବା ସୁସ୍ଥ ଗଣତନ୍ତ୍ରର ସଙ୍କେତ ନୁହେଁ



ଜଷ୍ଟିସ୍ ଏନ୍. ଭି. ରମନା

**ଜୟପୁର, ୧୬।୭:** ରାଜନୈତିକ ବିରୋଧ ଶତ୍ରୁତାରେ ପରିଣତ ହେଉଛି, ଯାହା ଏକ ସୁସ୍ଥ ଗଣତନ୍ତ୍ରର ସଙ୍କେତ ନୁହେଁ ବୋଲି ଭାରତ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା ଶନିବାର କହିଛନ୍ତି। ପୂର୍ବରୁ ସରକାର ଓ ବିରୋଧୀଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ ରହୁଥିଲା। କିନ୍ତୁ ଏବେ ତାହା ହ୍ରାସ ହେବାରେ ଲାଗିଛି ବୋଲି ରାଜସ୍ଥାନ ବିଧାନସଭାରେ କମନ୍‌ୱେଲ୍‌ଥ ପାର୍ଲାମେଣ୍ଟାରୀ ଆସୋସିଏଶନ (ସିପିଏ) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଜେଆଇ ଏହା କହିଛନ୍ତି। ଏଥିସହ ବ୍ୟବସ୍ଥାପିକା ପ୍ରଦର୍ଶନର ଗୁଣବତ୍ତା ଉପରେ ମଧ ଜଷ୍ଟିସ୍ ରମନା ଚିନ୍ତା ବ୍ୟକ୍ତ କରିଛନ୍ତି। ଦେଶରେ ବ୍ୟବସ୍ଥାପିକା ପ୍ରଦର୍ଶନର ମାନ ହ୍ରାସ ପାଇବା ଦୁଃଖର କଥା। ବିସ୍ତୃତ ଭାବେ ବିଚାରବିମର୍ଶ ଏବଂ ଯାଞ୍ଚ ବିନା ଆଇନ ପ୍ରଣୟନ କରାଯାଉଥିବା ସିଜେଆଇ କହିଛନ୍ତି।

### ୩ ସହକର୍ମୀଙ୍କୁ ଗୁଳି ପରେ ଆତ୍ମହତ୍ୟା କଲେ ଯବାନ

**ନୂଆଦିଲ୍ଲୀ, ୧୬।୭:** ଜମ୍ମୁ-କଶ୍ମୀରର ଉଧମପୁର ଜିଲାସ୍ଥିତ ଏକ ଶିବିରରେ ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି)ର ଜଣେ ଯବାନ ଶନିବାର ଅପରାହ୍ନ ୩ଟା ୩୦ରେ ନିଜ ୩ ସହକର୍ମୀଙ୍କୁ ଗୁଳି କରିବା ପରେ ଆତ୍ମହତ୍ୟା କରିଛନ୍ତି। ଦେବିକା ଘାଟ କମ୍ୟୁନିଟି ସେଣ୍ଟରରେ କନଷ୍ଟେବଲ ଭୂପେନ୍ଦ୍ର ସିଂ ନିଜ ୩ ସହଯୋଗୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ଜଣେ ହେଡ୍ କନଷ୍ଟେବଲ ଓ ଅନ୍ୟ ୨ କନଷ୍ଟେବଲ ଆହତ ହୋଇଛନ୍ତି। ତିନିଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ପରେ ଭୂପେନ୍ଦ୍ର ନିଜ ଆଇଏନ୍ଏସ୍ଏଏସ୍ ସର୍ଭିସ ରାଇଫଲରେ ନିଜକୁ ଗୁଳି କରି ଟଳିପଡ଼ିଛନ୍ତି। ଅଷ୍ଟମ ବାଟାଲିୟନ୍‌ର ଏହି ଯବାନଙ୍କୁ ଦ୍ୱିତୀୟ ଆଡ୍-ହକ୍ ବାଟାଲିୟନ୍‌ର 'ଏଫ୍' କମ୍ପାନୀରେ ନିୟୋଜିତ କରାଯାଇଥିଲା। ସେ କେଉଁ କାରଣରୁ ଏପରି କାଣ୍ଡ ଭିଆଇଲେ ସ୍ପଷ୍ଟ କରିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# 'ଗୁଜରାଟ ଦଙ୍ଗା ପଛରେ କଂଗ୍ରେସ'

ଅହମଦାବାଦ/ନୂଆଦିଲ୍ଲୀ, ୧୬।୭

- ଅହମଦ ପଟେଲଙ୍କ ଜରିଆରେ ତୀସ୍ତାଙ୍କୁ ଦିଆଯାଇଥିଲା ଅର୍ଥ: ଏସ୍ଆଇଟି
- ମୋଦିଙ୍କ ବିରୋଧରେ ସୋନିଆ ରଚିଥିଲେ ଷଡ଼ଯନ୍ତ୍ର: ଭାଜପା
- ଅଭିଯୋଗକୁ ଖଣ୍ଡନ କଲେ ଅହମଦଙ୍କ ଝିଅ ମୁମତାଜ ପଟେଲ



ତୀସ୍ତା ସିତଲୱାଡ୍



ଅହମଦ ପଟେଲ



ମୁମତାଜ ପଟେଲ

୨୦୦୨ ଗୁଜରାଟ ଦଙ୍ଗା ପଛରେ କଂଗ୍ରେସର ହାତ ରହିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତତ୍କାଳୀନ ରାଜନୈତିକ ପରାମର୍ଶଦାତା ଅହମଦ ପଟେଲ (୨୦୨୦ରେ ମୃତ) ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫସାଇ ତାଙ୍କ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଅଭିଯୁକ୍ତ ତୀସ୍ତା ସିତଲୱାଡ୍, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାର ଏବଂ ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟଙ୍କୁ ୩୦ ଲକ୍ଷ ଟଙ୍କା ଦେଇଥିଲେ। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ପକ୍ଷରୁ ଦାଖଲ ସତ୍ୟପାଠରୁ ଏହି ବିଷୟ ପ୍ରଘଟ ହେବା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ଏହାକୁ ନେଇ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଭାଜପା ଏହି ଷଡ଼ଯନ୍ତ୍ର ପଛରେ ସୋନିଆଙ୍କ ପ୍ରତ୍ୟକ୍ଷ ଭୂମିକା ଥିବା ଦର୍ଶାଇ କଂଗ୍ରେସକୁ ଟାର୍ଗେଟ କରିଛି। ଅନ୍ୟପକ୍ଷେ ବିରୋଧୀ ଦଳ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସୁଚିନ୍ତିତ ରଣନୀତି ବୋଲି ସମାଲୋଚନା କରିଛି। ଆସନ୍ତା ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରା ରେଳ ଷ୍ଟେଶନରେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଏଥିରେ ୫୮ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟବ୍ୟାପୀ ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ୨୮ ତାରିଖରେ ଅହମଦାବାଦର ଗୁଲବର୍ଗ ସୋସାଇଟିରେ ଘଟିଥିବା ହିଂସାକାଣ୍ଡରେ ପ୍ରାଣ ହରାଇଥିବା ୬୯ ମୃତକଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଏମ୍‌ପି ଏହସାନ ଜାଫ୍ରି ଥିଲେ। ଏହି ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୬୪ ଅଭିଯୁକ୍ତଙ୍କୁ ଏସ୍ଆଇଟି କ୍ଲିନ୍‌ଚିଟ୍ ଦେବା ପରେ ଏହସାନଙ୍କ ବିଧବା ସ୍ତ୍ରୀ ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗତ ମାସରେ ସୁପ୍ରିମକୋର୍ଟ ଜାକିଆଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ମୋଦି ସରକାରଙ୍କୁ ବଦନାମ କରିବା ପାଇଁ ଏହି ଦଙ୍ଗା ଭିଆଯାଇଥିଲା ଏବଂ ଏଥିପାଇଁ ତୀସ୍ତା ଜାଲିଆତି କରିଥିବା ସୁପ୍ରିମକୋର୍ଟ ଦର୍ଶାଇଥିଲେ। ଏହା ପରେ ଅହମଦାବାଦର ଏକ ମେଟ୍ରୋପଲିଟାନ୍ କୋର୍ଟ ତୀସ୍ତା ଓ ଶ୍ରୀକୁମାରଙ୍କୁ ଗତ ୨ ତାରିଖରେ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିଲେ। ପୂର୍ବତନ ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟଙ୍କୁ ଗତ ମଙ୍ଗଳବାର ଅହମଦାବାଦ ପୋଲିସର କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା।

ଇତିମଧ୍ୟରେ ତୀସ୍ତା ଏବଂ ଶ୍ରୀକୁମାରଙ୍କ ଆପରାଧିକ ଷଡ଼ଯନ୍ତ୍ର ତଥା ଜାଲିଆତିର ତଦନ୍ତ ପାଇଁ ଗଠିତ ଏସ୍ଆଇଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସେସନ୍ସ କୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ତଦନ୍ତକାରୀ ଟିମ୍‌ର ଏସିପି ବି.ସି. ସୋଲାଙ୍କିଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଏହାକୁ ଦାଖଲ କରି ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଆବେଦନକୁ ବିରୋଧ କରିଛନ୍ତି। ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି ଯେ, ଅଭିଯୁକ୍ତମାନେ କଂଗ୍ରେସଠାରୁ ବେଆଇନ ଭାବେ ଟଙ୍କା ଓ ଅନ୍ୟ ସୁବିଧା ହାତେଇବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ରରେ ସାମିଲ ହୋଇଥିଲେ। କଂଗ୍ରେସ ନେତା ଅହମଦ ପଟେଲଙ୍କୁ ଅନେକ ଥର ଭେଟିଥିଲେ। ସେମାନେ ତାଙ୍କଠାରୁ ପ୍ରଥମେ ୫ ଲକ୍ଷ ଓ ଏହାର ଦୁଇଦିନ ପରେ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏପରି କି ସେତେବେଳେ ଦିଲ୍ଲୀରେ କ୍ଷମତାସୀନ କଂଗ୍ରେସର ପ୍ରମୁଖ ଜାତୀୟ ନେତାମାନଙ୍କୁ ତୀସ୍ତା ଭେଟିଥିଲେ। ଗୁଜରାଟର ଭାଜପା ସରକାରରେ ସାମିଲ ଥିବା ନେତାମାନଙ୍କୁ ଫସାଇବା ପାଇଁ ଅହମଦଙ୍କ ଇଙ୍ଗିତରେ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ତୀସ୍ତାଙ୍କୁ ଏଥିପାଇଁ ରାଜ୍ୟ ସଭା ଟିକେଟ ମଧ ଦେବା ଲାଗି କଂଗ୍ରେସ ପ୍ରତିଶ୍ରୁତି ଦେଇଥିଲା ବୋଲି ଏସ୍ଆଇଟି ପକ୍ଷରୁ କୁହାଯାଇଛି। ଏହା ଉପରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରେସ୍ କନ୍‌ଫରେନ୍ସ କରି ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଦାବି କରିଛନ୍ତି। କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଏହାକୁ ଖଣ୍ଡନ କରି କହିଛନ୍ତି, ସାମ୍ପ୍ରଦାୟିକ ଦଙ୍ଗା ଷଡ଼ଯନ୍ତ୍ରରୁ ମୋଦିଙ୍କ ଉତ୍ତରଦାୟିତ୍ୱ ଖସାଇବା ପାଇଁ ଏହା ଭାଜପାର ଏକ ଷଡ଼ଯନ୍ତ୍ର। ପ୍ରଧାନମନ୍ତ୍ରୀଙ୍କ ପ୍ରତିଶୋଧ ରାଜନୀତିର ମେଶିନ ଜଣେ ପରଲୋକଗତ ନେତାଙ୍କୁ ମଧ ଛାଡୁନାହିଁ। ଅହମଦ ପଟେଲଙ୍କ ଝିଅ ମୁମତାଜ ପଟେଲ କହିଛନ୍ତି, ବିରୋଧୀ ଦଳକୁ ବଦନାମ କରିବା ପାଇଁ ବାପାଙ୍କ ନାମକୁ ବ୍ୟବହାର କରାଯିବା ମୃତ୍ୟୁ ପରେ ବି ତାଙ୍କ ପ୍ରାସଙ୍ଗିକତାକୁ ଦର୍ଶାଉଛି।

## ଜମାଲ ଖାସୋଗୀ ହତ୍ୟାକାଣ୍ଡ

### ସାଉଦି ପ୍ରିନ୍ସଙ୍କୁ ଦାୟୀ କଲେ ବାଇଡେନ୍



ଜେଦାହ, ୧୬।୭

'ୱାଶିଂଟନ୍ ପୋଷ୍ଟ' ସାମ୍ବାଦିକ ଜମାଲ ଖାସୋଗୀଙ୍କ ହତ୍ୟା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶୁକ୍ରବାର ସାଉଦି ଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କୁ ଦାୟୀ କରିଛନ୍ତି। ବାଇଡେନ୍ ଇସ୍ରାଏଲ ପରେ ସାଉଦିଆରବ ଗସ୍ତ କରି ପ୍ରିନ୍ସ ସଲମାନ୍‌ଙ୍କୁ ଭେଟିଥିଲେ। ଜେଦାହରେ ସାକ୍ଷାତ ପରେ ବାଇଡେନ୍ କହିଥିଲେ, ସେ ମାନବାଧିକାରକୁ ସର୍ବଦା ପ୍ରାଥମିକତା ଦେଉଥିବାରୁ ଖସୋଗୀଙ୍କ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ପ୍ରକାଶଯେ, ସାଉଦି ଶାସକଙ୍କ ସମାଲୋଚକ ଭାବେ ଜଣାଶୁଣା ଖାସୋଗୀଙ୍କୁ ୨୦୧୮ରେ ଇସ୍ତାନବୁଲ କନ୍‌ସୁଲେଟରେ ହତ୍ୟା କରାଯାଇଥିଲା। କ୍ରାଉନ୍ ପ୍ରିନ୍ସ ସଲ୍‌ମାନ ତାଙ୍କୁ ହତ୍ୟା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଅପରେଶନ ଚଳାଇଥିଲେ ବୋଲି ଆମେରିକା ଗୋଇନ୍ଦା ବିଭାଗ କହିଥିଲା।

## ଚର୍ଚ୍ଚାରେ ଶ୍ରୀଲଙ୍କା ଯୁବତୀ



**କଲମ୍ବୋ:** ଶ୍ରୀଲଙ୍କା ଏବେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଦାବିରେ କିଛିଦିନ ପୂର୍ବେ ଅସନ୍ତୁଷ୍ଟ ଦେଶବାସୀ ରାଷ୍ଟ୍ରପତିଙ୍କ ବାସ ଭବନରେ ଧସେଇ ପଶିବା ସହ ସେଠାରେ ଦିନ କାଟିଥିଲେ। ଦେଶରେ ଖାଦ୍ୟ ଓ ଇନ୍ଧନର ବ୍ୟାପକ ସଙ୍କଟ ପାଇଁ ଲୋକେ ସରକାରଙ୍କ ବିରୋଧରେ ପ୍ରତିବାଦ କରୁଥିବାବେଳେ ଜଣେ ଯୁବତୀ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟିଛନ୍ତି । ବିକ୍ଷୋଭ ପ୍ରଦର୍ଶନ ବେଳେ ମଧୁହଂସି ହସିନଥାରା ନାମରେ ଜଣେ ଯୁବତୀ ରାଷ୍ଟ୍ରପତି ଭବନରେ ବୁଲି ଉତ୍ତୋଳନ କରିଥିବା କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ରାଷ୍ଟ୍ରପତିଙ୍କ କାର୍‌ଠାରୁ ଆରମ୍ଭ କରି ବଗିଚା, ବେଡ୍, ଚେୟାରରେ ବସି ମଧୁହଂସି ଏକାଧିକ ଫଟୋ ନିଜେ ଫେସ୍‌ବୁକ୍‌ରେ ଛାଡ଼ିଛନ୍ତି। ତେବେ ଏହି ଫଟୋକୁ ନେଇ ସୋସିଆଲ ମିଡିଆ ୟୁଜର ଏବେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ଶ୍ରୀଲଙ୍କାର ଆଗାମୀ ରାଷ୍ଟ୍ରପତି ବୋଲି କେତେ ୟୁଜର ଲେଖିଛନ୍ତି ତ ଆଉ କେତେ ୟୁଜର ରାଷ୍ଟ୍ରପତି ଭବନକୁ ପର୍ଯ୍ୟଟନ ସ୍ଥଳୀର ଆଖ୍ୟା ଦେଇଛନ୍ତି। ୨୦ ହଜାର ଲୋକ ଫଟୋଗୁଡ଼ିକୁ ଲାଇକ୍ କରିବା ସହ ହଜାର ସଂଖ୍ୟାରେ ୟୁଜର କମେଣ୍ଟ ଦେବାରେ ଲାଗିଛନ୍ତି।

## ଫୁରସତ୍

### ଘୁଞ୍ଚିଲା 'ଶେହଜାଦା'ର ରିଲିଜ୍ ତାରିଖ

ମୁମ୍ବାଇ

କାର୍ତ୍ତିକ ଆର୍ଯ୍ୟନଙ୍କ ଆଗାମୀ ଫିଲ୍ମ ଶେହଜାଦା ଆସନ୍ତା ବର୍ଷ ଫେବୃୟାରୀ ୧୦ ତାରିଖରେ ରିଲିଜ୍ ହେବ। ପୂର୍ବରୁ ଫିଲ୍ମ ନିର୍ମାଣକାରୀ ସଂସ୍ଥା ଶେହଜାନାକୁ ଚଳିତବର୍ଷ ନଭେମ୍ବର ୪ରେ ରିଲିଜ୍ କରିବା ପାଇଁ ଘୋଷଣା କରିଥିଲେ। ଏ ନେଇ ବଲିଉଡ୍‌ର ଏହି ଚକ୍‌ଲୋଟି ହିରୋ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଫିଲ୍ମ ବାବଦରେ ସୂଚନା ଦେଇଛନ୍ତି। ଫିଲ୍ମରେ କାର୍ତ୍ତିକଙ୍କ ଅପୋଜିଟ୍‌ରେ କ୍ରିତି ସନୋନ୍ ନଜରକୁ ଆସିବେ । ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଷ୍ଟାଇଲିସ୍ ହିରୋ ଅଲ୍ଲୁ ଅର୍ଜୁନଙ୍କ ସୁପରହିଟ୍ ଫିଲ୍ମ 'ଆଲା ଭାଇକୁଣ୍ଠପୁରାମାଲୁ'ର ରିମେକ୍। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ଧୱନ ଏବଂ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଭୂଷଣ କୁମାର, କ୍ରିଷନ କୁମାର, ଅଲ୍ଲୁ ଅରବିନ୍ଦ, ଏସ୍ ରାଧା କ୍ରିଷ୍ଣନ ଏବଂ ଅମନ ଗିଲ୍। ଶେହଜାଦାରେ ମନୀଷା କୋଇରାଲା, ପରେଶ ରାୱଲ, ରୋନିତ ରାୟ ଏବଂ ସଚିନ ଖେଦକର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



କାର୍ତ୍ତିକ ଆର୍ଯ୍ୟନ

## ଶାନ୍ତି ପାଇଁ ନ୍ୟାୟ ଅପରିହାର୍ଯ୍ୟ

### ଅନ୍ତର୍ଜାତୀୟ ନ୍ୟାୟ ଦିବସ



**ସ**ଭ୍ୟ ମଣିଷ ସାମାଜିକ ଜୀବନ ବିତାଇବା ଆରମ୍ଭ କରିବା ସହିତ ବିଭିନ୍ନ ଅପରାଧ ସୃଷ୍ଟି ହୋଇଥିଲା। ସମାଜରେ ଶାନ୍ତି ବଜାୟ ରଖିବା ପାଇଁ ଅପରାଧକୁ ଦୂରେଇବା ଜରୁରୀ ହୋଇପଡ଼ିଥିଲା। ଏହାର ପରବର୍ତ୍ତୀ ସମୟରେ ଅପରାଧୀଙ୍କ ପ୍ରତି ଦଣ୍ଡବିଧାନ ପାଇଁ ସାମଗ୍ରିକ ବ୍ୟବସ୍ଥାରେ ନ୍ୟାୟିକ ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା। ସମାଜରେ ଶାନ୍ତି ସ୍ଥାପନ ପାଇଁ ନ୍ୟାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ହୃଦ୍‌ବୋଧ ହୋଇଥିଲା। ସମାଜରେ ନ୍ୟାୟିକ ବ୍ୟବସ୍ଥା ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୧୭ରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇଥାଏ। ଏହାକୁ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ଦିବସ ମଧ କୁହାଯାଏ। ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ସଭିଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ୧ ଜୁନ ୨୦୧୦ରେ ଉଗାଣ୍ଡାର କାମ୍ପାଲାରେ ଆୟୋଜିତ ରୋମ ଷ୍ଟାଚ୍ୟୁଟର ସମୀକ୍ଷା ସମ୍ମିଳନୀରେ ୧୭ ଜୁଲାଇକୁ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ପରଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୬୬,୫୭,୨୩୪ | ୬୩,୮୬,୨୬୩ | ୫୩,୭୮,୬୨,୦୨୫ |
| ଭାରତ | ୪,୩୭,୩୦,୦୭୧ | ୫,୨୫,୬୬୦ | ୪,୩୦,୬୩,୬୫୧ |
| ଓଡ଼ିଶା | ୧୨,୯୮,୨୪୦ | ୯୧୨୮(+୫୩) | ୧୨,୮୪,୨୩୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଆଜି ଆଇସିଏସ୍‌ଇ ଦଶମ ରେଜଲ୍ଟ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ ରବିବାର ଅପରାହ୍ଣ ୫ଟାରେ ପ୍ରକାଶ ପାଇବ। ଏ ନେଇ ଶନିବାର ସିଆଇଏସ୍‌ସିଇ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ୱେବ୍‌ସାଇଟ୍ www.cisce.orgରେ ଆବଶ୍ୟକ ତଥ୍ୟ ଦେଇ ନିଜ ରେଜଲ୍ଟ ଜାଣିପାରିବେ। ଏଥିସହ ୦୯୨୪୮୦୮୨୮୮୩ ନମ୍ବରକୁ ଏସ୍‌ଏମ୍‌ଏସ୍ କରି ମଧ୍ୟ ରେଜଲ୍ଟ ପାଇପାରିବେ। ଚଳିତବର୍ଷ ସିଆଇଏସ୍‌ସିଇ ପକ୍ଷରୁ ଆଇସିଏସ୍‌ଇ ଦଶମର ଦୁଇଟି ସେମିଷ୍ଟର ପରୀକ୍ଷା ହୋଇଥିଲା। ନଭେମ୍ବର-ଡିସେମ୍ବରରେ ସେମିଷ୍ଟର-୧ ଓ ଏପ୍ରିଲ-ମେରେ ସେମିଷ୍ଟର-୨ ଅନୁଷ୍ଠିତ ହୋଇଥିଲା। ଦୁଇଟି ସେମିଷ୍ଟରର ରେଜଲ୍ଟ ଏବଂ ପ୍ରୋଜେକ୍ଟ (ଇଣ୍ଟରନାଲ ଆସେସମେଣ୍ଟ)କୁ ଆଧାର କରି ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ଦୁଇଟି ଯାକ ସେମିଷ୍ଟର ଦେଇଥିବା ଜରୁରୀ। ଯଦି କୌଣସି ଛାତ୍ରୀଛାତ୍ର ସେମିଷ୍ଟର-୧ କିମ୍ବା ୨ ଦେଇ ନ ଥିବେ ତେବେ ସେମାନଙ୍କର ରେଜଲ୍ଟ ବାହାରି ପାରିବ ନାହିଁ ବୋଲି ସିଆଇଏସ୍‌ସିଇ ପକ୍ଷରୁ କୁହାଯାଇଛି।

# ଆଉ ୨ଦିନ ବର୍ଷିବ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ଉପକୂଳ ଓଡ଼ିଶାରେ ଲଘୁଚାପ ସକ୍ରିୟ ରହିଥିବାରୁ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏପରିକି କେତେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ଯାତାୟାତ ଠପ୍ ହୋଇଯାଇଛି ଓ ନଦୀରେ ପାଣି ମଧ ବଢ଼ିଛି। ଆସନ୍ତା ୨ଦିନ ଏହିଭଳି ବର୍ଷା ଲାଗି ରହିବ। ତେଣୁ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଏବଂ ସୋମବାର ରାୟଗଡ଼ା, ଗଜପତି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ।




# ମହାନଦୀ ବିବାଦ: ସାକ୍ଷୀଙ୍କ ସତ୍ୟପାଠ ଦାଖଲ

**ନୂଆଦିଲ୍ଲୀ, ୧୬।୭**



- ଅଗଷ୍ଟ ୨୭ରେ ପରବର୍ତ୍ତୀ ଶୁଣାଣି
- ସାକ୍ଷୀ ତାଲିକାରେ ଓଡ଼ିଶାର ୯, ଛତିଶଗଡ଼ର ୮
- ୪ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ ମଧ୍ୟପ୍ରଦେଶକୁ ନିର୍ଦ୍ଦେଶ

ମହାନଦୀ ଜଳ ବିବାଦକୁ ନେଇ ଚାଲିଥିବା ମାମଲାରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଛି। ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ସେମାନଙ୍କ ସତ୍ୟପାଠ ଦାଖଲ କରିଛନ୍ତି। ଓଡ଼ିଶା ପକ୍ଷରୁ ଭୂତଳ ଜଳ ସମ୍ପର୍କରେ ବିଶେଷଜ୍ଞଙ୍କ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇଥିବାବେଳେ ଛତିଶଗଡ଼ କୃଷି ବିଶେଷଜ୍ଞଙ୍କ ସତ୍ୟପାଠ ଦାଖଲ କରିଛି। ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍. ଖାନୱିଲକରଙ୍କ ନେତୃତ୍ୱରେ ଗଠିତ ଟ୍ରିବ୍ୟୁନାଲ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୭ରେ ହେବ। ସେହିଦିନ ସାକ୍ଷୀଙ୍କ ଉପସ୍ଥିତିରେ ସାକ୍ଷ୍ୟ ଗ୍ରହଣ କରାଯିବାର ରହିଛି। ଏହି ସମୟ ମଧ୍ୟରେ ଉଭୟ ରାଜ୍ୟ କେନ୍ଦ୍ରୀୟ ସଂସ୍ଥା ନିକଟରୁ କୌଣସି ତଥ୍ୟ ଆବଶ୍ୟକ କରିବାକୁ ଚାହିଁଲେ, ଅନ୍ତରୀଣ ଆବେଦନ କରିପାରିବେ।

ଶନିବାର ଏହି ଜଳ ବିବାଦ ମାମଲାର ଶୁଣାଣି ସମୟରେ ମହାନଦୀର ଅବବାହିକା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟପ୍ରଦେଶ ଦେଉନାହିଁ ବୋଲି ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ନିକଟରେ ଜଣାଇଥିଲେ। ଏହାପରେ ଟ୍ରିବ୍ୟୁନାଲ ଛତିଶଗଡ଼କୁ ତଥ୍ୟ ପ୍ରଦାନ କରିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ୪ସପ୍ତାହ ସମୟ ଦେଇଛନ୍ତି। ପୂର୍ବରୁ ମାର୍ଚ୍ଚରେ ଟ୍ରିବ୍ୟୁନାଲ ଉଭୟ ଓଡ଼ିଶା ଏବଂ ଛତିଶଗଡ଼କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଓଡ଼ିଶା ପକ୍ଷରୁ ୯ଜଣଙ୍କ ସାକ୍ଷୀ ତାଲିକା ଦିଆଯାଇଥିବାବେଳେ ଛତିଶଗଡ଼ ୮ଜଣଙ୍କ ତାଲିକା ପ୍ରଦାନ କରିଛି। ସୂଚନାଯୋଗ୍ୟ ମହାନଦୀ ଜଳ ବିବାଦକୁ ନେଇ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ବ୍ୟାରେଜ ନିର୍ମାଣ କରି ଓଡ଼ିଶାକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଛି। ଏଣୁ ମହାନଦୀରେ ଛତିଶଗଡ଼ର ବ୍ୟାରେଜ ନିର୍ମାଣ ଏବଂ ଏହାର ପରିଚାଳନା ଉପରେ ସ୍ଥଗିତାଦେଶ ଜାରି କରିବା ସହ ନଭେମ୍ବରରୁ ମେ' ମାସ ଅଣମୌସୁମୀ ସମୟରେ ନିର୍ଦ୍ଧାରିତ ପରିମାଣର ଜଳ ଛାଡ଼ିବାକୁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶା ଆବେଦନ କରିଛି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଜ୍ୟ ସରକାର ଶନିବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ରଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ପ୍ରତାପ କୁମାର ମିଶ୍ରଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ବିଭୂତିଭୂଷଣ ମିଶ୍ରଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଓ ପ୍ରଦୀପ କୁମାର ନାୟକ-୨ଙ୍କୁ ବୋର୍ଡ ଅଫ୍ ରେଭିନ୍ୟୁଙ୍କ ଭୁବନେଶ୍ୱରସ୍ଥିତ ଅତିରିକ୍ତ ଡିଭିଜନାଲ କୋର୍ଟରେ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ବରିଷ୍ଠ ଓଏଏସ୍ ଅଫିସର ଧରଣୀଧର ନନ୍ଦଙ୍କୁ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ଏବେ ମହିଳା ଓ ଶିଶୁକଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଢେଙ୍କାନାଳ ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।



**ଆଜିର ମନ୍ତବ୍ୟ**

" ବିଚାରପତି ଓ ଅମଲାତନ୍ତ୍ରୀମାନେ ଅବସର ପରବର୍ତ୍ତୀ ମହତ୍ତ୍ୱାକାଂକ୍ଷାକୁ ନେଇ ଚିନ୍ତିତ ହେବା ପରିବର୍ତ୍ତେ ଦେଶସେବାରେ ନିଜକୁ ନିୟୋଜିତ କରିବା ଉଚିତ। **-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ରାନୀ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ି ଗଡ଼ି ଗଲା ବେଲ;**
**ଉଚ୍ଚ ପିଣ୍ଡା ଦେଖି ଶରଧା କଲ ହେ ନନା!**
**ଜଳନ୍ତା ଜୁଇରେ ଦେଲ।**

ସାଧାରଣତଃ ପିତାମାତା ତାଙ୍କ ଝିଅର ସୁଖଦ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭଲ ଘରେ ବିଭା ଦେବା ଲାଗି ମନ ବଳାଇଥାନ୍ତି। ପରନ୍ତୁ କିଛି ଯୌତୁକ ଲୋଭୀ ପରିବାର ଆହୁରି ଅଧିକ ପାଇବା ଆଶାରେ କନ୍ୟା ଉପରେ ଅତ୍ୟାଚାର କରିବସୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ଏକ ବଡ଼ ଘରେ ବିଭା ହୋଇଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗାମୁଛା ନ ଥାଇ କି ସ୍ନାହାନ,**
**ଆଦର ନ ଥାଇ କି ଭୋଜନ।**

ସ୍ନାନ ବେଳେ ଗାମୁଛା ଖଣ୍ଡେ ନଥିଲେ ସ୍ନାନ ଶାନ୍ତିକର ଲାଗେନାହିଁ। ସେହିପରି ଆଦର ବିନା ବନ୍ଧୁତାର ଆନ୍ତରିକତା ପରିସ୍ଫୁଟ ହୁଏନାହିଁ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରସ୍ତାବ ଆସିଲେ ଅନୁଧ୍ୟାନ କରି ପଦକ୍ଷେପ: ମନ୍ତ୍ରୀ

**ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗ**

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ଶ୍ରୀମନ୍ଦିର ରତ୍ନ ଭଣ୍ଡାର କେବେ ଖୋଲିବ ସେନେଇ ସବୁବେଳେ ଚର୍ଚ୍ଚା ଆଲୋଚନା ଲାଗି ରହିଥିବା ବେଳେ ଏନେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ତାଙ୍କ ଉତ୍ତର ରଖିଛନ୍ତି। ତେବେ ଭାଜପା ବିଧାୟକ ମୋହନ ଚରଣ ମାଝୀ ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଏଥିରେ ସୁନା, ଗହଣାର ହିସାବ ସମ୍ପର୍କରେ ମଧ୍ୟ ମନ୍ତ୍ରୀଙ୍କ ଉତ୍ତର ଲୋଡିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ସାରକା କହିଛନ୍ତି, ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଚାବି ଖୋଲି ସେଥିରେ କେତେ ପରିମାଣର ସୁନା, ରୂପା, ହୀରା ଓ ଅନ୍ୟାନ୍ୟ ରତ୍ନାଦି ରହିଛି ତାହା ସୁମାରି କରିବାକୁ ପ୍ରସ୍ତାବ ଆସିବା ପରେ ଯାଇ ଅନୁଧ୍ୟାନ କରାଯିବା ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ମହାପ୍ରଭୁଙ୍କ ନାଁରେ ଓଡିଶାର ୨୪ ଜିଲାରେ ମୋଟ ୬୦,୪୨୬.୯୪୩ ଏକର ଜମି ରହିଛି। ଯାହା ମଧ୍ୟରୁ ୩୪୩.୬୫୬ ଏକର ଜମି ବିକ୍ରୟ କରାଯାଇଥିବା ବେଳେ ୭୬୫.୫୦୫୫ ଏକର ଜମି ବିଭିନ୍ନ ପ୍ରକଳ୍ପ ପାଇଁ ଭୂ-ଅଧିଗ୍ରହଣ ହୋଇଛି। ଆଉ ଏଥିରୁ ମିଳିଥିବା ଅର୍ଥ ଶ୍ରୀମନ୍ଦିର ପାଣ୍ଠିରେ ଜମା କରାଯାଇଛି। ଏହାଛଡା ରାଜ୍ୟ ମଧ୍ୟରେ ଥିବା ଜମିଜମାରୁ ରାଜଭାଗ, ଖଣି, ତୋଟାବଗିଚା ଓ ଖମାରରୁ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୬୧,୭୩,୭୫,୪୯୭ ଟଙ୍କା ଆୟ ହୋଇଛି। ଓଡିଶା ବାହାରେ ଥିବା ଜମିଜମାରୁ ୧୧,୩୭୫ ଟଙ୍କା ରାଜଭାଗ ବାବଦକୁ ଆଦାୟ ହୋଇ ଶ୍ରୀମନ୍ଦିର ପାଣ୍ଠିରେ ଜମା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବୀମା କମ୍ପାନୀ ...

ଯେଉଁମାନେ ଋଣ ଶୁଝିନାହାନ୍ତି, ସରକାର ସେମାନଙ୍କୁ ତୁରନ୍ତ ଋଣ ଦିଅନ୍ତୁ ବୋଲି ନରସିଂହ ଦାବି କରିଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଲେ, ୨୦୧୫ରେ କେନ୍ଦ୍ର ସରକାର ଚାଷୀଙ୍କୁ ଫସଲ ନଷ୍ଟ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କାର୍ଯ୍ୟକାରୀ କଲେ। ବୀମା କମ୍ପାନୀ ସହ କେନ୍ଦ୍ର ସରକାରଙ୍କର କୌଣସି ସମ୍ପର୍କ ନାହିଁ। ଜିଲାସ୍ତରରେ ଟେଣ୍ଡର କରାଯାଇ ବୀମା କମ୍ପାନୀଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ୧୧ଟା କ୍ଲାଇମେଟିକ ଜୋନ୍ କରାଯାଇଥିବା ବେଳେ ୬ଟି କ୍ଲଷ୍ଟର କରାଯାଇଛି। ଓଡ଼ିଶା ସରକାର ଓ ବୀମା କମ୍ପାନୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ସାରା ରାଜ୍ୟରେ ୫୮ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଭାଜପା ସଭ୍ୟ ନାଉରୀ ନାୟକ, ସୁବାସ ପାଣିଗ୍ରାହୀ ବୀମା ଓ ଋଣକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ବ୍ୟାପକ ଦୁର୍ନୀତି ଯୋଗୁ ଯୋଗ୍ୟ ଚାଷୀ ବୀମା ପାଇବାରୁ ବଞ୍ଚିତ ହେଉଛନ୍ତି। ୪୭% ଚାଷୀ ଋଣଚିନ୍ତାରେ ପଡିଛନ୍ତି। ଚାଷୀଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଭୂପିନ୍ଦର ସିଂହ, ପ୍ରଫୁଲ୍ଲ ସାମଲ, ଦେବେଶ ଆଚାର୍ଯ୍ୟ, ରାଜକିଶୋର ଦାସ ପ୍ରମୁଖ କହିଥିଲେ ଯେ, ଜାତୀୟସ୍ତରରେ ୧୭% ଚାଷୀ ସମବାୟ ଓ ଅନ୍ୟାନ୍ୟ ବ୍ୟାଙ୍କ ଜରିଆରେ ଋଣ ପାଉଥିବା ବେଳେ ଓଡ଼ିଶାରେ ୬୦% ଚାଷୀ ଋଣ ପାଉଛନ୍ତି। ୨୦୧୭-୧୮ରେ ରାଜ୍ୟରେ ଚାଷୀଙ୍କୁ ୧୧ ହଜାର କୋଟି ଋଣ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଏବେ ଏହା ୧୬ ହଜାର କୋଟିରେ ପହଞ୍ଚିଲାଣି। ଚାଷୀମାନେ କିପରି ବୀମା ପାଇପାରିବେ ସରକାର ଉଦ୍ୟମ କରନ୍ତୁ।

ଉତ୍ତରରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ରାଜ୍ୟରେ କୃଷିର ବିକାଶ ହେଉ ନ ଥିଲେ ରାଜ୍ୟ ସରକାର ବାରମ୍ବାର କୃଷି କର୍ମଣ ପୁରସ୍କାର ପାଉ ନ ଥା'ନ୍ତେ। ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇନାହାନ୍ତି। ସେମାନେ କିପରି ପାଇବେ ସେ ନେଇ ସରକାର ବ୍ୟବସ୍ଥା କରୁଛନ୍ତି। ରାଜ୍ୟରେ ଚାଷୀମାନଙ୍କୁ କୃଷିଋଣ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୧୭-୧୮ରେ ୩୦.୭୪ ଲକ୍ଷ ଚାଷୀଙ୍କୁ ୧୧ ହଜାର କୋଟି, ୨୦୧୮-୧୯ରେ ୩୩.୬୧ ଲକ୍ଷ ଚାଷୀଙ୍କୁ ୧୨,୮୧୦ କୋଟି, ୨୦୧୯-୨୦ରେ ୩୪.୪୦ ଲକ୍ଷ ଚାଷୀଙ୍କୁ ୧୫,୧୮୯ କୋଟି ଏବଂ ୨୦୨୦-୨୧ରେ ୩୪.୬୪ ଲକ୍ଷ ଚାଷୀଙ୍କୁ ୧୬,୦୯୪ କୋଟି ଟଙ୍କାର ଶସ୍ୟଋଣ ଦିଆଯାଇଛି। ଚଳିତ ଖରିଫ ଋତୁରେ ୯ ହଜାର କୋଟି ଟଙ୍କା ଋଣଦେବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୧୧.୫୮ ଲକ୍ଷ ଚାଷୀଙ୍କୁ ୫,୪୫୩ କୋଟି ଟଙ୍କା କୃଷି ଋଣ ଯୋଗାଇ ଦିଆଯାଇଛି। ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧ କରି ବିରୋଧୀ ଦଳ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

## ଧନକର ଏନ୍‌ଡିଏ ...

ପ୍ରତ୍ୟାହାର ଶେଷ ଦିନ। ଏହାକୁ ଦୃଷ୍ଟିରେ ରଖି ଶନିବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ସଂସଦୀୟ ଦଳ ବୈଠକ ବସିଥିଲା। ଉକ୍ତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉପସ୍ଥିତ ରହି ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମକୁ ନେଇ ଆଲୋଚନା କରିଥିଲେ। ଶେଷରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକରଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ଏନେଇ ନଡ୍ଡା କହିଛନ୍ତି, ଧନକର ଜଣେ 'କୃଷକଙ୍କ ପୁଅ', ଯିଏକି ନିଜକୁ ଲୋକଙ୍କ ରାଜ୍ୟପାଳ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜନସେବାରେ ନିୟୋଜିତ ଧନକରଙ୍କ ଜୀବନ କାହାଣୀ ଏକ ନୂଆ ଭାରତର ଆବେଗ ପ୍ରତିଫଳିତ ହୋଇଥାଏ। ଏହା ପୂର୍ବରୁ ଧନକର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ୍ କରିଥିଲେ। ନାମ ଘୋଷଣା ପରେ ମୋଦି ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୃଷକ, ଯୁବପିଢ଼ି, ମହିଳା ଓ ବଞ୍ଚିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସିଥିବା ଅନୁଭବୀ ନେତା ଧନକର ଆମର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ଆମେ ଗର୍ବିତ ବୋଲି ମୋଦି କହିଛନ୍ତି।

ପ୍ରକାଶ ଯେ, ଧନକର ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ତାଙ୍କର ଅହି ନକୁଳ ସମ୍ପର୍କ ରହିଆସିଛି। ସେ ମମତାଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଘେରି ଅଡୁଆରେ ପକାଇବାକୁ ଉଦ୍ୟମ କରିଥାଆନ୍ତି। ତେଣୁ ଭାଜପା ଧନକରଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରି ପୁରସ୍କୃତ କରିଥିବା କୁହାଯାଉଛି। ୧୯୫୧ ମେ' ୧୮ରେ ରାଜସ୍ଥାନର କିଥାନା ଗ୍ରାମରେ ଜନ୍ମିତ ଧନକର ଚିତ୍ତୋରଗଡ଼ ସୈନିକ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ। ପରେ ଉଦୟପୁରସ୍ଥିତ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ୧୯୮୯-୯୧ରେ ଜନତା ଦଳ ଟିକେଟରେ ଝୁନ୍‌ଝୁନୁ ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରିଥିଲେ। ୧୯୯୩-୯୮ରେ କିଷାନଗଡ଼ ବିଧାନସଭା ବିଧାୟକ ଥିଲେ।

## ମହିଳା ଇନ୍ସପେକ୍ଟର ...

ଭତ୍ତା ପାଇବାକୁ ମଧ୍ୟ ହକଦାର ହେବେ ବୋଲି ପୋଲିସ ମୁଖ୍ୟାଳୟରୁ ଜାରି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ଅପରପକ୍ଷରେ ମୋଟର ଯାନ ଆଇନ ଉଲଂଘନ ଅଭିଯୋଗରେ ସୁନାଙ୍କ ନାମରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଇନ୍ସପେକ୍ଟର ସୁନା ପୁରୀରେ ରଥ ଯାତ୍ରା ଡ୍ୟୁଟି ସାରି ଗତ ୧୧ତାରିଖ ରାତିରେ ସୁନ୍ଦରଗଡ଼ ଅଭିମୁଖେ ବାହାରି ଥିଲେ। ତାଙ୍କ କାର୍‌କୁ ବନ୍ଧୁ ତଥା ଡ୍ରାଇଭର ଅଜୟ ଜେଠୀ ଚଳାଉଥିଲେ। ୧୨ ତାରିଖ ସକାଳେ ସୁବର୍ଣ୍ଣପୁର ସହରର ସାପ୍ତାହିକ ହାଟରେ ପରିବା ଚାରା ବିକ୍ରି କରିବା ପାଇଁ ରାଘବପାଲିର ୮ ଜଣ ମହିଳା ଓ ପୁରୁଷ ଗୋଟେ ଅଟୋରିକ୍ସାରେ ଆସୁଥିଲେ। ବଡ଼ବାହାଲି ନିକଟରେ ଅଟୋରିକ୍ସାକୁ ରାସ୍ତାର ବାମପାର୍ଶ୍ୱରେ ଛିଡ଼ା କରି ଚାଳକ ଜଣେ ବାଇକ ଆରୋହୀଙ୍କ ସହ କଥା ହେଉଥିବାବେଳେ ସୁବର୍ଣ୍ଣପୁର ପଟୁ ଦ୍ରୁତଗତିରେ ଆସୁଥିବା ଇନ୍ସପେକ୍ଟର ସୁନାଙ୍କ କାର୍ ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ଯାଇ ଅଟୋରିକ୍ସା ଓ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ଅଟୋରିକ୍ସାରେ ବସିଥିବା ୮ଯାତ୍ରୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍ ଭିତରେ ଥିବା ଇନ୍ସପେକ୍ଟର ସୁନା ଓ ଡ୍ରାଇଭର ଜେଠୀ ଆହତଙ୍କୁ ସହାୟତା ନ କରି କୌଶଳକ୍ରମେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏହା ପରେ ଘଟଣାସ୍ଥଳରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ପହଞ୍ଚି ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଜାଣିବାକୁ ପାଇଥିଲେ। ମୃତ ଏବଂ ଆହତ ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ପରେ ଏସ୍‌ପି ପଣ୍ଡା ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଘଟଣାର ୧୨ଘଣ୍ଟା ପରେ ମହିଳା ଇନ୍ସପେକ୍ଟର ଓ ଡ୍ରାଇଭରଙ୍କୁ ବଲାଙ୍ଗୀର ହାତୀଶାଳପଡ଼ାସ୍ଥିତ ଜଣେ ସମ୍ପର୍କୀୟ ପୋଲିସ ଅଧିକାରୀଙ୍କ ଘରୁ ପୋଲିସ ଅଟକ ରଖିଥିଲା। ସେହି ରାତିରେ ରାତିରେ ତରଭା ପୋଲିସ ଡ୍ରାଇଭର ଜେଠୀଙ୍କୁ କୋର୍ଟଚାଲାଣ କରିଥିବାବେଳେ ସ୍ନିଗ୍ଧାରାଣୀଙ୍କୁ ପଚରାଉଚରା କରିବା ପରେ ଦୁର୍ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ କହି ରାତିରେ ଛାଡ଼ି ଦେଇଥିଲା। ଇନ୍ସପେକ୍ଟର ଆଇନ ବିଷୟରେ ଜାଣି ଡ୍ରାଇଭିଂ ଲାଇସେନ୍ସ ନ ଥିବା ଜେଠୀଙ୍କୁ ନିଜ କାର ଚଲାଇବାକୁ ଦେଇଥିଲେ। ସେ ରଙ୍ଗରୁଟ୍‌ରେ ଯିବାରୁ କାରଟି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଏହା ସତ୍ତ୍ୱେ ପୋଲିସ କୋହଳ ଦଫା ଲଗାଇ ଥିବାରୁ ଜେଠୀଙ୍କୁ କୋର୍ଟ ଚାଲାଣର ମାତ୍ର କେଇ ଘଣ୍ଟା ଭିତରେ ଜାମିନ ମିଳି ଯାଇଥିଲା। ପୋଲିସ ଜାଣିଶୁଣି ସୁନାଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଥିଲା।

## କେମିତି ହୁଏ...

ଜୁନ୍ ୨୯ରେ ନିର୍ବାଚନ କମିଶନ (ଇସି) ଏକ ବିବୃତିରେ ସତର୍କ କରାଇଛନ୍ତି। ଏପରି କି କୌଣସି ଦଳ ନିଜ ଏମ୍‌ପିମାନଙ୍କ ଉପରେ ହ୍ୱିପ୍ ଜାରି କରିପାରିବେ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ରରେ ଅନ୍ୟୂନ ୨୦ ଜଣ ଲେଖାଏ ଏମ୍‌ପି ପ୍ରସ୍ତାବକ ଓ ସମର୍ଥକ ଭାବେ ସ୍ୱାକ୍ଷର କରିବେ। ଜଣେ ଏମ୍‌ପି ଜଣେ ପ୍ରାର୍ଥୀଙ୍କ ପ୍ରସ୍ତାବକ କିମ୍ବା ସମର୍ଥକ ଭାବେ କେବଳ ଗୋଟିଏ ନାମାଙ୍କନପତ୍ରରେ ସ୍ୱାକ୍ଷର କରିପାରିବେ। ଜଣେ ପ୍ରାର୍ଥୀ ସର୍ବାଧିକ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିପାରିବେ। ପ୍ରାର୍ଥୀଙ୍କୁ ଅମାନତ ଭାବେ ୧୫,୦୦୦ ଟଙ୍କା ଜମା କରିବାକୁ ପଡ଼ିବ। ଅଗଷ୍ଟ ୬ରେ ପାର୍ଲାମେଣ୍ଟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଆବଶ୍ୟକ ହେଲେ ଭୋଟ ଗଣତି ମଧ୍ୟ ସେହିଦିନ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସଫଳତା ପାଇବେ। ଯାତ୍ରାରେ ଟେନ୍‌ସନ ଲାଗି ରହିବ, କିନ୍ତୁ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲାରେ ସମର୍ଥ ହୋଇପାରନ୍ତି । ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ବାଣିଜ୍ୟ ଓ ପରିବହନ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେଇପାରେ।

**ବୃଷ** ସକାଳୁ ସକାଳୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ନିକଟରୁ ପାଇ ଖୁସି ହେବେ। ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ି ମୋଟରରୁ ଭଲ ଲାଭବାନ୍ ହୋଇପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନତୁବା ଆକସ୍ମିକ ଭାବେ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ । ଆନୁଷ୍ଠାନିକ କାମରେ ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**ମିଥୁନ** ଆପଣଙ୍କ ଆକର୍ଷଣୀୟ ବ୍ୟବହାର ଅନ୍ୟମାନଙ୍କ ମନକୁ ଆକର୍ଷିତ କରିବ। ପରିସ୍ଥିତିକୁ ବ୍ୟବସାୟୀମାନେ ବ୍ୟବସାୟରେ କିଛି ନୂତନ ପଦେକ୍ଷପ ନେବା ସକାଶେ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ, ଅଦାଲତ, କଳା, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବ। ଦୀର୍ଘଦିନର ଆଶା ଫଳବତୀ ହେବା ସମ୍ଭାବନା ରହିଛି। ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅଫିସ୍ କାମରେ ବ୍ୟସ୍ତ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରକାଶନ, ଯାତ୍ରା, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** କେତେକ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିପାରେ। ଆତ୍ମୀୟମାନେ ସହଯୋଗ କରିବାରୁ ତାଙ୍କ ପ୍ରଶଂସାରେ ଶତମୁଖ ହେବେ। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ, କିନ୍ତୁ ସାମୟିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ ସଂକଟ ଲାଗି ରହିବାର ଆଶଙ୍କା ରହିଛି।

**କନ୍ୟା** ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ, ଋଣ ଯୋଗୁ ବ୍ୟସ୍ତ ରହିପାରନ୍ତି । ବିବାଦୀୟ ଘଟଣା, ଜମିଜମା କଳହରେ ତଥା ମାଲିମକଦ୍ଦମା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ପାଇ ଖୁସି ହେବେ।

**ତୁଳା** ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ପଡ଼ୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେବେ । କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। କୌଣସି ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତା ଦୁଃଖ ଲାଘବରେ ସହାୟକ ହେବ।

**ବିଛା** ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। ଅଫିସ୍ କାମରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ଧନୁ** ଅବସାଦ ବୃଦ୍ଧି ପାଇବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁନଶ୍ଚ ଏହା ସାଙ୍ଗଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଅଫିସ୍‌ର କୌଣସି ସଙ୍କଟଜନକ ସ୍ଥିତି ଅପରାହ୍ନରେ ସମାଧାନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି ଓ ରାଜନୈତିକ କ୍ଷେତ୍ରରୁ ସୁଫଳ ପାଇବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇଯିବ ଓ ଆରୋଗ୍ୟ ଲାଭ କରିବେ । ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ର ସମସ୍ୟା ବହୁଳ ରହିବ।

**କୁମ୍ଭ** ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ବନ୍ଧୁଙ୍କ ସହାୟତାରେ ସମ୍ପନ୍ନ ହୋଇଯିବ। ସାମାଜିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବହୁତ କଥା କହିପାରନ୍ତି। ଆଜି ବାଣିଜ୍ୟ, ଲେଖାପଢା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ। ଆଲୋଚନା କାଳରେ ନିଜର ସିଦ୍ଧାନ୍ତ ବଦଳାବାକୁ ପଡିପାରେ।


# classifieds Everyday 0674-2580101, 2549302




**BRIDE WANTED**

**Hindu Brahmin 55 years, 5'4", Govt. Service, widow & Divorcee allowed, caste no bar. M: 9556803340.** D-976

ବାଙ୍ଗାଲୁରୁରେ ସଫ୍ଟୱେୟାର ଇଂଜିନିୟର ଚାକିରି କରୁଥିବା ଭୁବନେଶ୍ୱରନିବାସୀ ଜ୍ୟୋତିଷ ବ୍ରାହ୍ମଣ ଜାତିର ୩୧ବର୍ଷର ୫.୫ଫୁଟ ଉଚ୍ଚତା ପୁଅ ପାଇଁ MCA, MBA, M.Tech, B.Tech କରିଥିବା ସୁନ୍ଦର ଝିଅ ଆବଶ୍ୟକ। ଯୋଗାଯୋଗ- ୯୭୭୮୪୧୦୭୨୨. ଧ-୧୦୧୯

Postal ଚାକିରିରୁ Retd. Pension ପାଉଥିବା Tanti casteର widower ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371298869. D-1015

**GROOM WANTED**

51 ବୟସ୍କା unmarried Handicap Govt. ଚାକିରିଆ ଖଣ୍ଡାୟତ ଝିଅଙ୍କୁ anycaste ଘରଜ୍ୱାଇଁ ଦରକାର। 7008080967. D-1016

27 ବୟସ୍କା Govt. Nurse ବିଧବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର married/ unmarried ପୁଅ ଦରକାର। 6371064622. D-1014




**SALE**

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**ପୁରୀ ଶ୍ରୀମନ୍ଦିର ପାଖରୁ 6 କିଲୋମିଟର ଗିରଳ ଛକ 200ଫୁଟ ରୋଡ୍‌କୁ ଲାଗି 173 ଡିସିମିଲ (1.73Acre) ଘରବାଡ଼ି commercial plot ସମ୍ପୂର୍ଣ୍ଣ ମାଲିକାନା ଥାଇ ବିକ୍ରିହେବ। Only genuine buyer contact: 9438109040, 8144658008.** D-982

3BHK duplex corehouse 20,00,000/- Hanspal(Bainchua) finance available- 8093465134, 9668194157. D-73334

**Mega Duplex at Atala with quality construction. Project under construction. Price starts @55 lakhs. May please visit-9438315332.** D-556

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

**Residential gharabari plot at Brahmanjharilo Cuttack with boundarywall, electrypole, inside Temple on Bank Loan facilities near English Medium High School 6k.m. from Phulnakhara 11k.m. from Bhubaneswar. 7809525452.** D-73928

ସ୍ଥିତିବାନ୍ ପ୍ଲଟ୍ ୧୫୦୦ sqft. ଭୁବନେଶ୍ୱର ଜୟଦୁର୍ଗାନଗରରେ ତୁରନ୍ତ ବିକ୍ରୟ ହେବ। 9853376326. D-962

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73936

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**ଭୁବନେଶ୍ୱରରବିଟକିଜଛକରୁ ମାତ୍ର 5 କିଲୋମିଟର ଦୂର ଶିଶୁପାଳ ଗାଁରେ ଅତିଶୀଘ୍ର ଘରକରିବା ଯୋଗ୍ୟ 34 ଡିସିମିଲ yellowzone ଜାଗା ମାତ୍ର 23 ଲକ୍ଷ ଟଙ୍କାରେ ବିକ୍ରୟ ହେବ। Call: 8144658008, 8658830143.** D-983

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

**PURCHASE**

Wanted land in Bhubaneswar based on sharing&marketing. 9937816565, 8249017091. D-967




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278




Shops rent near DN Regalia, Patrapada, main road 3300sqft. 7377612831. D-70282

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Office for rent at CRP Square, Amrita Shopping Arcade. 1st Floor. Area 300sqft. Fully furnished with AC, Latrine, Bath & 24 hours water supply. Contact:7978225862, 9437037329. D-1010

**Godown/ Poultry Farm Roadside at Jhinti Sashan, Balipatna 12000sft. @5/sft. 7809525452.** D-73940




Newly open full body massage ladies and gents. 8327740003, 8093860513. D-73937

**Relax, Refresh your body, Mind at Saikrupa Spa with best therapies. 8984068077.** D-980

All types hair cutting, body massage by smart lady room services available. Contact: 9938582450. D-71346

**One hour any therapy by expert therapist @999 only. 9078484455.** D-73621

Refreshing your mind and body with the best therapy, 7873794731. D-872

Newly open SPA positively health benifit with expert. Contact: 7749976301. D-73845

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly opened full body massage center by expert therapist. 7381172169. D-73622

# କୋଭିଡ୍ ନିୟମ ମାନିବାକୁ କାଉଡ଼ିଆଙ୍କୁ ପରାମର୍ଶ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ୁଛି। ନିକଟରେ ହୋଇଥିବା ରଥଯାତ୍ରା ପାଇଁ ସଂକ୍ରମଣ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଥିବାବେଳେ ଏବେ ଶ୍ରାବଣ ମାସ ଆରମ୍ଭ ହୋଇଥିବାରୁ ଚିନ୍ତା ବଢ଼ିଛି। ଏହି ମାସରେ ବୋଲବମ୍ ପାଇଁ ସବୁଠି କାଉଡ଼ିଆଙ୍କ ଭିଡ଼ ହେବ। ତେଣୁ କାଉଡ଼ିଆଙ୍କୁ କୋଭିଡ୍ ନିୟମ ମାନି ଯିବା ପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କାଉଡିଆମାନେ ଶ୍ରାବଣ ମାସରେ ଜଳ ଲାଗି ଯାତ୍ରା କରନ୍ତୁ। କିନ୍ତୁ ମାସ୍କ ପିନ୍ଧିବା ସହ କୋଭିଡ୍ ନିୟମ ପାଳନ କରନ୍ତୁ। ଦଳ ଦଳ ହୋଇ ନ ଚାଲି ଦୂରତା ରକ୍ଷା କରି ଚାଲିବାକୁ ସେ ପରାମର୍ଶ ଦେଇଛନ୍ତି।

## ରାଜ୍ୟରୁ ଆଉ ୧,୦୬୫ ପଜିଟିଭ୍

ସେପଟେ ଦୁଇଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ହଜାରେ ଉପରେ ରହିଛି। ଗତ ୨୪ ଘଣ୍ଟାରେ ୧,୦୬୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୬୨୪ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୪୪୧ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରେ ୧୨୨ ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୬୧ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ତଳକୁ କଟକରୁ ୧୩୫, ସୁନ୍ଦରଗଡ଼ ୧୧୧, ସମ୍ବଲପୁର ୫୮, ମୟୂରଭଞ୍ଜ ୫୨, ପୁରୀ ୪୪, ସୋନପୁର ୩୧, ଜଗତ୍‌ସିଂହପୁର ଓ ଯାଜପୁରରୁ ୨୧ ଲେଖାଏ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ଝାରସୁଗୁଡ଼ାରୁ ୧୮ ଲେଖାଏ, କଳାହାଣ୍ଡି ୧୪, ରାୟଗଡ଼ା ୧୩ ଓ ନୂଆପଡ଼ାରୁ ୧୧ଜଣ ନୂଆ ଆକ୍ରାନ୍ତ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ତଳେ ରହିଥିବା ବେଳେ ଦୁଇଟି ଜିଲାରେ ଆଦୌ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୨,୯୮,୨୪୦ରେ ପହଞ୍ଚିଛି।

ତେବେ ରାଜ୍ୟର କରୋନା ସ୍ଥିତି ସଂକ୍ରାନ୍ତରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର କହିଛନ୍ତି, ଏବେ ସାରା ଦେଶରେ କରୋନା ସଂକ୍ରମଣ ବଢୁଛି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଭଳି ଆମ ରାଜ୍ୟର ସଂକ୍ରମଣ ବଢୁଛି। ତେବେ ପୂର୍ବ ଲହର ଭଳି ସ୍ଥିତି ହୋଇନି। ଆଇସିୟୁରେ ଅଧିକ ବହୁବିଧ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସହ ବୟସ୍କ ବ୍ୟକ୍ତି ଭର୍ତ୍ତି ହେଉଛନ୍ତି। ବର୍ତ୍ତମାନ ଆମେ ଏକ କ୍ରସ ରୋଡ୍‌ରେ ଅଛନ୍ତି। ଭୂତାଣୁ ଟ୍ରାନ୍ସମିଟ୍ ହେଉଛି, ମ୍ୟୁଟାଣ୍ଟ ବି ହେଉଛି। ଯେତେ ମ୍ୟୁଟାଣ୍ଟ ହେବ, ତା'ର ସଂକ୍ରମଣ ହାର ଅଧିକ ରହିବ। କିନ୍ତୁ ଏହା କେତେ ରୋଗ କରାଇବ, କେତେ ଲୋକ ଡାକ୍ତରଖାନାକୁ ଯିବେ, ତାହା ଜାଣିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଯେଉଁମାନଙ୍କଠାରେ ଥଣ୍ଡା, ଜ୍ୱର, କାଶ ହେଉଛି, ସେମାନେ କୋଭିଡ୍ ପରୀକ୍ଷା କରାଇ ନେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

# ବୁଷ୍ଟର ଡୋଜ୍ ନ ମିଳିବାରୁ ଉତ୍ତେଜନା

ବାଲେଶ୍ୱର ଅଫିସ, ୧୬।୭



ସୁନହଟ ସହରାଞ୍ଚଳ ଡାକ୍ତରଖାନା ପରିସରରେ ଉତ୍ତେଜିତ ଲୋକେ ହୋହଲ୍ଲା କରୁଛନ୍ତି।

ବାଲେଶ୍ୱର ଜିଲା ସୁନହଟ ସହରାଞ୍ଚଳ ଡାକ୍ତରଖାନାରେ ଶନିବାର ଅଫ୍‌ଲାଇନରେ ବୁଷ୍ଟର ଡୋଜ୍ ନେବାକୁ ଅପେକ୍ଷା କରିଥିବା ଲୋକଙ୍କୁ ଟିକା ନ ମିଳିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଉତ୍ତେଜିତ ଲୋକମାନେ ହସ୍ପିଟାଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ପରେ ଟାଉନ୍ ଥାନା ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପ୍ରକାଶ ଯେ, ଗତ ଶୁକ୍ରବାରଠାରୁ ମାଗଣା ବୁଷ୍ଟର ଡୋଜ ଟିକାକରଣ ଆରମ୍ଭ ହୋଇଛି। ସହରାଞ୍ଚଳବାସୀଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ, ଗାନ୍ଧୀ ସ୍ମୃତିଭବନ, ସହଦେବଖୁଣ୍ଟା ଓ ସୁନହଟ ସହରାଞ୍ଚଳ ଡାକ୍ତରଖାନାରେ ଟିକାକରଣର ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଏଠାରେ ୧୦୦ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ଶନିବାର ୨୦୦ଜଣଙ୍କୁ ଟିକା ଦେବାର ସ୍ଥିର ହୋଇଥିଲା। ସେଥିପାଇଁ ଲୋକମାନେ

## ହସ୍ପିଟାଲ ଗେଟ୍‌ରେ ତାଲା ପକାଇଦେଲେ

ଭୋର୍ ୫ଟାରୁ ଆସି ଲାଇନରେ ଛିଡ଼ା ହୋଇଥିଲେ। ୮ଟାରେ ହସ୍ପିଟାଲ ଖୋଲିବା ପରେ କର୍ତ୍ତୃପକ୍ଷ ପ୍ରଥମେ ଅନଲାଇନ୍‌ରେ ପଞ୍ଜୀକରଣ କରିଥିବା ବ୍ୟକ୍ତିଙ୍କୁ ଟିକା ଦେବାକୁ କହିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସେହିପରି ଜିଲାର ବିଭିନ୍ନ ବ୍ଲକ ଅଧୀନ ୧୬ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ନିୟମିତ ମାଗଣା ବୁଷ୍ଟର ଡୋଜ ଟିକାକରଣ ଜାରି ରହିଛି। ୭୫ଦିନିଆ ଟିକାକରଣ ଅଭିଯାନରେ ଜିଲାର ୧୮ଲକ୍ଷ ୧୭ହଜାର ୭୪୮ଜଣଙ୍କୁ ବୁଷ୍ଟର ଡୋଜ ଟିକା ପ୍ରଦାନ କରାଯିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି।

# ୧୦ କାରିଗର, ହସ୍ତଶିଳ୍ପୀଙ୍କୁ 'ଓଡ଼ିଶା ହେରିଟେଜ ଆୱାର୍ଡ୍ସ'

ଭୁବନେଶ୍ୱର, ୧୬।୭(ବ୍ୟୁରୋ)



ତାଳ ପତ୍ର ଖୋଦେଇ ପାଇଁ କାଳୀ ଚରଣ ପଟ୍ଟନାୟକଙ୍କୁ ମନ୍ତ୍ରୀ ରୀତା ସାହୁ ସମ୍ମାନ ପ୍ରଦାନ କରୁଛନ୍ତି।

ରାଜ୍ୟର କଳା ଓ ଡିଜାଇନ୍ ଐତିହ୍ୟ ପ୍ରତି ପ୍ରମୁଖ ଯୋଗଦାନ ରଖିଥିବା ପ୍ରତିଭାଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ସଫଳତାକୁ ନେଇ ଉତ୍ସବ ପାଳନ ପାଇଁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା ହେରିଟେଜ୍ ଆୱାର୍ଡସ, ଫ୍ୟାଶାନ ଶୋ' ଓ ଇଣ୍ଟେରିୟର ଡିଜାଇନ୍ ପ୍ରଦର୍ଶନୀ 'ନବ୍ୟତା-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାଶନ ଡିଜାଇନ (ଆଇଏନ୍‌ଆଇଏଫ୍‌ଡି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତକଳା ମନ୍ତ୍ରୀ ରୀତା ସାହୁ, ସମ୍ମାନିତ ଅତିଥି ଆଇଏନ୍‌ଆଇଏଫ୍‌ଡିର ଗ୍ଲୋବାଲ ସିଇଓ ଅନିଲ ଖୋସ୍‌ଲା, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ମୋ କଲେଜ ଅଧ୍ୟକ୍ଷ ତଥା ଅଭିନେତା ଆକାଶ ଦାସ ନାଏକ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୦ଜଣ କାରିଗର ଓ ହସ୍ତଶିଳ୍ପୀଙ୍କୁ 'ଓଡ଼ିଶା ହେରିଟେଜ ଆୱାର୍ଡସ' ପ୍ରଦାନ କରାଯାଇଥିଲା। ବୁଣାକାର ପାଇଁ ଅକୁଳ ଚନ୍ଦ୍ର ନନ୍ଦୀ, ଗୋବର କଣ୍ଢେଇ କଳାରେ ଶଶିମଣି ମହାରଣା, ତାଳ ପତ୍ର ଖୋଦେଇ ପାଇଁ କାଳୀ ଚରଣ ପଟ୍ଟନାୟକ, ଗଞ୍ଜାମ ବୋମକାଇ ବୁଣାକାର ପାଇଁ ଓକିଳା ନୀଳକଣ୍ଠ, ପୋଷାକ ପ୍ୟାଚ୍‌ୱାର୍କ ପାଇଁ ଖଗେଶ୍ୱର ମଲ୍ଲିକ, ପଥର ଖୋଦେଇ ପାଇଁ ଉଦୟ ମହାନ୍ତି, ବାଉଁଶ କଳାରେ ସରୋଜିନୀ ଦାସ, ଗୋଲ୍ଡେନ ଗ୍ରାସ ୱାର୍କରେ ଦିପ୍ତୀରାଣୀ ବେହେରା, ରଢ୍ କଣ୍ଢେଇ ପାଇଁ ମାଗୁଣି କୁଅଁର ଓ ବୁଣାକାର ଭାବେ ଶ୍ରୀକର ମେହେରଙ୍କୁ ସମ୍ମାନିତ କରାଯାଇଛି। ବିଚାରକ ଭାବେ ଦି ଡିଏନ୍ ୱିଜ୍‌ଡମ୍ ଟ୍ରି ଗ୍ଲୋବାଲ ସ୍କୁଲ୍‌ର ପ୍ରତିଷ୍ଠାତା ତ୍ରୁଷ୍ଟି ପଞ୍ଚମୀ ମନୁ ଉକିଲ, ଓଡ଼ିଶା ଶିଳ୍ପୀ ମହାସଂଘ ସେକ୍ରେଟାରୀ ପ୍ରିୟରଞ୍ଜନ କର ଓ ଉଦ୍ୟୋଗୀ ଧରିତ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଆୟୋଜିତ ଫ୍ୟାଶନ ଶୋ'ରେ ଫ୍ୟାଶନ ଡିଜାଇନ ଛାତ୍ରୀଛାତ୍ରମାନେ ନିଜ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପୋଷାକ ପିନ୍ଧି କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର କରିଥିଲେ। ଏଥିସହ ଇଣ୍ଟେରିୟର ଡିଜାଇନ ପ୍ରଦର୍ଶନୀରେ ମଧ୍ୟ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଆଇଏନ୍‌ଆଇଏଫ୍‌ଡି ଭୁବନେଶ୍ୱର ସେଣ୍ଟର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ୮ବର୍ଷରେ ୨,୪୦୩ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଛନ୍ତି

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ଗତ ୮ବର୍ଷ ଭିତରେ ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସିଏସ୍‌ଟି) ବର୍ଗର ୨,୪୦୩ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଛନ୍ତି। ଦଶମ ପାସ୍ ପରେ ୨,୦୧୪ଜଣଙ୍କୁ ମିଶାଇ ପ୍ରାୟ ୩,୪୭୬ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରେ ନାମ ନ ଲେଖାଇ ପାଠପଢ଼ା ଛାଡ଼ିଛନ୍ତି ବୋଲି ଏସ୍‌ଟିଏସ୍‌ସି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି। ଶନିବାର ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କରୋନା ସମୟରେ ଅଧିକ ପିଲା ପାଠ ଛାଡ଼ିଛନ୍ତି। ୨୦୨୦ରେ ୨୪୭ ଜଣ ଅଣ୍ଡର ମାଟ୍ରିକରୁ ପାଠ ଛାଡ଼ିଛନ୍ତି। ସେହିପରି ୪୯୧ ଜଣ ମାଟ୍ରିକ ପରେ ପାଠ ଛାଡ଼ିଛନ୍ତି। ୨୦୨୧ରେ ୧୭୨ ଜଣ ଅଣ୍ଡର ମାଟ୍ରିକରୁ ପାଠ ଛାଡ଼ିଛନ୍ତି। ସେହିପରି ୮୩୩ ଜଣ ମାଟ୍ରିକ ପରେ ପାଠ ଛାଡ଼ିଛନ୍ତି।

# ଆମ୍ବୁଲାନ୍ସରେ ପ୍ରସବ

ପାପଡ଼ାହାଣ୍ଡି, ୧୬।୭, (ଡି.ଏନ୍.ଏ.)

ସଙ୍କଟାପନ୍ନ ଅବସ୍ଥାରେ ଗର୍ଭବତୀଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲା ୧୦୮ ଆମ୍ବୁଲାନ୍ସ। ହେଲେ ବାଟରେ ବାରମ୍ବାର ଗାଡ଼ିର ଚକ ପଙ୍କ୍‌ଚର ହେବାରୁ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଫଳରେ ମହିଳା ଅଧାବାଟରେ ଆମ୍ବୁଲାନ୍ସରେ ହିଁ ଶିଶୁପୁତ୍ରକୁ ଦେଲେ। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲଠାରେ ଶନିବାର ଏଭଳି ଘଟଣା ଘଟିଛି।



ରାସ୍ତାରେ ଖରାପ ହୋଇ ଅଟକିଥିବା ୧୦୮ ଆମ୍ବୁଲାନ୍ସ।

ସୂଚନା ଅନୁଯାୟୀ, ରାଇଘର ବ୍ଲକ ପାରୁଆ ଅଞ୍ଚଳର ଗର୍ଭବତୀ ଅଞ୍ଜନା ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଅପରାହ୍ନ ୪ଟାରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ (ଓଡି ୦୨ ବିଜେ ୧୪୬୦) ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ଆମ୍ବୁଲାନ୍ସ

## ଗାଡ଼ି ଖରାପ ଯୋଗୁ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ

ବାରମ୍ବାର ପଙ୍କ୍‌ଚର ହେବାରୁ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏଥିରେ ଅଞ୍ଜନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ଆମ୍ବୁଲାନ୍ସ ମଧ୍ୟରେ ହିଁ ସେ ପ୍ରସବ କରିଥିଲେ। ସାଙ୍ଗରେ ଥିବା ପରିବାର ଲୋକେ ଏବଂ ଆଶାକର୍ମୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଅନ୍ୟ ଏକ ଆମ୍ବୁଲାନ୍ସରେ ଅଞ୍ଜନାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏବେ ଉଭୟ ମା' ଏବଂ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତେବେ ପୁରୁଣା ଏବଂ ଖରାପ ଆମ୍ବୁଲାନ୍ସଗୁଡ଼ିକର ଠିକ୍ ସମୟରେ ମରାମତି କରାଯାଉ ନ ଥିବାରୁ ରୋଗୀ ଏବଂ ଗର୍ଭବତୀ ଏଭଳି ସମସ୍ୟା ଭୋଗୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ୧୮ରେ ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୧୬।୭(ବ୍ୟୁରୋ)

**ପ୍ରତି ସେକେଣ୍ଡରେ ୧ଲକ୍ଷ ୯୨ ହଜାର କ୍ୟୁସେକ ଜଳ ପ୍ରବେଶ**

ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବାରୁ ଡ୍ୟାମ୍‌କୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏଥିଯୋଗୁ ଜଳଭଣ୍ଡାର ଜଳସ୍ତର ବଢ଼ିଛି। ତେଣୁ ଜୁଲାଇ ୧୮ରେ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜଳଭଣ୍ଡାର



ତଳମୁଣ୍ଡ ଓ ମହାନଦୀ ପାର୍ଶ୍ୱରେ ବସବାସ କରୁଥିବା ଜନବସତିକୁ ମଧ୍ୟ ଅବଗତ କରାଯାଇଛି। ମହାନଦୀକୁ ମାଛ ମାରିବାକୁ ଯିବା ଉପରେ କଟକଣା ଲଗାଯାଇଛି। ଏହା ଦ୍ୱାରା ମହାନଦୀ ଓ ଶାଖା ନଦୀଗୁଡିକରେ ଜଳସ୍ତର ବୃଦ୍ଧି ପାଇବ। ତେଣୁ ଉକ୍ତ ନଦୀକୁ ନ ଯିବା ପାଇଁ ସତର୍କ କରାଯାଇଛି। ଉପରମୁଣ୍ଡରେ ବର୍ଷା ଯୋଗୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୬୦୯.୪୧ ଫୁଟ୍ ରହିଥିଲା। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୨ହଜାର ୧୨୧ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୩୫ହଜାର ୬୧୨ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଏ ସମ୍ପର୍କରେ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଉପମୁଣ୍ଡରେ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ଜୁଲାଇ ୩୧ ତାରିଖ ସୁଦ୍ଧା ଜଳଭଣ୍ଡାରରେ ୬୦୫ ଫୁଟ୍ ଜଳସ୍ତର ରଖିବା ନିୟମ ରହିଛି। ହେଲେ ବୃଦ୍ଧି ପାଇଥିବାରୁ ଜୁଲାଇ ୧୮ରେ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏବେ ମହାନଦୀ ଓ ଶାଖା ନଦୀଗୁଡିକ ଶୁଖିଲା ରହିଛି। ତେଣୁ ଜଳ ନିଷ୍କାସନ କରିବାର ଏହା ପ୍ରକୃଷ୍ଟ ସମୟ। ଆଗକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ହେଲେ ମଧ୍ୟ ସମସ୍ୟା ହେବ ନାହିଁ। ପ୍ରଥମ ଦିନରେ ୫ ଗୋଟି ଗେଟ୍ ଦେଇ ଜଳ ନିଷ୍କାସନ କରିବାକୁ ସ୍ଥିର କରାଯାଇଛି।









ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି । କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି । ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ । – ଶ୍ରୀମା



# କେବଳ ବାହାନା



## ଆକାର ପଟେଲ

ସରକାରଙ୍କ ବିଭିନ୍ନ ବିଷୟରେ ବ୍ୟସ୍ତ ରହି ଗତ କିଛି ସପ୍ତାହ ହେଲା ମୁଁ ଖବର ଜାଣିବାକୁ ସୁଯୋଗ ପାଇପାରି ନ ଥିଲି । ସେଥିପାଇଁ ସମସ୍ତ ମାନବ ଅଧିକାର ସୁରକ୍ଷା ଏବଂ ସେଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଭାରତ ପ୍ରତିବଦ୍ଧତା ଦୋହରାଇଥିବା ଖବର ଜାଣିବା ପରେ ମୁଁ ଆଶ୍ଚର୍ଯ୍ୟ,ଏପରିକି ସ୍ତବ୍ଧ ହୋଇଗଲି । ସୁରକ୍ଷା, ପ୍ରୋତ୍ସାହନ ତଥା ପ୍ରତିବଦ୍ଧତା ଭଳି ଶବ୍ଦ ଜୁଲାଇ ୧୫ରେ ଅନୁଷ୍ଠିତ ଦଶମ ଭାରତ – ୟୁରୋପୀୟ ସଂଘ ମାନବ ଅଧିକାର ବୈଠକର ମିଳିତ ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଥିଲା । ଏହି ଡକ୍ୟୁମେଣ୍ଟ ଅତ୍ୟନ୍ତ କୌତୂହଳପ୍ରଦ । ଏଥିରେ ରହିଛି ୯ଟି ପଏଣ୍ଟ । ପ୍ରଥମଟି ହେଉଛି ଭାରତ ଓ ୟୁରୋପୀୟ ସଂଘ (ଇୟୁ) ନିଜକୁ ସମସ୍ତ ମାନବ ଅଧିକାରର ସର୍ବବ୍ୟାପକତା, ଅବିଭାଜ୍ୟତା, ଆନ୍ତଃ ନିର୍ଭରଶୀଳତା ଏବଂ ପାରସ୍ପରିକ ସମ୍ବନ୍ଧ ଉପରେ ଗୁରୁତ୍ୱ ଦେଉଥିବା ଏକ ମୁକ୍ତ ଓ ଗଣତାନ୍ତ୍ରିକ ସମାଜ ବୋଲି ସୂଚିତ କରିଛନ୍ତି । ମୂଳ କଥା ହେଉଛି ନାଗରିକ ଓ ରାଜନୈତିକ ଅଧିକାର, ସଂଖ୍ୟାଲଘୁ ଲୋକଙ୍କ ଅଧିକାର ; ସମ୍ଭାବ୍ୟ ବିପଦରେ ଥିବା ବର୍ଗର ଧର୍ମ କିମ୍ବା ବିଶ୍ୱାସ ସମ୍ପର୍କିତ ଅଧିକାର, ବାକ୍ ସ୍ୱାଧୀନତା ଏବଂ ଅନ୍‌ଲାଇନ ଓ ଅଫ୍‌ଲାଇନ ମତ ଉପରେ ଭାରତ ଏବଂ ଇୟୁ ସେମାନଙ୍କର ଦୃଷ୍ଟିକୋଣ ଓ ବିଚାର ବିନିମୟ କରିଛନ୍ତି । ଏହାବାଦ୍ ଉଲ୍ଲେଖନୀୟ ବିଷୟ ହେଉଛି, ଭାରତ ସରକାର କହିଛନ୍ତି ଯେ, ମାନବ ଅଧିକାରଗୁଡ଼ିକର ରକ୍ଷକ ଓ ସାମ୍ବାଦିକମାନଙ୍କ ସ୍ୱତନ୍ତ୍ରତା, ସଂଗଠନର ସ୍ୱାଧୀନତା ପ୍ରତି ସମ୍ମାନ ଓ ଶାନ୍ତିପୂର୍ଣ୍ଣ ସମାବେଶ ସ୍ୱାଧୀନତା ସହ ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ସ୍ୱତନ୍ତ୍ରତା, ସ୍ୱାଧୀନତା ଏବଂ ବିବିଧତା ସୁରକ୍ଷାର ଗୁରୁତ୍ୱକୁ ନେଇ ଉଭୟ ସହମତ । ଏହା ବ୍ୟତୀତ ଅନ୍ତର୍ଜାତୀୟ ସ୍ୱୀକୃତ ମାନବ ଅଧିକାର ଆଇନ ଓ ମାନକ ଆଧାରରେ ମାନବ ଅଧିକାର ପ୍ରସଙ୍ଗଗୁଡ଼ିକରେ ଅଧିକ ଜଡ଼ିତ ରହିବା ଲାଗି ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ଭାରତ ପ୍ରକାଶ କରିଛି । କିନ୍ତୁ ମାନବ ଅଧିକାର, ଜାତୀୟ ମାନବ ଅଧିକାର ସଂସ୍ଥା, ସିଭିଲ୍ ସୋସାଇଟି ଏବଂ ସାମ୍ବାଦିକମାନଙ୍କ ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ଉଭୟେ ଜାତୀୟ ଅନ୍ତର୍ଜାତୀୟ ମାନବ ଅଧିକାର ପ୍ରକ୍ରିୟାଗୁଡ଼ିକୁ ମଜଭୁତ କରିବାର ଗୁରୁତ୍ୱକୁ ସ୍ୱୀକୃତି ଦେଇଛନ୍ତି ।

ଡକ୍ୟୁମେଣ୍ଟର ଆଗକୁ ଆଗକୁ ଗଲେ ଭାରତ ମାନବ ଅଧିକାର ସମ୍ପର୍କିତ କାର୍ଯ୍ୟରୁ ଦୂରେଇ ଯାଇ କେବଳ ପ୍ରବଚନ ଦେଉଥିବା ଜାଣିବାକୁ ମିଳେ । ପ୍ରଶ୍ନ ହେଉଛି ଭାରତ ଏଭଳି କାହିଁକି କରୁଛି । ଭାରତ ସରକାର କେବଳ ଏହାକୁ ଅଣଦେଖା କରିନାହାନ୍ତି, ବରଂ ଭୀମା କୋରେଗାଁଓ ଘଟଣାରେ ୧୬ ଜଣ ମାନବ ଅଧିକାର ରକ୍ଷକ, ମହମ୍ମଦ ଜୁବେରଙ୍କ ଭଳି ସାମ୍ବାଦିକ ଏବଂ ସାମାଜିକ କର୍ମୀ ତୀସ୍ତା ସିତଲଭାଦଙ୍କୁ ସମ୍ପୂର୍ଣ୍ଣ ଘୃଣା ଓ ଅବମାନନା କରିଛନ୍ତି । ବାସ୍ତବରେ ସେମାନଙ୍କୁ ଏବଂ ସେମାନଙ୍କ କାର୍ଯ୍ୟକୁ ଭଲ ପାଏ ବୋଲି କାହିଁକି ବାହାନା କରୁଛି ? ଏହାର କାରଣ ପୂରା ସ୍ପଷ୍ଟ । ପ୍ରଥମେ ଭାରତ ନିଜ ନାଗରିକମାନଙ୍କ ଉପରେ ଶକ୍ତି ପ୍ରୟୋଗ କରୁଥିବା ଏକ ବହୁସଂଖ୍ୟାବାଦ, ଏକଚ୍ଛତ୍ରବାଦ ଦେଶ ବୋଲି ବାହାରେ ପରିଚୟ ଦେବାକୁ ଚାହୁଁନାହିଁ । ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଭାରତର କୂଟନୀତିଜ୍ଞ ଥିବାବେଳେ ସେମାନେ ମଧ୍ୟ ବାହାନା କରୁଛନ୍ତି ଯେ ଭାରତ ହେଉଛି ନେହେରୁବାଦୀ ଓ ଧର୍ମନିରପେକ୍ଷ । ସେମାନେ ବି ହିନ୍ଦୁତ୍ୱ ଶବ୍ଦ ବ୍ୟବହାର କରୁନାହାନ୍ତି । ଭାରତରେ ବିଶେଷକରି ସଂଖ୍ୟାଲଘୁଙ୍କ ବିରୋଧରେ ଭାଜପା ଏବଂ ତା' ନେତାମାନେ ଯେଉଁ ହିନ୍ଦୁତ୍ୱ ଶବ୍ଦ ବ୍ୟବହାର କରୁଛନ୍ତି ତାହା ଆମ ବାହ୍ୟ କାର୍ଯ୍ୟକଳାପରେ ପ୍ରକାଶ ପାଉନାହିଁ । ପାଶ୍ଚାତ୍ୟ ଦେଶଗୁଡ଼ିକ ବିଗତ ଶତାବ୍ଦୀରେ ମାନବ ଅଧିକାର ପ୍ରସଙ୍ଗ, ସ୍ୱାଧୀନ ମତ ଏବଂ ସଂଖ୍ୟାଲଘୁଙ୍କ ଅଧିକାର ଉପରେ ସହମତି ପ୍ରକାଶ କରିଥିଲେ । ହେଲେ ଭାରତ ସରକାର ଏସବୁକୁ ବିରୋଧ କରନ୍ତି, କିନ୍ତୁ ବାହାରେ ସେ ସବୁ ଉପରେ ସହମତି ପ୍ରକାଶ କରିପାରନ୍ତି ନାହିଁ । କାରଣ, ଆମର ଆତ୍ମବିଶ୍ୱାସ ନାହିଁ କି ଶକ୍ତି ନାହିଁ । ସେଥିପାଇଁ ଆମେ ମିଛ କହୁଛୁ । ବାହାନା କରିବାର ଦ୍ୱିତୀୟ କାରଣ ହେଉଛି ପ୍ରଭାବୀ ବାହ୍ୟ ପ୍ରଭାବ । ଯଦି ଆମେ ଚାପରେ ନ ଥାଆନ୍ତେ, ତେବେ ଆମେ ଇୟୁକୁ ଦୂରେଇ ଯିବା ଲାଗି କହିଥାନ୍ତେ । ଏକ ବର୍ଷ ତଳେ ଇୟୁ ଅଧିକାରୀମାନେ ମାନବ ଅଧିକାର କର୍ମୀ ତଥା ଫାଦର ଷ୍ଟାନ୍ ସ୍ୱାମୀଙ୍କୁ ସନ୍ତ୍ରାସବାଦର ମିଥ୍ୟ ଅଭିଯୋଗରେ ଗିରଫ କରାଯିବାର ୯ ମାସ ପରେ ଜେଲରେ ତାଙ୍କର ମୃତ୍ୟୁ ଘଟିଥିବା କହିଥିଲେ । ମାନବ ଅଧିକାର ରକ୍ଷକମାନଙ୍କୁ ଜେଲରେ ରଖିବା ଅକ୍ଷମଣୀୟ ବୋଲି ପ୍ରକାଶ କରିଥିଲେ । ଇୟୁ ଲଗାତର ଏହି ମାମଲା ଉଠାଇ ଆସୁଥିବା ବି କହିଥିଲେ ୟୁରୋପୀୟ ସଂଘର ସ୍ୱତନ୍ତ୍ର ପ୍ରତିନିଧି ଏମୋନ୍ ଗିଲ୍‌ମୋର । ମାନବ ଅଧିକାର ରକ୍ଷକଙ୍କୁ ଏବଂ ସେମାନଙ୍କ କାର୍ଯ୍ୟ କରିବାର ଅଧିକାରକୁ ସମ୍ମାନ କରୁ ବୋଲି ଯେତେବେଳେ ଆମେ କହୁଛୁ ସେତେବେଳେ ଏହି ବ୍ୟକ୍ତିମାନଙ୍କ ସହ ଆମେ ଏକମତ ହେଉଛୁ । ଆମ ପାଖରେ କୌଣସି ବିକଳ୍ପ ନ ଥିବାରୁ ଆମେ ଏଭଳି କରୁଛୁ ।

ସଚ୍ଚୋଟ, ଶକ୍ତିଶାଳୀ ଏବଂ ବାସ୍ତବରେ ଏକ ସାର୍ବଭୌମ ସରକାରଙ୍କୁ ତାଙ୍କ କାର୍ଯ୍ୟ ସମ୍ପର୍କରେ ମିଛ କହିବା ବା ବାହାନା କରିବା ଦରକାର ନାହିଁ । ଚାଇନା ଇୟୁ ସହ ମାନବ ଅଧିକାର ସମ୍ପର୍କିତ ଆଲୋଚନା କରେ ନାହିଁ । ଯେଉଁମାନେ ଭାବୁଛନ୍ତି ଯେ, ଭାରତ ଉପରେ କୌଣସି ବାହ୍ୟ ପ୍ରଭାବ ନାହିଁ, ସେମାନେ ଏହା ବୁଝିବା ଦରକାର । ମାନବ ଅଧିକାର ଏମିତି ଏକ ବିଷୟ ଯାହାକୁ ଇୟୁ ଗମ୍ଭୀରତାର ସହ ନିଏ, କାରଣ ଏହାର ନାଗରିକମାନେ ମଧ୍ୟ ଏହାକୁ ସେହିଭଳି ନେଇଥାନ୍ତି । ଭାରତୀୟ ନେତାମାନେ ଦେଶରେ ଏହା ଉପରେ ଗମ୍ଭୀରତା ପ୍ରକାଶ ନ କରି ବାସ୍ତବତାକୁ କିଭଳି ପରିଚାଳନା କରାଯିବ ସେଥିପାଇଁ ଚେଷ୍ଟା କରୁଛନ୍ତି । ଏହାର ଏକ ସଙ୍କେତ ହେଲା ଉକ୍ତ ମାନବ ଅଧିକାର ବୈଠକର ଇୟୁର ଆମ୍ବାସାଡାରମାନେ ପ୍ରତିନିଧିତ୍ୱ କରିଥିଲାବେଳେ ଭାରତ ପକ୍ଷରୁ ପାଶ୍ଚାତ୍ୟ ୟୁରୋପ ପାଇଁ ନିଯୁକ୍ତ ଯୁଗ୍ମ ସଚିବ ସ୍ତରର କୂଟନୀତିଜ୍ଞମାନେ ପ୍ରତିନିଧିତ୍ୱ କରିଥିଲେ । ଆଉ ଏକ ସଙ୍କେତ ହେଉଛି, ଏହି ବୈଠକ ସମ୍ପର୍କରେ ପ୍ରାୟ କୌଣସି ଖବର ନ ଥିଲା । ବୈଦେଶିକ ମନ୍ତ୍ରଣାଳୟ ଏହି ସ୍ତରୀୟ କାର୍ଯ୍ୟକଳାପର ଯେମିତି ଟୁଇଟ୍ କରେ ସେଭଳି କରି ନ ଥିଲା । ଏହା ହିଁ ହେଉଛି ଆମ ସରକାରଙ୍କ ଆଚରଣ ଯାହା ନିଜ ନାଗରିକମାନଙ୍କୁ ବିଷଦାନ୍ତ ଦେଖାଉଥିବାବେଳେ ବିଶ୍ୱକୁ ଏକ ଉଦାର ମୁଖା ଦେଖାଉଛି ।

Email:aakar.patel@gmail.com

# ବୃତ୍ତିଜୀବୀ ଖୁସ୍, କର୍ମଜୀବୀ ଉବୁଟୁବୁ



## ସହଦେବ ସାହୁ

ସବୁ ଚାକିରିଆ କର୍ମଜୀବୀ, ସରକାରୀ କମ୍ପାନୀ ବି ଗୋଟିଏ ଗୋଟିଏ କର୍ମଜୀବୀ । କିନ୍ତୁ ପୁଞ୍ଜିନିବେଶକାରୀମାନେ ବୃତ୍ତିଜୀବୀ । ଗୋଟିଏ ଆମେରିକାନ୍ ଖବରର ଶୀର୍ଷକ 'ରାଇଜିଂ ପ୍ରଫେଶନାଲ୍ ଆଣ୍ଡ ସିଙ୍କିଂ ୱାର୍କର୍ସ' ଏ ଦୁଇଟି ଭିତରେ ସତ୍ୟଟା ଜଣାଏ: ବୃତ୍ତିଜୀବୀ ଲୋକେ ଖୁସିରେ ପହଁରୁଛନ୍ତି ତ ଶ୍ରମଜୀବୀମାନେ ବୁଡ଼ିବାରେ ଲାଗିଛନ୍ତି, ଉବୁଟୁବୁ ହେଉଛନ୍ତି । କୋଭିଡ୍-୧୯ ମହାମାରୀ ବେଳେ ନିଜ ରାଜ୍ୟକୁ ଫେରୁଥିବା ମାଇଗ୍ରାଣ୍ଟ ଶ୍ରମିକମାନଙ୍କ ଦୁଃଖ କଷ୍ଟ ଟିଭି ମାଧ୍ୟମରେ ଦେଖି ଏହି ମାର୍କିନ୍ ହେଡ୍ ଲାଇନ୍‌ର ମର୍ମ ଏବେ ବୁଝିହୁଏ । ଆମେରିକାର ଇନ୍‌ଲାଣ୍ଡ ରେଭେନ୍ୟୁ ସର୍ଭିସ୍ (ଆଇଆର୍‌ଏସ୍) ଠାରୁ ପ୍ରୋପବ୍ଲିକା ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିକସ ପରିସଂଖ୍ୟାନ (ଟାକ୍ସ ଡାଟା) କରି କହିଛି ଯେ ୱାରେନ୍ ବଫେଟ, ଏଲନ୍ ମସ୍କ ଓ ଜେଫ୍ ବେଜୋସ୍ ଭଳି ଆମେରିକାର ପେସାଦାର ଲୋକେ ଯେଉଁ ନାମମାତ୍ର ଆୟକର ଦେଇଥାନ୍ତି ତାହାକୁ ଆଇନସଙ୍ଗତ କରିନିଆଯାଇଛି । ତେଣୁ ସେମାନେ କୁବେର ହୁଅନ୍ତି । ଶ୍ରମଜୀବୀଟିଏ ନଗଦ ଟଙ୍କା ପଇସା ଆକାରରେ ପାରିଶ୍ରମିକ ପାଉଥିବାରୁ ସାଙ୍ଗେ ସାଙ୍ଗେ ତା' ଉପରେ ଟିକସ ପଡ଼ିଯାଏ, ପୁଣି ପ୍ରତିବର୍ଷ । ପ୍ରଫେଶନାଲମାନେ ସେମାନଙ୍କ ରୋଜଗାରକୁ ଷ୍ଟକ୍ ଓ ରିଅଲ୍ ଇଷ୍ଟେଟ୍ ଆକାରରେ ବାନ୍ଧି ରଖି, ଅନ୍‌ରିଅଲାଇଜ୍‌ଡ ପ୍ରଫିଟ୍ (ପାଇ ନ ଥିବା ଲାଭ) କହି ତା' ଉପରେ ଟିକସ ଦିଅନ୍ତି ନାହିଁ । ଆମେରିକାର ଏ ପ୍ରକାରର ଟାକ୍ସ ସିଷ୍ଟମ ଅସମତା ସୃଷ୍ଟି କରୁଛି, ଧନୀ ଗରିବ ବ୍ୟବଧାନ ବଢ଼ାଉଛି । ଆମେ ବି ଏପ୍ରକାରର ଆଇନ ଆପଣେଇ ନେଇଛୁ, ଘରୋଇ ଲୋକଙ୍କ ପୁଞ୍ଜି ଯେମିତି ଦେଶର ବିକାଶରେ ଲାଗିବ ସେଥିରେ ପ୍ରୋତ୍ସାହନ ଦେବା ଲାଗି ମାର୍କିନ୍ ଆଦର୍ଶକୁ ଗ୍ରହଣ କରିନେଇଛୁ, ତେଣୁ ଅମ୍ବାନୀ, ଆଦାନୀ ଭଳି ପେସାଦାର ଲୋକେ ଟିକସ-ରିହାତିର ସୁବିଧା ବେଶ୍ ମାରିନେଉଛନ୍ତି । କମ୍ପାନୀ ବା କର୍ପୋରେଟ୍ ହାଉସ୍‌ମାନେ ସେମାନଙ୍କ ଟିକସ ବିବରଣୀ ଭିତରେ କେତେକ ତଥ୍ୟ ଗୋପନୀୟ ରଖିଥାଆନ୍ତି, ସେମାନେ ପ୍ରକୃତ ଟିକସ କେତେ ଦିଅନ୍ତି ପ୍ରୋପବ୍ଲିକା ହିସାବ କରି କହିଛି ସେମାନଙ୍କ ନିଗମଗୁଡ଼ିକର ପ୍ରକୃତ ଟିକସ ହାର ମାତ୍ର ୩.୪% ।

ଏ ପ୍ରକାରର ହିସାବର ଖେଳକୁ ଆଇନ-ଅନୁମୋଦିତ କରିଛନ୍ତି ଆମେରିକାର ଗଣତନ୍ତ୍ରବାଦୀ ନେତାମାନେ ; ଯେଉଁମାନଙ୍କୁ ଅର୍ଥନୀତି ବିଶାରଦମାନେ କହନ୍ତି, ଉଦାର ପୁଞ୍ଜିବାଦର ଭକ୍ତ । ଆମେ ସେହି ମାର୍କିନ୍ ଢାଞ୍ଚାକୁ ଆପଣେଇ ନେଇଛୁ । ସରକାରଙ୍କ ପାଖରେ ପଇସା ନାହିଁ, ପଇସା ପାଇଁ ଟିକସ ବଢ଼ାଇଲେ ଲୋକେ ବିରୁଦ୍ଧରେ ଭୋଟ ଦେବେ, ତେଣୁ ପୁଞ୍ଜିପତିମାନଙ୍କୁ ଆମନ୍ତ୍ରଣ କରାଯାଉଛି ବିକାଶ କାମରେ ପୁଞ୍ଜି ଲଗାଇବାକୁ । ଏ ପ୍ରକ୍ରିୟାରେ ଖୁବ୍ ଧନୀମାନେ ତାଙ୍କ ସମ୍ପତ୍ତିର ସିଂହଭାଗ ଏମିତି ସାଇତି ରଖୁଛନ୍ତି ଯେମିତି ତା'ର ମୂଲ୍ୟ ବଢୁଥିବ ଓ ତାଙ୍କର ଜୀବନଶୈଳୀକୁ ଟେକିରଖୁଥିବ ଅଥଚ ସେମାନେ ତହିଁରୁ କିଛି ଖର୍ଚ୍ଚ କରୁ ନ ଥିବେ, ତେବେ ତାଙ୍କ ସମ୍ଭାବ୍ୟ (ଅନ୍‌ରିଅଲାଇଜଡ୍) ଆୟ ଉପରେ ଆୟକର ପଡ଼ିବ ନାହିଁ । କେତେବେଳେ ଭଙ୍ଗାଇଲେ ସେହିଥରକ ପାଇଁ କାପିଟାଲ୍ ଗେନ୍ସ ଟାକ୍ସ ପଡ଼ିବ, ତାହା ପୁଣି ୨୦% ହାରରେ । ଯେହେତୁ ସେମାନଙ୍କୁ ଏପରି ସୁବିଧା ଯୋଗାଇ ଦେଉଛନ୍ତି, ରାଜନେତାମାନେ ପୁଞ୍ଜିପତିମାନଙ୍କଠାରୁ ନିର୍ବାଚନୀ ଖର୍ଚ୍ଚ ଆଣିପାରୁଛନ୍ତି । ପୁଞ୍ଜିନିବେଶକାରୀକୁ ଋଣ ନେବାରେ ସରକାର ସାହାଯ୍ୟ କରିବେ, ତା' ଉପରେ ଯେଉଁ ସୁଧ ଦେବ ସେ ବାବଦକୁ ଆୟକର ଛାଡ଼ ପାଇବ । ସାଧାରଣ କର୍ମଜୀବୀ ପାଇଁ ଆୟକର ପ୍ରତିବର୍ଷ ୩୭ ଶତାଂଶ ପଡୁଥିବା ବେଳେ ପୁଞ୍ଜିନିବେଶକାରୀର ଆୟକୁ କାପିଟାଲ୍ ଗେନ୍ସ କୁହାଯାଇ ତାହା ଭଙ୍ଗାଇଲା ବେଳେ ହିଁ (ପ୍ରତିବର୍ଷ ନୁହେଁ) ଟାକ୍ସ ୨୦ ଶତାଂଶ ପଡ଼ିବ । ବର୍କସାୟାର ହାଥ୍‌ୱେଜ୍ କମ୍ପାନୀର ମୁଖ୍ୟ ଭାବେ ବଫେଟ ୨୦୧୪ରୁ ୨୦୧୮ ଭିତରେ ମୋଟ ଆୟ ୧୨୫ ମିଲିଅନ୍ ଡଲାର ଉପରେ ଫେଡେରାଲ୍ ଇନ୍‌କମ୍ ଟାକ୍ସ ୨୩.୭ ମିଲିଅନ୍ ଡଲାର ଦେଇଛି, ତା' ମାନେ ୧୯ ଶତାଂଶ । ସେହି କାଳରେ ବଫେଟଙ୍କ ସମ୍ପତ୍ତି ୨୪.୩ ବିଲିଅନ ଡଲାର ବଢ଼ିଗଲା, ତା' ମାନେ ପ୍ରକୃତ ଟିକସ ହାର (ଟ୍ରୁ ଟାକ୍ସ ରେଟ୍) ୦.୧୦% । ସେହିପରି ଟେସ୍ଲାର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ମସ୍କ ୧.୫୨ ବିଲିଅନ ଡଲାର ଆୟ ଉପରେ ୪୫୫ ମିଲିଅନ ଡଲାର ଦେଲା, ତା'ର ସମ୍ପତ୍ତି ୧୩.୯ ବିଲିଅନ ଡଲାର ବଢ଼ିଥିବା ବେଳେ ଟ୍ରୁ ଟାକ୍ସ ରେଟ୍ ୩.୨୭% । ଆମାଜନର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଓ ୱାଶିଂଟନ୍ ପୋଷ୍ଟର ମାଲିକ ବେଜୋସ୍ ୪.୨୨ ବିଲିୟନ୍ ଡଲାର ଆୟ ଉପରେ ୯୭୩ ମିଲିଅନ ଡଲାର ଟିକସ ଦେଇଛି କିନ୍ତୁ ତାଙ୍କ ସମ୍ପତ୍ତି ୯୯ ବିଲିଅନ ଡଲାର ବଢ଼ିଥିଲା, ତେଣୁ ଟ୍ରୁ ଟାକ୍ସ ରେଟ୍ ହେଲା ୦.୯୮% । ବେଜୋସ୍ ୨୦୧୧ରେ ଆୟକର ରିଟର୍ନରେ ବ୍ୟାଡ୍ ଇନ୍‌ଭେଷ୍ଟମେଣ୍ଟ ଯୋଗୁ ଲସ୍ କରିଥିବା ଦର୍ଶାଇ ୪୦୦୦ ଡଲାର ଟାକ୍ସ କ୍ରେଡିଟ୍ ପାଇଛି । ଆଉ ଜଣେ କୁବେର କାର୍ଲ ଇକନ୍ସ ନୂଆ କମ୍ପାନୀ କିଣି ଧନୀ ହେଲେ, ୨୦୧୬ ଓ ୧୭ରେ ସେ ଜିରୋ ଇନକମ୍ ଟାକ୍ସ ଦେଇଛନ୍ତି, କାରଣ ସେ ଲୋନ୍ ଉପରେ ସୁଧ ବାବଦ ଛାଡ଼ ସାଙ୍ଗରେ କାପିଟାଲ୍ ଗେନ୍ସ ଟାକ୍ସରେ ରିହାତି ପାଇଛନ୍ତି । ତେଣେ ଧନୀ-ଗରିବ ବ୍ୟବଧାନ ବଢୁଥାଉ, ଗରିବ ଆହୁରି ଗରିବ ହେଉଥାଉ, ସେଥିଲାଗି ଚିନ୍ତା ନାହିଁ ।



ବହିର୍ଶୁଳ୍କ ଓ ଉତ୍ପାଦନ ଶୁଳ୍କରେ ଅମ୍ବାନୀର ରିଲାୟାନ୍ସ ଦେଶର ସର୍ବାଧିକ ଟିକସ ଦିଏ, ୨୧,୦୪୪ କୋଟି ଟଙ୍କା, ଜିଏସ୍‌ଟି ଓ ଭାଟ୍ ମିଶି ରିଲାୟାନ୍ସ ୮୫,୩୦୬ କୋଟି ଟଙ୍କା ; କିନ୍ତୁ ୩୫% ଲାଭ କରୁଥିବା ରିଲାୟାନ୍ସ ଇଣ୍ଡଷ୍ଟ୍ରିଜ୍ ଦେଉଥିବା ପ୍ରକୃତ ଟିକସ ହାର ୩% । ଆମେରିକାରେ ମାଟିରୁ ତେଲ, ସେଲ୍ ଗ୍ୟାସ୍, ଉପରେ ଟିକସ ଛାଡ, ତାକୁ କିଣି ରିଲାୟାନ୍ସ ଟିକସ ଦିଏ ନାହିଁ, ପୁଣି ଜାମ୍‌ନଗର ଏସ୍‌ଇଜେଡ୍ ଭିତରେ ରିଫାଇନେରି ଅଛି ବୋଲି ଟିକସ ନାହିଁ । ଯୋଜନାବଦ୍ଧ ପୁନର୍ଗଠନ, ଯଥା କଂଗ୍ଲୋମରେଟ୍ (ଗୋଟିଏ ବଡ଼ କମ୍ପାନୀ ଅଧୀନରେ ସବୁ କମ୍ପାନୀ ରହିବା) ଗଢ଼ିଲେ, ଆଜିର ଟିକସ ଭବିଷ୍ୟତକୁ ନେଇହେବ, ସବ୍‌ସିଡିଆରୀ (ଉପକମ୍ପାନୀମାନ) ତିଆରି କରି ଟିକସ ଛାଡ଼ ପାଇହେବ, ଏଭଳି ବ୍ୟବସ୍ଥା କରି ୧୯୭୧-୧୯୯୬ରେ ସବୁଠୁ ଅଧିକ ଲାଭକରିଥିବା କମ୍ପାନୀ ହୋଇ ବି ଜିରୋ କର୍ପୋରେଟ୍ ଟିକସ ଦେଇଥିଲା । କିଛି ଲାଭ ହେଉନାହିଁ ଦର୍ଶାଇ କମ୍ପାନୀମାନେ ନ୍ୟୂନତମ ଟିକସ (ମ୍ୟାଟ୍, ମିନିମମ୍ ଅଲଟର୍‌ନେଟ୍ ଟାକ୍ସ) ଦିଅନ୍ତି, କମ୍ପାନୀମାନେ ବଡ଼ ବଡ଼ ଓକିଲ ଓ ଟାକ୍ସ କନ୍‌ସଲଟାଣ୍ଟ ଲଗାଇ ଆଇନର ଏମିତି ବ୍ୟାଖ୍ୟା କରିପାରନ୍ତି । ରିଲାୟାନ୍ସ ଯଦି ଗୁଗଲ ଓ ଫେସ୍‌ବୁକ୍ ଭଳି ଇନ୍‌ଭେଷ୍ଟରମାନଙ୍କଠୁ ପୁଞ୍ଜିନିବେଶ ପାଇପାରୁଛି ସେ ତ ବିଶ୍ୱର ଶ୍ରେଷ୍ଠ କମ୍ପାନୀ, କିନ୍ତୁ ରିଲାୟାନ୍ସ ତା'ର ହିସାବରେ ସ୍ୱଚ୍ଛତା ରଖେନାହିଁ – ଗୋଳିଆପାଣିରୁ ଆଇନଜ୍ଞମାନେ ରିଲାୟାନ୍ସକୁ ଓ ଆଦାନୀ ଭଳି ବଡ଼ ବଡ଼ କମ୍ପାନୀକୁ ଟିକସରୁ ଖଲାସ ହେବାରେ ସାହାଯ୍ୟ କରନ୍ତି । ଗୌତମ ଆଦାନୀ ୧୭ ମେ ୨୦୨୨ରେ ସୁଇଜରଲାଣ୍ଡର ନିର୍ମାଣ ସାମଗ୍ରୀ ତିଆରି କମ୍ପାନୀ ହଲ୍‌ସିମ୍ ସହ ୬.୩୮ ବିଲିଅନ୍ ଡଲାର ବ୍ୟବସାୟ ରାଜିନାମା କରି ନୂଆ କମ୍ପାନୀ ବୋଲି ଟିକସ ଦେବନାହିଁ । ସରକାରୀ କମ୍ପାନୀ ଓଏନ୍‌ଜିସି (ଅଏଲ୍ ଆଣ୍ଡ ନାଚୁରାଲ୍ ଗ୍ୟାସ୍ କମ୍ପାନୀ) ଅନ୍ୟ ବ୍ୟବସାୟରେ କ୍ଷତି ସହୁଥିଲେ ବି ତା'ର ଚଳିତ ବର୍ଷକିଆ ଲାଭର ୫୦% ଉପରେ ୧,୧୪,୯୧୩ କୋଟି ଟଙ୍କା ଟିକସ ଦେଇଛି । ଶ୍ରମଜୀବୀଟିଏ ସେଇମିତି, କୋଟିଏରୁ ବେଶି ଦରମା ପାଇଲେ ୧୫%, ୨କୋଟିରୁ ବେଶି ପାଇଲେ ୨୫%, ୫ କୋଟିରୁ ବେଶି ପାଇଲେ ୩୦% ଟିକସ ଦେବ, ପୁଣି ପ୍ରତିବର୍ଷ ଦେବ, ସେ କେବେ କୋଟିପତି ହେବ କି ? ପୁଞ୍ଜିନିବେଶକାରୀଟିଏ ଖୁସିରେ ପହଁରୁଥିବା ବେଳେ ଶ୍ରମଜୀବୀଟିଏ ଉବୁଟୁବୁ ହୋଇ ପାଣି ଉପରେ ମୁଣ୍ଡଟେକି ରଖିବାର ସୁବିଧା ପାଉ ନ ଥିବ ।

sahadevas@yahoo.com

# କ୍ରୀଡ଼ା ରାଣୀ

ବ୍ୟକ୍ତିତ୍ୱ



ଭଗୱାନି ଦେବୀ

ପରିଣତ ବୟସରେ ଅବତୀର୍ଣ୍ଣ ହୋଇଥିବା ଜଣେ ବ୍ୟକ୍ତି କୌଣସି କ୍ଷେତ୍ରରେ ମଧ୍ୟ ସଫଳତା ପାଇପାରନ୍ତି । ସେଥିପାଇଁ ବୟସକୁ କେବଳ ଏକ ନମ୍ବର ଭାବେ ଗଣାଯାଇଥାଏ । ଏବେ ଏହାର ପ୍ରକୃଷ୍ଟ ଉଦାହରଣ ପାଲଟିଛନ୍ତି ଭଗୱାନି ଦେବୀ ଡାଗର । ୯୪ ବର୍ଷ ବୟସରେ ସେ ୱାର୍ଲଡ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୧୦୦ ମିଟର ଦୌଡ଼କୁ ସେ ୨୪.୭୪ ସେକେଣ୍ଡରେ ଅତିକ୍ରମ କରି ଭାରତ ପାଇଁ ଗୌରବ ଆଣିଦେଇଛନ୍ତି । ଏଥିସହିତ ସେ ଶଟ୍ ପୁଟ୍‌ରେ ମଧ୍ୟ ତାମ୍ର ଫଳକ ହାସଲ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ଖେଳାଳିମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବା ଲାଗି ଯୋଗ୍ୟତା ଅର୍ଜନ କରିଥାଆନ୍ତି । ବିଭିନ୍ନ ବର୍ଗକୁ ନେଇ ୩୫ରୁ ୧୦୫ ବର୍ଷ ବୟସ ଯାଏ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଅତି ବୟସ ବର୍ଗରେ ଭଗୱାନି ଅଂଶଗ୍ରହଣ କରି ଯେଉଁ ବିରଳ କୀର୍ତ୍ତିମାନ ରଚିଛନ୍ତି, ସେଥିଲାଗି ତାଙ୍କୁ ସମାଜର ସବୁ ବର୍ଗରୁ ଶୁଭେଚ୍ଛା ମିଳିବାରେ ଲାଗିଛି । ଏହି ବୟସରେ ସେ ଫିନ୍‌ଲାଣ୍ଡ୍‌ର ଟାମ୍ପେର୍‌ରେ ଯେଉଁ ଦୃଢ଼ ଇଚ୍ଛାଶକ୍ତି ରଖି ସଫଳତା ଅର୍ଜନ କରିଛନ୍ତି, ତାହା ଯୁବପିଢ଼ିଙ୍କୁ ପ୍ରେରଣା ଦେବା ଲାଗି ଯଥେଷ୍ଟ ।

ହରିୟାଣାର ଖିଡ଼୍‌କା ଗ୍ରାମରେ ଭଗୱାନି ୧୯୨୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପରିବାର ଓ ପିଲାବେଳ ବିଷୟରେ ବହୁତ ତଥ୍ୟ ଲୋକଲୋଚନକୁ ଆସିପାରି ନ ଥିଲେ ମଧ୍ୟ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରପ୍ରାପ୍ତ ପାରା ଆଥ୍‌ଲେଟ୍ ବିକାଶ ଡାଗରଙ୍କ ସେ ହେଉଛନ୍ତି ଜେଜେମା' । ସେ ପ୍ରତିଦିନ ପ୍ରାତଃ ଓ ସନ୍ଧ୍ୟା ସମୟରେ ତିନି କିଲୋମିଟର ଚାଲିବାର ଅଭ୍ୟାସ ଜାରି ରଖିଛନ୍ତି । ବିକାଶ ତାଙ୍କୁ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗ ନେବା ପାଇଁ ଉତ୍ସାହିତ କରିବା ପରେ ଭଗୱାନି ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଛନ୍ତି । ଜେଜେମା'ଙ୍କ ସୋସିଆଲ ମିଡିଆରେ ଉପସ୍ଥିତି ନ ଥିବାରୁ ବିକାଶ ତାଙ୍କ ସଫଳତାକୁ ନିଜ ଏକାଉଣ୍ଟ ମାଧ୍ୟମରେ ଦିଗବିଦିଗ କରାଇଛନ୍ତି । ଚଳିତବର୍ଷ ମେ'ରେ ଭଗୱାନି ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିବା ନ୍ୟାଶନାଲ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଭାଗ ନେଇ ତିନୋଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ଜାତୀୟ ଚାମ୍ପିୟନଶିପ୍‌ରେ ଉତ୍ତମ ପ୍ରଦର୍ଶନ କରିବା ପରେ ସେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗ ନେବା ଲାଗି ଯୋଗ୍ୟତା ଲାଭ କରିଥିଲେ । ୨୯ ଜୁନ୍‌ରୁ ୧୦ ଜୁଲାଇ ମଧ୍ୟରେ ଫିନ୍‌ଲାଣ୍ଡଠାରେ ଅନୁଷ୍ଠିତ ୱାର୍ଲଡ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରୁ ଭାଗ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ଭଗୱାନି ଦେବୀଙ୍କୁ ଦିଲ୍ଲୀ ବିମାନବନ୍ଦରଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ଆଗକୁ ଅନ୍ୟାନ୍ୟ ରାଷ୍ଟ୍ରକୁ ଯାଇ ଅଧିକ ପଦକ ଜିତି ଦେଶ ପାଇଁ ଗର୍ବ ଆଣିଦେବେ ।

ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଭଗୱାନିଙ୍କ କ୍ରୀଡ଼ା ଜୀବନ ୨୦୨୨ ପ୍ରାରମ୍ଭରେ ଆରମ୍ଭ ହୋଇଥିଲା । ଦିଲ୍ଲୀ ଷ୍ଟେଟ୍ ମାଷ୍ଟର୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ୧୦୦ ମିଟର ଦୌଡ଼, ଜାଭେଲିନ୍ ଥ୍ରୋ ଓ ଶଟ୍ ପୁଟ୍‌ରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଭଗୱାନିଙ୍କ ସଫଳତା ବିଷୟରେ ନାତି ବିକାଶ ଏକ ସାକ୍ଷାତକାରରେ କହିଛନ୍ତି, ଜେଜେମା'ଙ୍କ କ୍ରୀଡ଼ା ପ୍ରତି ଆଗ୍ରହ ଥିବା ସେ ଜାଣି ନ ଥିଲେ । ଥରେ ରାତିରେ ଜେଜେମା' ତାଙ୍କୁ ଶଟ୍ ପୁଟ୍ ଦେବାକୁ କହିଥିଲେ । ସେହି ଅନୁଯାୟୀ ସେ ତାଙ୍କୁ ତାହା ଦେଇଥିଲେ । ତା' ପରଦିନ ସକାଳ ହେବା କ୍ଷଣି ଜେଜେମା' ତାଙ୍କୁ ଉଠାଇ ବଲ୍ ଦେବାକୁ ପୁଣି କହିଥିଲେ । ସେତେବେଳେ ବିକାଶ ଜାଣିବାକୁ ପାଇଥିଲେ ଯେ, ତାଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ରହିଛି । ତା' ପରେ ଜେଜେମା ଓ ନାତି ପଡ଼ିଆକୁ ଗଲେ ଓ ଖେଳ ଅଭ୍ୟାସ ଆରମ୍ଭ ହୋଇଗଲା । ଏମିତିରେ ଭଗୱାନି ଦୈନିକ ଚାଲିବାରେ ଅଭ୍ୟାସ ରଖିଥିବା ବେଳେ ତିନିମହଲା ବିଶିଷ୍ଟ କୋଠାକୁ ପାହାଚ ଦେଇ ଯିବାଆସିବା କରିଥାଆନ୍ତି । ଏଭଳି ଅଭ୍ୟାସ ଯୋଗୁ ସେ ତାଙ୍କ ଫିଟ୍‌ନେସ୍ ବଜାୟ ରଖିଥିଲେ । ବିକାଶ କହିଛନ୍ତି, ଯେତେବେଳେ ସେ ଜାଣିବାକୁ ପାଇଲେ ଜେଜେମା' ବୟସ୍କଙ୍କ କ୍ରୀଡ଼ାରେ ଭାଗ ନେଲେ କିଛି ନୂଆ କରିଦେଖାଇପାରିବେ, ସେତେବେଳେ ସେ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଆଜି ଜେଜେମା'ଙ୍କ ସଫଳତାରେ ବିକାଶ ଖୁସି ବୋଲି କହିଛନ୍ତି । ଏଥିସହିତ ଭଗୱାନି ୨୦୨୩ରେ ପୋଲାଣ୍ଡର ତୋରୁନ୍‌ଠାରେ ହେବାକୁ ଥିବା ୱାର୍ଲଡ ମାଷ୍ଟର୍ସ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ବିକାଶ କହିଛନ୍ତି । ବାସ୍ତବରେ ଭଗୱାନିଙ୍କ କ୍ରୀଡ଼ା ଯାତ୍ରା ସ୍ୱଳ୍ପ ଅବଧିର ହୋଇଥିଲେ ହେଁ ଆତ୍ମବିଶ୍ୱାସ ବଳରେ ସେ ଏବେ ବିଶ୍ୱ ଯୁବପିଢ଼ିଙ୍କ ଆଗରେ କ୍ରୀଡ଼ା ରାଣୀ ଭାବେ ଉଭା ହୋଇଛନ୍ତି ।

– ଜିତେନ୍ଦ୍ର କୁମାର ନାୟକ

# ଏଇ ଭାରତରେ

ପଦାକୁ ଆସିଛି ବି.କମ୍. ଛାତ୍ରୀ ଆଞ୍ଚଳ ସିଂଙ୍କ କରିସ୍ମା । ଉତ୍ତରପ୍ରଦେଶର ବାରାଣସୀରେ ରହୁଥିବା ଆଞ୍ଚଳ ଏଭଳି ଏକ ସୋଲାର କୁଲିଂ ବେଲ୍‌ଟ ନିର୍ମାଣ କରିଛନ୍ତି, ଯାହା ପାଣି ବୋତଲକୁ ଥଣ୍ଡା କରିପାରୁଛି । ଏହି ବେଲ୍‌ଟରେ ଏକ ଫ୍ୟାନ, ସୋଲାର ଓ ଥର୍ମାଲ ପ୍ଲେଟ ଲଗାଯାଇଛି । ଏହି ବେଲ୍‌ଟ ସୌର ଶକ୍ତିରେ ଚାଲୁଛି ଓ ପାଣିକୁ ଥଣ୍ଡା କରିପାରୁଛି । ଆଞ୍ଚଳଙ୍କ ପିତା ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରନ୍ତି । ଖରାଦିନେ ଡ୍ୟୁଟି ସମୟରେ ସେ କିଭଳି ଥଣ୍ଡା ପାଣି ପିଇ ପାରିବେ ସେ ବିଷୟ ଚିନ୍ତା କରି ଏଭଳି ଉଦ୍ଭାବନ କରିବାକୁ ମନ ବଳାଇଥିଲେ । ଏହି ପ୍ରକାର କୁଲର୍ ନିର୍ମାଣ କରିବା ଲାଗି ୪ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଆଞ୍ଚଳଙ୍କ ଉକ୍ତ ଉଦ୍ଭାବନରେ ଅନୁପ୍ରାଣିତ ହୋଇ ମିରଟର ଏକ କଲେଜ ତାଙ୍କୁ ସହଯୋଗ କରିବା ଲାଗି ନିଷ୍ପତ୍ତି ନେଇଛି । ତେବେ ତାଙ୍କୁ ସହଯୋଗ ମିଳିଲେ ସେ ଆଉ କିଛି ଉଦ୍ଭାବନ କରିପାରିବେ ବୋଲି କହିଛନ୍ତି ଆଞ୍ଚଳ ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁଲାଇ ୧୯୯୭

- ଶ୍ରୀଲଙ୍କାର ଏଲ୍‌ଟିଟିଇ ଅଧ୍ୟୁଷିତ ଉତ୍ତରବାନି ଅଞ୍ଚଳରେ ସେନା ଓ ଉଗ୍ରପନ୍ଥୀ ମଧ୍ୟରେ ତୁମୁଳ ସଂଘର୍ଷ ଘଟି ଉଭୟ ପକ୍ଷରୁ ୧୭ ନିହତ ।
- ରାଜ୍ୟସଭାର ସେକ୍ରେଟାରୀ ଜେନେରାଲ ଭି.ଏସ୍. ରମାଦେବୀଙ୍କୁ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି ।
- ବିଶିଷ୍ଟ ସିତାର ବାଦକ ପଣ୍ଡିତ ଶଶୀ ମୋହନ ଭଟ୍ଟଙ୍କ ୬୭ବର୍ଷ ବୟସରେ ପରଲୋକ ।
- ତାମିଲ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆର୍. କ୍ରିଷ୍ଣନ୍‌ଙ୍କ ୮୬ ବର୍ଷ ବୟସରେ ପରଲୋକ ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 9 | | 1 |
| 3 | | 5 | | | | 7 | 6 | |
| 7 | | | | | 2 | 3 | | |
| 8 | 2 | | | | | | | |
| | | | | | | | 3 | |
| | | | 9 | | 8 | | | |
| | | 6 | | | | 5 | | |
| | | 9 | | 1 | 4 | | | |
| | 5 | | | 3 | | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 3 | 6 | 9 | 1 | 8 | 7 |
| 6 | 1 | 3 | 7 | 4 | 8 | 9 | 2 | 5 |
| 7 | 8 | 9 | 5 | 1 | 2 | 3 | 4 | 6 |
| 4 | 3 | 1 | 2 | 5 | 6 | 7 | 9 | 8 |
| 9 | 7 | 6 | 4 | 8 | 1 | 2 | 5 | 3 |
| 8 | 5 | 2 | 9 | 7 | 3 | 6 | 1 | 4 |
| 5 | 6 | 8 | 1 | 2 | 7 | 4 | 3 | 9 |
| 1 | 9 | 4 | 6 | 3 | 5 | 8 | 7 | 2 |
| 3 | 2 | 7 | 8 | 9 | 4 | 5 | 6 | 1 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କର୍ତ୍ତୃପକ୍ଷଙ୍କ ଦୃଷ୍ଟିପାତ

ମହାଶୟ,

ନବୋଦୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶନ (ଷଷ୍ଠ ଶ୍ରେଣୀ) ପରିପ୍ରେକ୍ଷୀରେ ଅନୁଭୂତ ହୋଇଥିବା ଦୁଇ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗ । ପ୍ରଥମତଃ, ଯେତେବେଳେ ନବୋଦୟ ପ୍ରବେଶିକା ପରୀକ୍ଷା ଛାତ୍ରୀଛାତ୍ରମାନେ ଦେଲେ, ସେତେବେଳେ ଓଡ଼ିଆ ଭାଷା ମାଧ୍ୟମରେ ଥିବା ଇଂଲିଶ୍ ପ୍ରଶ୍ନପତ୍ରରେ ଅକ୍ଷମଣୀୟ ଅଶୁଦ୍ଧି ପରିଲକ୍ଷିତ ହୋଇଥିଲା । ବାକ୍ୟରେ ଇଂଲିଶ୍ ଶବ୍ଦଗୁଡ଼ିକର ଓଡ଼ିଆ ଅର୍ଥ ବହୁ ମାତ୍ରାରେ ଅଶୁଦ୍ଧ ଥିଲା, ଯେଉଁଥିପାଇଁ ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ପ୍ରଶ୍ନୋତ୍ତର କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦ୍ୱିତୀୟତଃ, ପ୍ରବେଶିକା ପରୀକ୍ଷାଫଳ ପ୍ରକାଶିତ ହେଲାବେଳେ ଏଭଳି ଏକ ସର୍ବଜନାଦୃତ ଶିକ୍ଷାନୁଷ୍ଠାନ ପ୍ରତି ସହରାଞ୍ଚଳର ମେଧାବୀ ଶିକ୍ଷାର୍ଥୀଙ୍କ ଭରସା ତୁଟିଯିବା ଭଳି ଅବସ୍ଥା ସୃଷ୍ଟି ହେଲା । କାରଣ, ନବୋଦୟ ବିଦ୍ୟାଳୟ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ସ୍ଥାନ ସଂରକ୍ଷଣ ନିୟମାବଳୀରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଗ୍ରାମାଞ୍ଚଳର ମେଧାବୀ ପ୍ରାର୍ଥୀଙ୍କ ପାଇଁ ୭୫% ସ୍ଥାନ ସଂରକ୍ଷଣ ଏବଂ ସହରାଞ୍ଚଳର ମେଧାବୀ ପ୍ରାର୍ଥୀଙ୍କ ପାଇଁ ଅବଶିଷ୍ଟ ସ୍ଥାନ ସଂରକ୍ଷଣ ରହିବ । କିନ୍ତୁ କ୍ଷୋଭର ବିଷୟ, ସମ୍ଭବତଃ ଉଦ୍ଦେଶ୍ୟମୂଳକ ଭାବେ ୩୦ ଜିଲାର ସହରାଞ୍ଚଳର ମେଧାବୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀ ଚୟନ ତାଲିକାରୁ ଅସ୍ୱାଭାବିକ ଭାବେ ଉପେକ୍ଷିତ କରାଯାଇଛି, ଯାହା ଅଯୌକ୍ତିକ ମଧ୍ୟ । ଏଥିପାଇଁ କିଏ ଉତ୍ତରଦାୟୀ ! ତୃତୀୟତଃ, ଏହି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କର ଜାତିଗତ ପ୍ରମାଣପତ୍ରକୁ ଯାଞ୍ଚ କରାଯିବା ସମୟରେ ଅତି ସତର୍କତା ଅବଲମ୍ବନ କରାଯିବା ଉଚିତ । କାରଣ ଏହି ଜାତିଗତ ପ୍ରମାଣପତ୍ରରେ ମଧ୍ୟ ଜାଲିଆତି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଣୁ ବିଶେଷ ଅନୁରୋଧ, ନବୋଦୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନ୍ୟାୟୋଚିତ ସମୟୋପଯୋଗୀ ପଦକ୍ଷେପ ଶିକ୍ଷାର୍ଥୀଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ ହେବ ।

– ସତ୍ୟଜିତ ରାୟ, ଓଡ଼ିଶାଗଡ଼ (ନୂଆଗଡ଼), ଆଶ୍ରମପାଟଣା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉଠିନି ହସି ରବି ରକତ ରାଗେ,
ନୟନେ କିପାଁ ତବ ଲୋତକ ଜାଗେ !
ଉଷାର ପରଶରେ ଜୋଛନା ବିରସ ଯେ
ପ୍ରଭାତୀ ତାରା ମୁଖେ ତୁଷାର ଲାଗେ
ନୟନେ ତବ କିପାଁ ଲୋତକ ଜାଗେ ?
(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଂସଦରେ ଓଡ଼ିଶା ସମସ୍ୟା ଉଠାଅ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**




କିଛିଦିନ ହେଲା ଭାଜପାର କେତେକ ନିଷ୍ପତ୍ତି ଏବଂ ଅନେକ କିଛି ରାଜନୈତିକ ଘଟଣାକ୍ରମ ସହ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜେଡିର ସମର୍ଥନ ଆଦି କଥାକୁ ନେଇ ବିଜେଡି ସହ ରାଜ୍ୟ ମୁଖ୍ୟ ବିରୋଧୀ ଦଳ ସମ୍ପର୍କ ବାବଦରେ ଭିନ୍ନ ପ୍ରକାର ଆଲୋଚନା ହୁଏ। ତେବେ କେନ୍ଦ୍ର ସରକାରଙ୍କ ବହୁ ମନ୍ତ୍ରୀଙ୍କ ଆଭିମୁଖ୍ୟ ଓଡ଼ିଶା ସରକାରଙ୍କ ପ୍ରତି ଯେଭଳି ରହୁଛି ତାହା ମଧ୍ୟରେ ଅନେକ ସମୟରେ ବିଭିନ୍ନ ମହଲରେ ଚର୍ଚ୍ଚା ଏବଂ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଉଛି। ହେଲେ ରାଷ୍ଟ୍ରପତି ନିର୍ବାଚନ ଠିକ୍ ପୂର୍ବରୁ ଓଡ଼ିଶାର ବିଭିନ୍ନ ସମସ୍ୟା ନେଇ ବିଜେଡି ଏମ୍‌ପିମାନଙ୍କୁ ଯେଭଳି ମୁଖ୍ୟମନ୍ତ୍ରୀ ପାର୍ଲାମେଣ୍ଟରେ ଉଠାଇବା ଲାଗି କହିଛନ୍ତି, ତାହା ରାଜନୈତିକ ମୋଡ଼ ଓଡ଼ିଶାରେ କିଛି ମାତ୍ରାରେ ବଦଳିବ ବୋଲି ଆଶା କରାଯାଉଛି। ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ସଂସଦରେ ଜୋର୍‌ଦାର କରିବାକୁ ନବୀନ ଖୋଲାଖୋଲି ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି

ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଆମ ଦେଶର ସର୍ବୋଚ୍ଚ ପଦବୀକୁ ମନୋନୀତ ହୋଇଛନ୍ତି। ଏହା ବାସ୍ତବରେ ଆମ ରାଜ୍ୟ ପାଇଁ ସମ୍ମାନ ଓ ଗର୍ବର ବିଷୟ। ଓଡ଼ିଶାବାସୀ ଏବଂ ବିଜେଡି ତରଫରୁ ୧୮ ଜୁଲାଇରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପ୍ରାର୍ଥିତ୍ୱକୁ ଆମର ପୂର୍ଣ୍ଣ ସମର୍ଥନ ଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବିଜେଡିର ସମସ୍ତ ଲୋକ ସଭା ଏବଂ ରାଜ୍ୟ ସଭା ଏମ୍‌ପିଙ୍କୁ କହିଛନ୍ତି।

ଶନିବାର ଭର୍ଚ୍ଚୁଆଲରେ ଅନୁଷ୍ଠିତ ବୈଠକରେ ଦଳୀୟ ଏମ୍‌ପିମାନଙ୍କୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ମେ ୩୦ ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କ ସାକ୍ଷାତ ସମୟରେ ସେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଅନେକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛି। ସମ୍ପୃକ୍ତ ମନ୍ତ୍ରଣାଳୟ ସହିତ ସମସ୍ତ ବିଚାରାଧୀନ ପ୍ରସଙ୍ଗଗୁଡ଼ିକ ଗ୍ରହଣ କରିବାକୁ କହିଛି ଯାହାଦ୍ୱାରା ଏଗୁଡ଼ିକ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମାଧାନ ହୋଇପାରିବ।

ନିକଟରେ ସେ ପ୍ରଧାନମନ୍ତ୍ରୀଙ୍କୁ ୨୦୨୧-୨୨ ଖରିଫ ଋତୁ ପାଇଁ ରାଜ୍ୟରୁ ୫ ଲକ୍ଷ ମେଟ୍ରିକ ଟନ୍ ବଳକା ଭିଟାମିନ୍‌ଯୁକ୍ତ ଉଷୁନା ଚାଉଳ ଉଠାଇବା, ୫୮% ଗ୍ରେଡ୍‌ରୁ କମ୍ ମାନର ଲୁହାପଥର ଏବଂ ପେଲେଟ ଉପରେ ରପ୍ତାନି ଶୁଳ୍କ ପ୍ରତ୍ୟାହାର, ଫନୀ ପ୍ରଭାବିତ ପରିବାର ପାଇଁ ୧.୮୪ ଲକ୍ଷ ପିଏମ୍‌ଏୱାଇ (ଗ୍ରାମୀଣ) (ସ୍ୱତନ୍ତ୍ର ଘର) ମଞ୍ଜୁର କରିବା ଏବଂ ଆୱାସ + ଯୋଜନା ଜରିଆରେ ୫.୦୯ ଲକ୍ଷ ତଥ୍ୟ ଆର୍‌ଏଚ୍ ପୋର୍ଟାଲରୁ ପିଡବ୍ଲ୍ୟୁଏଲ୍‌କୁ ସ୍ଥାନାନ୍ତର କରିବାକୁ କହିଛି। ଏହାସହ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ୨୦୨୨-୨୩ ପରଠାରୁ ଡିଏମ୍‌ଏଫ୍ ଟ୍ରଷ୍ଟକୁ ଆୟକର ଶୁଳ୍କ ଛାଡ଼ ପାଇଁ ଚିଠି ଲେଖିଛି। ଉପରୋକ୍ତ ସମସ୍ତ ପ୍ରସଙ୍ଗକୁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା

### ଏମ୍‌ପିମାନଙ୍କୁ ନବୀନଙ୍କ ଆହ୍ୱାନ

କରି ଏବେ ଆଗେଇନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି ଆହୁରି କହିଛନ୍ତି, ରାଜ୍ୟରେ ବିଚାରାଧୀନ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ଆମ କୃଷକଙ୍କ ସ୍ୱାର୍ଥ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ସ୍ୱାମୀନାଥନ୍ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା, ଉଭୟ ବିଧାନସଭା ଏବଂ ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ, ଓଡ଼ିଶା ବିଧାନ ପରିଷଦର ଗଠନ, ଆମର ଦାବି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଅଷ୍ଟମ ସୂଚୀରେ 'ହୋ' ଭାଷାକୁ ଅନ୍ତର୍ଭୁକ୍ତ କରାଯିବା ସହିତ ଏହି ପ୍ରସଙ୍ଗକୁ ସଂସଦରେ ଜୋର୍‌ଦାର ଉପସ୍ଥାପନ କରିବା ଆବଶ୍ୟକ। ରେଳପଥ, ବ୍ୟାଙ୍କିଙ୍ଗ୍, ଟେଲି ସାନ୍ଦ୍ରତା, କୋଇଲା ରୟାଲଟି ଦେୟ, ସ୍ୱଚ୍ଛ ଶକ୍ତି ସେସ୍ ଏବଂ ଉପକୂଳ ରାଜପଥ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅବହେଳିତ। ତେଣୁ ଓଡ଼ିଶାର ସ୍ୱାର୍ଥକୁ ନେଇ ଉପରୋକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଜୋର୍‌ଦାର ଉଠାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଦ୍ରୌପଦୀଙ୍କୁ ଜେଡିଏସ୍, ଯଶୱନ୍ତଙ୍କୁ ଏଏପିର ସମର୍ଥନ

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୬।୭**

ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ କର୍ଣ୍ଣାଟକର ଆଞ୍ଚଳିକ ଦଳ ଜେଡିଏସ୍ ସମର୍ଥନ ଘୋଷଣା କରିଛି। ଏଥିରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡାଙ୍କ ଦଳ ଭାଜପାର ନିକଟତର ହେଉଥିବା ମନେକରାଯାଉଛି। ଅନ୍ୟପକ୍ଷେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବ ବୋଲି କହିଛି। ରାଷ୍ଟ୍ରପତି ନିର୍ବାଚନକୁ ଦୁଇ ଦିନ ବାକି ଥିବାବେଳେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶନିବାର ଜନତା ଦଳ (ଧର୍ମ ନିରପେକ୍ଷ) ମୁଖ୍ୟ ଏଚ୍. ଡି. ଦେବେଗୌଡ଼ାଙ୍କୁ ବେଙ୍ଗାଲୁରୁସ୍ଥିତ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏବଂ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସି. ଟି. ରବି ମଧ୍ୟ ଦେବେଗୌଡ଼ାଙ୍କ ଘରକୁ ଯାଇଥିଲେ। ଦେବେଗୌଡ଼ାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଏନେଇ ଟୁଇଟରରେ ଲେଖିଛନ୍ତି, ଜଣେ ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବା ଗର୍ବର ବିଷୟ। ତାଙ୍କୁ ସମର୍ଥନ ପାଇଁ ବାପା ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି।

ସେପଟେ କେଜରିୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଏପି ରାଜନୈତିକ ପରାମର୍ଶଦାତା କମିଟି ବୈଠକରେ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ପାଇଁ ନିଷ୍ପତ୍ତି ହୋଇଛି। ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଦ୍ରୌପଦୀ ମୁର୍ମୁଙ୍କୁ ଆମେ ସମ୍ମାନ ଦେଉ। କିନ୍ତୁ ଏଏପି ବିରୋଧୀ ପ୍ରାର୍ଥୀଙ୍କୁ ସମର୍ଥନ କରିବ।

**SCHOOL OF EDUCATION**
(SELF-FINANCE UNIT OF BERHAMPUR UNIVERSITY)
BERHAMPUR UNIVERSITY, BHANJA BIHAR,
BERHAMPUR-760007

Letter No. : 918/SOE/BU/2022 Date:16/07/2022

**ADMISSION NOTIFICATION-2022-2024**

Applications are invited for admission into B.Ed. two year course (Regular on Self-Finance Mode) under **SCHOOL OF EDUCATION of BERHAMPUR UNIVERSITY** for the session 2022-2024.

The candidates are required to download the Information Brochure and Application Form from Berhampur University website (**www.buodisha.edu.in/ www.soebu.in**) for detailed information relating to the admission from 18th July 2022 onwards.

**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**

**DATES TO REMEMBER**

Last date of receipt of duly filled-in-application form along with processing-cum-application fee.
**20th August 2022**

For details visit the Berhampur University Website **www.buodisha.edu.in / www.soebu.in**

**Sd/- Dr.Sarat Kumar Sahoo(Principal)**
**School of Education, Berhampur University**

# ଯଶୱନ୍ତଙ୍କୁ ଭୋଟ ଦେବ କଂଗ୍ରେସ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

- ଗଣେଶ୍ୱର, ସାଲୁଜା କଂଗ୍ରେସ, ମୁକେଶ ଭାଜପା ଏଜେଣ୍ଟ
- କ୍ରସ୍ ଭୋଟିଂ ରୋକିବାକୁ ଭାଜପା, ବିଜେଡିର ମକ୍‌ଡ୍ରିଲ୍

ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ରାଜ୍ୟ କଂଗ୍ରେସ ପକ୍ଷରୁ ସମସ୍ତ ବିଧାୟକ ଏବଂ ଏମ୍‌ପି ଭୋଟ ଦେବେ। ଏନେଇ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦିଲ୍ଲୀରୁ ଫେରିବା ପରେ କଂଗ୍ରେସ ବିଧାୟକମାନଙ୍କୁ ପିସିସି ସଭାପତି ସାକ୍ଷାତ କରିଛନ୍ତି। ଦିଲ୍ଲୀରେ ହାଇକମାଣ୍ଡ ଶୁଣାଇଥିବା ନିଷ୍ପତ୍ତି ସମ୍ପର୍କରେ ସେ ବିଧାୟକମାନଙ୍କୁ ଅବଗତ କରାଇଛନ୍ତି। ଯଶୱନ୍ତ ହାରନ୍ତୁ ବା ଜିତନ୍ତୁ ତାଙ୍କୁ ଭୋଟ ଦିଆଯିବ ବୋଲି କଂଗ୍ରେସ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ନିର୍ବାଚନ ଲାଗି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ କଂଗ୍ରେସର ଏଜେଣ୍ଟ ଭାବେ ନିଯୁକ୍ତ କରାଯାଇଛନ୍ତି। ତେବେ ଏନ୍‌ଡିଏ ପ୍ରାର୍ଥୀ ଭାବେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଶାସକ ବିଜେଡି ସମର୍ଥନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବିଧାୟକ ଏବଂ ଏମ୍‌ପିଙ୍କୁ ଦ୍ରୌପଦୀଙ୍କୁ ଭୋଟ ଦେବା ନେଇ ନିର୍ଦ୍ଦେଶ ଦେଇସାରିଛନ୍ତି। ଅନ୍ୟପଟେ ଏନେଇ ମୁଖ୍ୟମନ୍ତ୍ରୀ ଶନିବାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କ ସହ କରିଛନ୍ତି।

ଅନ୍ୟପକ୍ଷରେ ନିକଟରେ ଓଡ଼ିଶାର ଦୁଇ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଏବଂ ନାଉରି ନାଏକ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଯେପରି କ୍ରସ୍ ଭୋଟିଂ ନ ହୁଏ ସେନେଇ କେନ୍ଦ୍ରରେ ହୋଇଥିବା ଏକ ଟ୍ରେନିଂ କ୍ୟାମ୍ପରେ ସାମିଲ ହୋଇଥିଲେ। ଶନିବାର ଏବଂ ରବିବାର ଆଉ ଏକ ଟ୍ରେନିଂ କ୍ୟାମ୍ପ ଦିଲ୍ଲୀରେ ଭାଜପା ପକ୍ଷରୁ ଆରମ୍ଭ ହୋଇଛି। ସେଥିରେ ଭାଜପାର ସମସ୍ତ ଏମ୍‌ପି ସାମିଲ ହେଉଥିବା ଜଣାପଡ଼ିଛି। ଅନ୍ୟପଟେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଆସନ୍ତା ୧୮ରେ ରାଷ୍ଟ୍ରପତି ନିର୍ବାଚନ ହେବ। ଏହି ଅବସରରେ ଭାଜପା ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ରବିବାର ଓଡ଼ିଶାର ସମସ୍ତ ମନ୍ଦିର, ଦେବସ୍ଥାନ, ପୂଜାସ୍ଥଳୀରେ ପୂଜା ଅର୍ଚ୍ଚନା କରି ବିଜୟ କାମନା କରିବ। ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ, ବିଧାୟକ, ଏମ୍‌ପି, ବିଧାୟକ ପ୍ରାର୍ଥୀ, ଏମ୍‌ପି ପ୍ରାର୍ଥୀ, ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପୂଜାର୍ଚ୍ଚନା କରି ଭଗବାନଙ୍କୁ ପ୍ରାର୍ଥନା କରିବାକୁ ସେ କହିଛନ୍ତି। ଅନ୍ୟପଟେ ଶନିବାର କ୍ରସ୍ ଭୋଟିଂ ନ ହେବା ଲାଗି ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ମୁକେଶ ମହାଲିଙ୍ଗଙ୍କୁ ଭାଜପାର ନିର୍ବାଚନ ଏଜେଣ୍ଟ କରାଯାଇଛି। ସେହିପରି ବିଜେଡ଼ି ମଧ୍ୟ କ୍ରସ ଭୋଟିଂ ରୋକିବାକୁ ବିଧାନସଭାରେ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରିଛି।

## ଓଡ଼ିଶା ସରକାର

# ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

File No. LAC-08/35/2022/LA(J)-1477/RRCS Dtd.: 08.06.2022

No. XXIV-04: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ମହାଖଳା, ଥାନା: ବଡ଼ଚଣା, ତହସିଲ: ଦର୍ପଣ, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୭.୯୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLAR & R Act. 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLAR & R Act. 2013) ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ହରିଦାସପୁର ଉପ ଶାଖା କେନାଲ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ୧, ଖୁଣ୍ଟୁଣୀ, ଢେଙ୍କାନାଳ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଦର୍ପଣ | ମହାଖଳା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୩୮.୨୬ | ୧୭.୯୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସରଂକ୍ଷିତ ସରକାରୀ ଜମି ପ୍ରତିବେଦନ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ. ୩ଙ୍କ ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

**LAND SCHEDULE**

**ମୌଜା: ମହାଖଳା, ତହସିଲ: ଦର୍ପଣ ନମ୍ବର-୪୨, ଥାନା: ବଡ଼ଚଣା ନମ୍ବର-୪୨, ଜିଲ୍ଲା: ଯାଜପୁର**
**କେନାଲ ନାମ: ହରିଦାସପୁର ଉପଶାଖା କେନାଲ, ଦୂରତା ୯.୯୯୭ କି.ମି.ଠାରୁ ୧୧.୬୭୦ କି.ମି. ପର୍ଯ୍ୟନ୍ତ**

**ରୟତି ଜମି**

| କ୍ରମିକ ନମ୍ବର | ଖତିଆ କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାର ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୩ | ୬୭୫ | ୦.୨୫ | ୦.୨୫ | ଅଙ୍କୁର ବେହେରା, ପି.: ଧଡ଼ି ବେହେରା ଓଗେର |
| ୨ | ୪ | ୧୪୩୪ | ୧.୮୦ | ୦.୧୯ | ଅକ୍ଷୟ କୁମାର ସାହୁ, ପି. ସଉରି ସାହୁ |
| ୩ | ୪ | ୧୪୬୧ | ୦.୪୭ | ୦.୧୯ | ଅକ୍ଷୟ କୁମାର ସାହୁ, ପି. ସଉରି ସାହୁ |
| ୪ | ୧୬ | ୭୭୮ | ୦.୧୫ | ୦.୧୫ | ଅନାଦି ବେହେରା, ପୁରୁଷୋତ୍ତମ ବେହେରା, ପି.: କାଶି ବେହେରା, ସୁବନ ବେହେରା, ସ୍ୱା.: କାଶି ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୫ | ୨୮ | ୧୪୦୮ | ୦.୫୪ | ୦.୦୪ | ଅରୁଣ କୁମାର ଦେହୁରୀ, ପି.: କଳ୍ପତରୁ ଦେହୁରୀ ଓଗେର |
| ୬ | ୩୮ | ୬୭୭ | ୦.୦୪ | ୦.୦୪ | ଇନ୍ଦ୍ରମଣି ବେହେରା, ପି.: ଚୈତନ୍ୟ ବେହେରା ଓଗେର |
| ୭ | ୪୧ | ୬୬୮ | ୦.୨୧ | ୦.୧୭ | ଇନ୍ଦ୍ରମଣି ମୁଦୁଲି, ପି. ; ଦରି ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୮ | ୪୧ | ୬୮୧ | ୦.୦୮ | ୦.୦୮ | ଇନ୍ଦ୍ରମଣି ମୁଦୁଲି, ପି. ; ଦରି ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୪୫ | ୭୨୧ | ୦.୧୮ | ୦.୦୧ | ଇନ୍ଦ୍ରମଣି ରାଉତ, ପି.: ଚକ୍ରଧର ରାଉତ, ଇଚ୍ଛା ରାଉତ, ପି.: ଧଡ଼ି ରାଉତ, ସୁଦର୍ଶନ ରାଉତ, ପି.: ବାଇଧର ରାଉତ, ଜା: ଖଣ୍ଡାୟତ, ବା: ଭୁଷଣ୍ଡପୁର |
| ୧୦ | ୪୭ | ୬୮୭ | ୦.୦୭ | ୦.୦୭ | ଉଜ୍ଜ୍ୱଳି ଦେହୁରୀ, ସ୍ୱା.: କମ୍ବୁ ଦେହୁରୀ |
| ୧୧ | ୫୨ | ୧୪୯୫ | ୧.୨୪ | ୦.୩୫ | ଉମାକାନ୍ତ ବେହେରା, ପି.: ଗୋବିନ୍ଦ ବେହେରା |
| ୧୨ | ୫୫ | ୭୨୬ | ୦.୧୦ | ୦.୧୦ | କମ୍ବୁ ଦେହୁରୀ, ପି.: ଗୁନ ଦେହୁରୀ |
| ୧୩ | ୫୭ | ୭୫୯ | ୦.୨୭ | ୦.୦୧ | କରୁଣାକର ବେହେରା, ପି.: ହାଡ଼ିବନ୍ଧୁ ବେହେରା ଓଗେର |
| ୧୪ | ୬୦ | ୭୧୬/ ୨୨୨୦ | ୦.୨୨ | ୦.୨୨ | କହ୍ନେଇ ସାହୁ, ପି.: ଚିନ୍ତାମଣି ସାହୁ |
| ୧୫ | ୬୧ | ୬୭୯/ ୨୩୩୮ | ୦.୦୪ | ୦.୦୪ | କାଙ୍ଗାଳି ସାହୁ, ପି.: ସୁଦର୍ଶନ ସାହୁ, ଜା: ଗୁଡ଼ିଆ, ବା: ନରସିଂହପୁର, ଥାନା: ଧର୍ମଶାଳା |
| ୧୬ | ୭୪ | ୯୪୬ | ୦.୨୭ | ୦.୨୭ | କୁଳମଣି ବେହେରା, ପି.: ବାସୁ ବେହେରା ଓଗେର |
| ୧୭ | ୯୫ | ୬୮୦ | ୦.୦୮ | ୦.୦୮ | କେଶବ ମୁଦୁଲି, ପି. ; ଦରି ମୁଦୁଲି |
| ୧୮ | ୯୭ | ୬୮୫ | ୦.୨୧ | ୦.୦୯ | ମାଧବ ବେହେରା, ପି.: ଲୋକନାଥ ବେହେରା |
| ୧୯ | ୯୮ | ୭୬୧ | ୦.୧୦ | ୦.୦୫ | କୈଳାଶ ମଳିକ, ବିଜୟ କୁମାର ମଳିକ, ପି.: ବନ୍ଧୁ ମଳିକ, ଜା: ପାଣ, ବା: ନିଜଗାଁ |
| ୨୦ | ୧୦୯ | ୬୬୯ | ୦.୨୪ | ୦.୦୭ | ଗୁଣ୍ଡୁଚି ବେହେରା, ସ୍ୱା.: ଗିରିଧାରି ବେହେରା |
| ୨୧ | ୧୧୩ | ୬୮୬ | ୦.୨୫ | ୦.୨୫ | ଗୁରୁଚରଣ ବେହେରା, ପି.: ଚକ୍ରଧର ବେହେରା |
| ୨୨ | ୧୧୮ | ୬୭୬ | ୦.୧୦ | ୦.୧୦ | ଗୋକୁଳ ଚନ୍ଦ୍ର ରାଉଳ, ପି.: ବାବାଜି ରାଉଳ |
| ୨୩ | ୧୨୩ | ୧୪୨୩ | ୨.୮୧ | ୦.୫୩ | ଗୋପାଳକୃଷ୍ଣ ସାହୁ, କିସ୍ମତ ଏକପାହି, ପି.: ତ୍ରିଲୋଚନ ସାହୁ ଓଗେର |
| ୨୪ | ୧୨୬ | ୧୪୬୦ | ୦.୨୮ | ୦.୨୮ | ଗୋବିନ୍ଦ ସେଠୀ, ପି.: କାଳି ସେଠୀ ଓଗେର |
| ୨୫ | ୧୨୮ | ୭୪୭ | ୦.୧୧ | ୦.୦୮ | ଗୋବିନ୍ଦ ବେହେରା, ପି.: ବରଜୁ ବେହେରା |
| ୨୬ | ୧୪୪ | ୬୮୩ | ୦.୦୯ | ୦.୦୯ | ଘନ ଦେହୁରୀ, ପି.: ଗୁରୁବାରି ଦେହୁରୀ ଓଗେର |
| ୨୭ | ୧୪୪ | ୬୮୯ | ୦.୦୮ | ୦.୦୮ | ଘନ ଦେହୁରୀ, ପି.: ଗୁରୁବାରି ଦେହୁରୀ ଓଗେର |
| ୨୮ | ୧୪୬ | ୬୭୯ | ୦.୧୯ | ୦.୧୬ | ଚନ୍ଦ୍ରମଣି ଖଟୁଆ, ପି.: ମଦନ ଖଟୁଆ |
| ୨୯ | ୧୪୬ | ୯୨୨/ ୨୨୬୭ | ୦.୧୯ | ୦.୦୩ | ଚନ୍ଦ୍ରମଣି ଖଟୁଆ, ପି.: ମଦନ ଖଟୁଆ |
| ୩୦ | ୧୪୮ | ୯୪୬/ ୨୨୩୦ | ୦.୦୮ | ୦.୦୫ | ଚନ୍ଦ୍ରମଣି ବେହେରା, ପି.: ନାଭ ବେହେରା |
| ୩୧ | ୧୫୮ | ୭୧୬ | ୦.୨୨ | ୦.୨୨ | ଚିତ୍ତରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ରନାଥ ସାହୁ, ଏକାଦଶୀ ସାହୁ, ପି.: କହ୍ନେଇ ସାହୁ, ଜା: ଶୁଣ୍ଢି, ବା: ନିଜଗାଁ |
| ୩୨ | ୧୫୯ | ୬୮୮ | ୦.୨୦ | ୦.୧୧ | ଚେମେଇ ଦେହୁରୀ, ପି.: ଗଦେଇ ଦେହୁରୀ |
| ୩୩ | ୧୬୫ | ୯୫୭ | ୦.୧୪ | ୦.୦୧ | ଜଇରାମ ମଳିକ, ପି.: ଦୁରୀ ମଳିକ |
| ୩୪ | ୧୬୫ | ୬୪୭/ ୨୧୫୨ | ୦.୪୦ | ୦.୦୩ | ଜଇରାମ ମଳିକ, ପି.: ଦୁରୀ ମଳିକ, ଜା: ପାଣ, ବା: ନିଜଗାଁ |
| ୩୫ | ୧୭୧ | ୭୦୯ | ୦.୧୧ | ୦.୦୧ | ଜଳଧର ରାଉଳ, ପି.: ଫକିର ରାଉଳ ଓଗେର |
| ୩୬ | ୧୮୬ | ୬୯୦ | ୦.୦୮ | ୦.୦୮ | ଦରି ଦେହୁରୀ, ପି.: ଭିକାରୀ ଦେହୁରୀ ଓଗେର |
| ୩୭ | ୧୮୬ | ୭୦୩ | ୦.୦୫ | ୦.୦୫ | ଦରି ଦେହୁରୀ, ପି.: ଭିକାରୀ ଦେହୁରୀ ଓଗେର |
| ୩୮ | ୧୮୬ | ୭୦୪ | ୦.୦୯ | ୦.୦୯ | ଦରି ଦେହୁରୀ, ପି.: ଭିକାରୀ ଦେହୁରୀ ଓଗେର |
| ୩୯ | ୧୯୯ | ୯୪୦ | ୦.୧୬ | ୦.୦୧ | ଦୁଃଶାସନ ବେହେରା, ଶୋଭା ବେହେରା, ପି.: କପିଳ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୪୦ | ୨୦୧ | ୭୩୦ | ୦.୦୯ | ୦.୦୪ | ଦୁଃଶାସନ ବେହେରା, ପି.: କପିଳ ବେହେରା, ଶତ୍ରୁଘ୍ନ ବେହେରା, ପି.: ରାମ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୪୧ | ୨୦୬ | ୭୦୧ | ୦.୦୮ | ୦.୦୧ | ଧନେଶ୍ୱର ଖଟୁଆ, ପି.: ପାଣ୍ଡୁ ଖଟୁଆ ଓଗେର |
| ୪୨ | ୨୧୯ | ୭୦୮ | ୦.୦୬ | ୦.୦୬ | ନକୁଳ ରାଉଳ, ପି.: ଧଡ଼ି ରାଉଳ |
| ୪୩ | ୨୧୯ | ୯୩୫ | ୦.୧୬ | ୦.୦୩ | ନକୁଳ ରାଉଳ, ପି.: ଧଡ଼ି ରାଉଳ |
| ୪୪ | ୨୧୯ | ୧୩୯୯ | ୦.୪୬ | ୦.୪୬ | ନକୁଳ ରାଉଳ, ପି.: ଧଡ଼ି ରାଉଳ |
| ୪୫ | ୨୨୨ | ୯୫୮ | ୦.୨୦ | ୦.୧୪ | ନଟବର ରାଉଳ, ପି.: ପାଣ୍ଡବ ରାଉଳ |
| ୪୬ | ୨୨୨ | ୧୪୫୫ | ୦.୩୨ | ୦.୧୪ | ନଟବର ରାଉଳ, ପି.: ପାଣ୍ଡବ ରାଉଳ |
| ୪୭ | ୨୨୫ | ୯୩୦ | ୦.୬୬ | ୦.୧୦ | ଅଭିମନ୍ୟୁ ରାଉଳ, କବିଚନ୍ଦ୍ର ରାଉଳ, ରବୀନ୍ଦ୍ର ରାଉଳ, ପି.: ନଟବର ରାଉଳ, ଜା: କୁମ୍ଭାର, ବା: ନିଜଗାଁ |
| ୪୮ | ୨୨୫ | ୯୫୯ | ୦.୩୦ | ୦.୦୨ | ଅଭିମନ୍ୟୁ ରାଉଳ, କବିଚନ୍ଦ୍ର ରାଉଳ, ରବୀନ୍ଦ୍ର ରାଉଳ, ପି.: ନଟବର ରାଉଳ, ଜା: କୁମ୍ଭାର, ବା: ନିଜଗାଁ |
| ୪୯ | ୨୬୩ | ୬୭୩ | ୦.୦୭ | ୦.୦୭ | ଫକିର ବେହେରା, ପି.: ଭାଗବତ ବେହେରା |
| ୫୦ | ୨୬୮ | ୯୪୫ | ୦.୨୩ | ୦.୨୩ | ବଙ୍ଗାଳି ଚରଣ ବେହେରା, ପି.: ମାୟାଧର ବେହେରା ଓଗେର |
| ୫୧ | ୨୮୯ | ୬୮୦ | ୦.୨୨ | ୦.୨୨ | ବଂଶୀଧର ରଣା, ପି.: ସନେଇ ରଣା, ଜା: କୁମ୍ଭାର, ବା: ନିଜଗାଁ |
| ୫୨ | ୨୯୭ | ୭୧୯ | ୦.୧୪ | ୦.୧୪ | ବାଇଧର ସେଠୀ, ପି.: ହାଡ଼ିବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୫୩ | ୨୯୭ | ୭୪୫ | ୦.୩୧ | ୦.୦୯ | ବାଇଧର ସେଠୀ, ପି.: ହାଡ଼ିବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୫୪ | ୩୩୦ | ୬୪୯/ ୨୧୯୬ | ୦.୦୮ | ୦.୦୮ | ବିଦ୍ୟାଧର ବେହେରା, ମାଧବ ବେହେରା, ପି.: ଲୋକନାଥ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୫୫ | ୩୩୨ | ୧୪୪୦ | ୦.୩୫ | ୦.୧୯ | ବିନୋଦ ସେଠୀ, ପି.: ଭିକାରୀ ସେଠୀ |
| ୫୬ | ୩୪୧ | ୭୨୨ | ୦.୪୮ | ୦.୧୭ | ବିଶ୍ୱନାଥ ସେଠୀ, ପି.: ଚଇତନ ସେଠୀ ଓଗେର |
| ୫୭ | ୩୪୫ | ୫୫୫ | ୨.୨୩ | ୦.୩୬ | ବିଷ୍ଣୁଚରଣ ରାଉତ, ପି.: ଦାମୋଦର ରାଉତ |
| ୫୮ | ୩୪୮ | ୭୪୬ | ୦.୨୩ | ୦.୨୩ | ବିଷ୍ଣୁଚରଣ ମୁଦୁଲି, ସୁବାଷ ଚନ୍ଦ୍ର ମୁଦୁଲି, ପି.: ବଳରାମ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୫୯ | ୩୫୩ | ୧୪୫୮ | ୦.୪୧ | ୦.୦୨ | ବିଷ୍ଣୁଚରଣ ମୁଦୁଲି, ପି.: ବଳରାମ ମୁଦୁଲି ଓଗେର |
| ୬୦ | ୩୬୩ | ୧୩୯୫ | ୦.୩୪ | ୦.୦୭ | ବେଙ୍ଗ ରାଉଳ, ପି.: ବାଞ୍ଛୁ ରଣା |
| ୬୧ | ୩୬୯ | ୧୩୯୨ | ୦.୧୭ | ୦.୦୧ | ବୈଷ୍ଣବ ସେଠୀ, ପି.: ବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୬୨ | ୩୬୯ | ୧୪୦୧ | ୦.୧୫ | ୦.୦୮ | ବୈଷ୍ଣବ ସେଠୀ, ପି.: ବନ୍ଧୁ ସେଠୀ |
| ୬୩ | ୩୬୯ | ୧୪୯୮ | ୦.୨୫ | ୦.୧୯ | ବୈଷ୍ଣବ ସେଠୀ, ପି.: ବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୬୪ | ୩୭୦ | ୭୨୯ | ୦.୧୦ | ୦.୦୩ | ବୈଷ୍ଣବ ସେଠୀ, ଧୋଇ ସେଠୀ, ପି.: ବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୬୫ | ୩୭୪ | ୭୭୫ | ୦.୧୮ | ୦.୧୮ | ଭଗବାନ ବେହେରା, ପି.: କାଶୀନାଥ ବେହେରା, ଶୁକାନ୍ତି ସେନାପତି, ସ୍ୱା.: ଭରତ ସେନାପତି, ଜା: କୁମ୍ଭାର, ବା: ନିଜଗାଁ |
| ୬୬ | ୩୮୩ | ୯୩୯ | ୦.୦୪ | ୦.୦୪ | ପ୍ରଫୁଲ୍ଲ କୁମାର ସାହୁ, ପି.: ଗୋବିନ୍ଦ ଚନ୍ଦ୍ର ସାହୁ |
| ୬୭ | ୩୮୯ | ୭୭୭ | ୦.୨୭ | ୦.୨୭ | ଭୀମସେନ ସାହୁ, ପି.: କେଲୁଚରଣ ସାହୁ, ଜା: ସୁଣ୍ଢି, ବା: ନିଜଗାଁ |
| ୬୮ | ୩୯୦ | ୧୪୦୩ | ୦.୨୪ | ୦.୨୪ | ଶ୍ରୀ ଲକ୍ଷ୍ମୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା: ଭୀମସେନ ସାହୁ, ପି.: କେଲୁ ଚରଣ ସାହୁ ଓଗେର |
| ୬୯ | ୩୯୧ | ୭୭୬ | ୦.୦୮ | ୦.୦୮ | ଭୀମସେନ ସାହୁ, ପି.: କେଲୁଚରଣ ସାହୁ, ସୁଧାକର ସାହୁ, ସଞ୍ଜୟ କୁମାର ସାହୁ, ପି.: ଭୀମସେନ ସାହୁ, ଜା: ସୁଣ୍ଢି, ବା: ନିଜଗାଁ |
| ୭୦ | ୩୯୪ | ୧୪୦୨ | ୦.୯୨ | ୦.୭୬ | ଭୀମସେନ ସାହୁ, ପି.: କେଲୁଚରଣ ସାହୁ ଓଗେର |
| ୭୧ | ୩୯୪ | ୧୪୦୨/ ୨୨୬୩ | ୦.୬୮ | ୦.୧୧ | ଭୀମସେନ ସାହୁ, ପି.: କେଲୁଚରଣ ସାହୁ ଓଗେର |
| ୭୨ | ୪୦୦ | ୭୧୦ | ୦.୩୩ | ୦.୧୭ | ମଧୁସୁଦନ ସାହୁ, ପି.: ସିନ୍ଧୁ ସାହୁ |
| ୭୩ | ୪୧୧ | ୭୩୨ | ୦.୨୫ | ୦.୦୧ | ମାଳି ପଧାନ, ପି.: ଭଗି ଦେହୁରୀ, ଜା: ସଅର, ବା: ନିଜଗାଁ |
| ୭୪ | ୪୨୬ | ୬୮୨ | ୦.୧୦ | ୦.୧୦ | ରଥ ମୁଦୁଲି, ପି.: କାଳି ମୁଦୁଲି |
| ୭୫ | ୪୩୦ | ୬୮୪ | ୦.୧୦ | ୦.୧୦ | ରତ୍ନାକର ଦେହୁରୀ, ପି.: ଗିନି ଦେହୁରୀ ଓଗେର |
| ୭୬ | ୪୩୦ | ୭୦୨ | ୦.୦୫ | ୦.୦୫ | ରତ୍ନାକର ଦେହୁରୀ, ପି.: ଗିନି ଦେହୁରୀ ଓଗେର |
| ୭୭ | ୪୩୩ | ୬୯୨ | ୦.୧୦ | ୦.୧୦ | ରବି ଦେହୁରୀ, ପି.: ମାଳି ଦେହୁରୀ ଓଗେର |
| ୭୮ | ୪୪୬ | ୬୯୧ | ୦.୦୭ | ୦.୦୭ | ରାମଚନ୍ଦ୍ର ସାହୁ, ପି.: ଭୋବନି ସାହୁ |
| ୭୯ | ୪୪୬ | ୭୦୭ | ୦.୩୬ | ୦.୩୬ | ରାମଚନ୍ଦ୍ର ସାହୁ, ପି.: ଭୋବନି ସାହୁ |
| ୮୦ | ୪୪୬ | ୭୧୭ | ୧.୨୫ | ୦.୬୫ | ରାମଚନ୍ଦ୍ର ସାହୁ, ପି.: ଭୋବନି ସାହୁ, ଜା: ଶୁଣ୍ଢି, ବା: ନିଜଗାଁ |
| ୮୧ | ୪୫୮ | ୭୯୦ | ୦.୯୮ | ୦.୨୯ | ଲକ୍ଷ୍ମୀଧର ସାହାଣି, ପି.: ନାରଣ ସାହାଣି, ଧନେଶ୍ୱର ସାହାଣି, ଦିଲ୍ଲୀପ ସାହାଣୀ, ପ୍ରଦୀପ ସାହାଣି, ପି.: କଳ୍ପତରୁ ସାହାଣି, ସେବତୀ ସାହାଣି, ସ୍ୱା.: କଳ୍ପତରୁ ସାହାଣି, ଜା: ଖଣ୍ଡାୟତ, ବା: କୋହ୍ଳ |
| ୮୨ | ୪୫୯ | ୬୬୭ | ୦.୨୦ | ୦.୦୬ | ଲକ୍ଷ୍ମୀଧର ବାରିକ, ପି.: ଜଗବନ୍ଧୁ ବାରିକ |
| ୮୩ | ୪୬୧ | ୭୪୮ | ୦.୩୫ | ୦.୨୧ | ଲଳିତା ସାହୁ, ସ୍ୱା.: କହ୍ନେଇ ସାହୁ, ଜା: ଶୁଣ୍ଢି, ବା: ନିଜଗାଁ |
| ୮୪ | ୪୬୩ | ୭୭୩ | ୦.୨୬ | ୦.୨୦ | ଲୋକନାଥ ମୁଦୁଲି, ବଂଶୀଧର ମୁଦୁଲି, ପି.: କୁଞ୍ଜ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୮୫ | ୪୬୩ | ୭୭୪ | ୦.୫୬ | ୦.୧୯ | ଲୋକନାଥ ମୁଦୁଲି, ବଂଶୀଧର ମୁଦୁଲି, ପି.: କୁଞ୍ଜ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୮୬ | ୪୬୪ | ୭୨୩ | ୦.୨୨ | ୦.୦୫ | ଲୋକନାଥ ମୁଦୁଲି, ପି.: କୁଞ୍ଜ ମୁଦୁଲି, ପଞ୍ଚେଇ ମୁଦୁଲି, ସ୍ୱା.: ବଂଶୀଧର ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୮୭ | ୪୬୬ | ୬୫୭ | ୦.୧୭ | ୦.୦୨ | ଲୋକନାଥ ବେହେରା, ଗିରିଧାରୀ ବେହେରା, ପି.: ଗୁନ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୮୮ | ୪୬୬ | ୬୬୩ | ୦.୭୨ | ୦.୦୧ | ଲୋକନାଥ ବେହେରା, ଗିରିଧାରୀ ବେହେରା, ପି.: ଗୁନ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୮୯ | ୪୬୬ | ୯୩୨ | ୦.୪୪ | ୦.୦୪ | ଲୋକନାଥ ବେହେରା, ପି.: ଗୁନ ବେହେରା ଓଗେର |
| ୯୦ | ୪୬୮ | ୭୫୦ | ୦.୭୮ | ୦.୫୨ | ଲୋକନାଥ ରାଉତ, ପି.: କୃଷ୍ଣଚନ୍ଦ୍ର ରାଉତ ଓଗେର |
| ୯୧ | ୪୬୮ | ୭୭୯ | ୦.୮୩ | ୦.୩୩ | ଲୋକନାଥ ରାଉତ, ରମେଶଚନ୍ଦ୍ର ରାଉତ, ତପନ କୁମାର ରାଉତ, ପି.: କୃଷ୍ଣଚନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ଭୁଷଣ୍ଡପୁର |
| ୯୨ | ୪୬୮ | ୭୮୧ | ୦.୫୧ | ୦.୦୧ | ଲୋକନାଥ ରାଉତ, ରମେଶଚନ୍ଦ୍ର ରାଉତ, ତପନ କୁମାର ରାଉତ, ପି.: କୃଷ୍ଣଚନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ଭୁଷଣ୍ଡପୁର |
| ୯୩ | ୪୮୪ | ୭୧୬/ ୨୧୯୧ | ୦.୨୨ | ୦.୦୬ | ଶରତ କୁମାର ସାହୁ, ପି.: ଶ୍ୟମ ସୁନ୍ଦର ସାହୁ, ଜା: ଶୁଣ୍ଢି, ବା: ନିଜଗାଁ |
| ୯୪ | ୫୦୪ | ୭୨୦ | ୦.୦୮ | ୦.୦୮ | ସୁନାକର ସାହାଣୀ, ପି.: ଭୋଳି ସାହାଣୀ, ଜା: ଖଣ୍ଡାୟତ, ବା: କୋହ୍ଲା, ଥାନା: ଧର୍ମଶାଳା |
| ୯୫ | ୫୦୭ | ୧୫୦୧ | ୦.୪୫ | ୦.୩୬ | ସୁପ୍ରଭା ସେନାପତି, ପି.: ଶଙ୍କର ସେନାପତି ଓଗରେ |
| ୯୬ | ୫୧୩ | ୧୩୯୭ | ୦.୨୭ | ୦.୦୧ | ସୁଲଭ ଦେହୁରୀ, ପି.: କାଳନ୍ଦୀ ଦେହୁରୀ ଓଗେର |
| ୯୭ | ୫୧୬ | ୧୩୯୮ | ୦.୧୮ | ୦.୧୮ | ହରିହର ଦେହୁରି, ପି.: ସାଉଁଟି ଦେହୁରି, ଜା: ସଅର, ବା: ମହାଖଳା |
| ୯୮ | ୫୨୧ | ୭୨୮ | ୦.୧୩ | ୦.୧୦ | ହୃଷିକେଶ ବେହେରା, ପିତବାସ ବେହେରା, ପଦ୍ମାବତୀ ବେହେରା, ପି.: ତ୍ରିଲୋଚନ ବେହେରା, ଶାନ୍ତି ବେହେରା, ସ୍ୱା.: ତ୍ରିଲୋଚନ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୯୯ | ୫୨୫/ ୬୩ | ୯୩୮ | ୦.୧୧ | ୦.୧୧ | ଦଶରଥ ବେହେରା, ପି.: ଧନେଶ୍ୱର ବେହେରା, ଜା: ଗୋପାଳ, ବା: ମହାଖଳା |
| ୧୦୦ | ୫୨୫/ ୬୩ | ୧୪୩୯ | ୧.୨୩ | ୦.୯୧ | ପ୍ରଶାନ୍ତ କୁମାର ନାୟକ, ପି.: ସନାତନ ନାୟକ |
| ୧୦୧ | ୫୨୫/ ୬୬ | ୧୪୫୬ | ୦.୯୮ | ୦.୯୪ | ପାଲୁଣୀ ବେହେରା, ପି.: କାର୍ତ୍ତିକ ବେହେରା କିସ୍ମତ ଟ. ଏକପାହି ଓଗେର |
| ୧୦୨ | ୫୨୫/ ୭୨ | ୭୪୮/ ୨୩୭୫ | ୦.୩୪ | ୦.୩୪ | ଶାନ୍ତିଲତା ସାହୁ, ସ୍ୱା.: ଶ୍ୟାମସୁନ୍ଦର ସାହୁ କିସ୍ମତ ଟ. ଦୁଇଅଣା ନଅଗଣ୍ଡା ଓଗେର |
| ୧୦୩ | ୫୨୫/ ୭୯ | ୭୨୪ | ୦.୧୨ | ୦.୧୨ | ଜୟଦେବ ବେହେରା, ପି.: ମହେନ୍ଦ୍ର ବେହେରା, ଜା: କୁମ୍ଭାର, ବା: ନିଜଗାଁ |
| ୧୦୪ | ୫୨୫/ ୯୩ | ୭୦୫ | ୦.୦୫ | ୦.୦୫ | ଯୁଧିଷ୍ଠିର ସାହୁ, ଭୀମସେନ ସାହୁ, ଅର୍ଜୁନ ସାହୁ, ଯମୁନା ସାହୁ, ଗଙ୍ଗା ସାହୁ, ପି.: କେଲୁଚରଣ ସାହୁ, ସା: ନିଜଗାଁ, ବରୁଣୀ କୁମାର ସାହୁ, ପି.: ସୁଧାକର ସାହୁ, ଜା: ଶୁଣ୍ଢି, ସା: ଖଣ୍ଡିଆବନ୍ଧ |
| ୧୦୫ | ୫୨୫/ ୯୩ | ୭୨୭ | ୦.୧୪ | ୦.୧୪ | ଯୁଧିଷ୍ଠିର ସାହୁ, ଭୀମସେନ ସାହୁ, ଅର୍ଜୁନ ସାହୁ, ଯମୁନା ସାହୁ, ଗଙ୍ଗା ସାହୁ, ପି.: କେଲୁଚରଣ ସାହୁ, ସା: ନିଜଗାଁ, ବରୁଣୀ କୁମାର ସାହୁ, ପି.: ସୁଧାକର ସାହୁ, ଜା: ଶୁଣ୍ଢି, ସା: ଖଣ୍ଡିଆବନ୍ଧ |
| ୧୦୬ | ୫୨୫/ ୧୧୫ | ୭୪୯ | ୦.୩୫ | ୦.୦୮ | ଶ୍ୟାମ ସୁନ୍ଦର ବେହେରା, ପି.: ଭଗତ ବେହେର, କିସ୍ମତ ଟ. ଆଠଅଣା, ସୁଦର୍ଶନ ବେହେରା, ପି.: ଶଙ୍କର୍ଷଣ ବେହେରା, କ୍ଷୀର ବେହେରା, ସ୍ୱା.: ଶଙ୍କର୍ଷଣ ବେହେରା କିସ୍ମତ ଟ. ଆଠଅଣା, ଜା: କୁମ୍ଭାର, ବା: ଭାଲୁଖାଇ |
| ୧୦୭ | ୫୨୫/ ୧୩୯ | ୧୫୦୨ | ୦.୨୬ | ୦.୦୮ | ଡମ୍ବରୁଧର ବେହେରା, ପି.: ଉମାକାନ୍ତ ବେହେରା |
| ୧୦୮ | ୫୨୫/ ୧୪୧ | ୧୪୯୪/ ୨୧୨୯ | ୦.୯୦ | ୦.୨୨ | ଶ୍ରୀ ଶ୍ରୀ ଭାଗବତ ଗୋସାଇଁ ବିଜେ ମହାଖଳା ତରଫ ମାର୍ଫତ ବିର କିଶୋର ବେହେରା, ନିରଞ୍ଜନ ବେହେରା, ଧୀରେନ୍ଦ୍ର ନାଥ ବେହେରା, ପି.: ରମାକାନ୍ତ ବେହେରା, ଡମ୍ବରୁଧର ବେହେରା, ଗଗନ ବିହାରୀ ବେହେରା, କ୍ଷୀରୋଦ ବେହେରା, ପି.: ଉମାକାନ୍ତ ବେହେରା, ଜା: ଗୋପାଳ, ବା: ନିଜଗାଁ |
| ୧୦୯ | ୫୨୫/ ୧୪୬ | ୬୭୮ | ୦.୨୬ | ୦.୨୬ | ଚନ୍ଦନ ବେହେରା, ପି.: ଦଶରଥ ବେହେରା ଓଗେର |
| ୧୧୦ | ୫୨୫/ ୧୪୬ | ୯୩୭ | ୦.୧୦ | ୦.୦୨ | ଚନ୍ଦନ ବେହେରା, ପି.: ଦଶରଥ ବେହେରା ଓଗେର |
| ୧୧୧ | ୫୨୫/ ୧୫୯ | ୧୪୫୯ | ୦.୨୩ | ୦.୨୩ | ଧୀରେନ୍ଦ୍ର ନାଥ ମୁଦୁଲି, ପି.: ଗୟାଧର ମୁଦୁଲି ଓଗେର |
| ୧୧୨ | ୫୨୫/ ୧୮୪ | ୧୪୯୪/ ୨୨୬୮ | ୦.୨୪ | ୦.୧୭ | ଡମ୍ବରୁଧର ବେହେରା, ପିତା: ଉମାକାନ୍ତ ବେହେରା, ଜାତି: ଗୋପାଳ, ସା: ମହାଖଳା |
| ୧୧୩ | ୫୨୫/ ୧୯୧ | ୧୩୯୮/ ୨୪୫୫ | ୦.୧୮ | ୦.୧୮ | ହରିହର ଦେହୁରି, ପି.: ସାଉଁଟି ଦେହୁରି, ଜା: ସଅର, ବା: ମହାଖଳା |
| ୧୧୪ | ୫୨୫/ ୧୯୪ | ୯୩୬ | ୦.୧୨ | ୦.୦୪ | ଦଶରଥ ପୃଷ୍ଟି, ପି.: ଅଙ୍କୁର ପୃଷ୍ଟି, ଜା: ଗୋପାଳ, ବା: ମହାଖଳା |
| ମୋଟ | | | ୩୮.୨୬ | ୧୭.୯୦ | |

OIPR-24163/14/0015/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଚାରା ରୋପଣ କାର୍ଯ୍ୟକ୍ରମ



ବିରିଡି, ୧୬।୭(ଡି.ଏନ୍.ଏ): ବିରିଡି ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବସୁମାତା ପକ୍ଷରୁ ଶନିବାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି) ସଦସ୍ୟାଙ୍କ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଗଲପୁର ସରପଞ୍ଚ ତରୁଣ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବସୁମାତା ଅନୁଷ୍ଠାନ ପକ୍ଷର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ମମତା ମଲ୍ଲିକ ଓ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଉପସ୍ଥିତ ଥିଲେ।

### ବିଦ୍ୟାଧରପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର

ରଘୁନାଥପୁର,୧୬।୭(ଡି.ଏନ୍.ଏ.) ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସାହେଦା ତବସୁମଙ୍କ ଉଦ୍ୟମରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସମୀର କୁମାର ସ୍ୱାଇଁ ଓ ପ୍ରିୟଙ୍କା ନାୟକ ଯୋଗଦେଇ ୨୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ନିରାମୟ ଔଷଧ ପ୍ରଦାନ କରିଥିଲେ। ଏଥିସହ ଗୁରୁତର ରୋଗୀଙ୍କୁ ମେଡିକାଲ ଯିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମିତି ସଭ୍ୟା ସ୍ୱାଗତିକା ତରେଇ, ସାମାଜିକ କର୍ମୀ ରହିମ ଖାଁ, ହୃଷୀକେଶ ନାୟକ ଓ ଅଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ। ତୃଣମୂଳସ୍ତରରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା ବୋଲି ସରପଞ୍ଚ ସାହେଦା କହିଛନ୍ତି। ଏନେଇ ପୂର୍ବରୁ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯାଇଥିଲା। ଏହାପରେ ସରପଞ୍ଚ ଏକ ପତ୍ର ଯୋଗେ ଏ ସମ୍ପର୍କରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଙ୍କୁ ଅବଗତ କରାଇଥିଲେ।

### ଲୁହା ଚୋରି ଘଟଣାରେ ୫ ଗିରଫ

କଳିଙ୍ଗନଗର,୧୬।୭(ଡି.ଏନ.ଏ.): କଳିଙ୍ଗନଗର ଟାଟାଷ୍ଟିଲ କାରଖାନାରୁ ନିୟମିତ ଭାବେ ଲୁହା ଚୋରି କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମିରିଗିଚରା ଗାଁର ଘାସିରାମ କୁନକେଲ (୩୧), ରବୀନ୍ଦ୍ର ବେହେରା(୩୩), ରଞ୍ଜିତ ବେହେରା(୨୫), ଭାଗବାନ ସଏ(୨୦) ଏବଂ ଅଲେଖ ବେହେରା(୨୭)। ୧୦।୫।୨୦୨୨ ରିଖ ରାତିରେ ୧୦-୧୫ ଜଣ ବ୍ୟକ୍ତି କାରଖାନାର ବାଲିଗୋଠ ନିକଟସ୍ଥ ପାଚେରି ଡେଇଁ ଲୁହା ଚୋରି କରୁଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଦେଖି ଦୌଡ଼ି ପଳେଇ ଥିଲେ। ପରେ ସୁରକ୍ଷା ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ଏମାନେ ଶନିବାର ସେହିଠାରେ ପୁଣି ଏକତ୍ରିତ ହୋଇ ଚୋରି କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲା ବୋଲି ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

# 'ସାରର କୃତ୍ରିମ ଅଭାବ ହେବାକୁ ଦିଅନାହିଁ'

ଜଗତ୍‌ସିଂହପୁର ଅଫିସ, ୧୬।୭



ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ।

**ଖରିଫ ଋତୁ ପାଇଁ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ**

- ସବୁ ପଞ୍ଚାୟତରେ କୃଷି ଯନ୍ତ୍ରପାତିର ରିହାତି ଡେମୋ ଦେଖାଅ
- ଏସ୍ଏଚ୍‌ଜିକୁ ମିନି ରାଇସ ମିଲ୍ କରିବାକୁ ପରାମର୍ଶ

ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। ଏଠାରେ ଉର୍ବର ମାଟି ଓ ଜଳସେଚନ ସୁବିଧା ରହିଛି। କେବଳ ଚାଷୀଙ୍କୁ ସଚେତନ ଓ ଉତ୍ସାହିତ କରିବା ଦରକାର। ଠିକ ସମୟରେ ବିହନ ଓ ସାର ଯୋଗାଯିବା ଆବଶ୍ୟକ। ସାର ଯୋଗାଣରେ ଯେପରି କୃତ୍ରିମ ଅଭାବ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ପଡ଼ିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଖରିଫ ଋତୁ ପାଇଁ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି ଉପସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ସହକାରୀ ସମବାୟ ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ବ୍ଲକସ୍ତରରେ ତହସିଲଦାର ଓ ଜିଲାସ୍ତରରେ ଉପଜିଲାପାଳ ଏହାର ତନଖି (ଏନଫୋର୍ସମେଣ୍ଟ) ଦାୟିତ୍ୱରେ ରହିବେ। ଅନ୍ୟପଟେ ଉନ୍ନତ ବୈଜ୍ଞାନିକ କୃଷି ଯନ୍ତ୍ରପାତି ଚାଷୀ ଯେପରି ରିହାତି ଦରରେ ପାଇବେ ସେଥିପାଇଁ ବ୍ଲକ ଓ ସହକାରୀ କୃଷି ଅଧିକାରୀମାନେ ପଞ୍ଚାୟତସ୍ତରରେ ବ୍ୟାପକ ପ୍ରଚାର, ପ୍ରସାର ଓ ସଚେତନ କରାଯାଉ। ଏନେଇ ପ୍ରତି ପଞ୍ଚାୟତରେ କୃଷି ଯନ୍ତ୍ରପାତିର ଡେମୋ ଦେଖାଇ ରିହାତି ସମ୍ପର୍କରେ ଅବଗତ କରାଯାଉ। ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦିଆଗଲେ ସେମାନେ ୭୫% ରିହାତି ପାଇବେ। ଜଳନିଧି ଯୋଜନାରେ ଅଗଭୀର ନଳକୂପ ପାଇଁ ୫୦% ରିହାତି ରହିଛି। ଜିଲାରେ ମାତ୍ର ୩ ଜଣ ମିଲର ଅଛନ୍ତି। ଏ ପରିସ୍ଥିତିରେ କୃଷି ଅଧିକାରୀ ଓ ମିଶନ ଶକ୍ତି ବିଭାଗ ମିନି ରାଇସ ମିଲ୍ ଆଡକୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡ଼ିକୁ ଆକୃଷ୍ଟ କରିବାକୁ ପଡ଼ିବ। ସେହିପରି ଜିଲାରେ ସୋରିଷ, ସୂର୍ଯ୍ୟମୁଖୀ ଓ ବାଦାମ ଚାଷ କରିବା ପାଇଁ କୃଷକ ସଚେତନତାର ଆବଶ୍ୟକତା ରହିଛି। ଏଆରସିଏସ୍ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ଗୁଡ଼ିକରେ ତୁରନ୍ତ ସମ୍ପାଦକ ନିଯୁକ୍ତି କରନ୍ତୁ। କୃଷି ଋଣ ପ୍ରଦାନରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବ୍ୟାଙ୍କରମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ସମସ୍ତ ସହକାରୀ କୃଷି ଅଧିକାରୀ ପ୍ୟାକ୍ସଗୁଡ଼ିକୁ ନିୟମିତ ପରିଦର୍ଶନ କରିବା ଉଚିତ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ଯେପରି ପାକ୍ସ ମାଧ୍ୟମରେ ଅଧିକରୁ ଅଧିକ ପଞ୍ଜୀକରଣ କରିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଜୁଲାଇ ୩୦ ପୂର୍ବରୁ ପଞ୍ଜୀକରଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କର ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଜିଲା ମୁଖ୍ୟ କୃଷି ଅଧିକାରୀ ରାଜ କିଶୋର ଦାଶ ୨୦୨୧-୨୨ ରବି ଋତୁରେ ଉତ୍ପାଦିତ ଶସ୍ୟର ସଫଳତା କଥା ବଖାଣିଥିଲେ। ଏହି ବର୍ଷ ଧାନ ଆଦି ଶସ୍ୟ ୧୮୧୭ ହେକ୍ଟର, ଡାଲିଜାତୀୟ ୫୯,୦୩୭, ତୈଳ ବୀଜ ୩୩୦୫, ପନିପରିବା ୨୦,୪୭୩ ଓ ମସଲାଜାତୀୟ ୨୭୭୩ ହେକ୍ଟର ଜମିରେ ଚାଷ ହୋଇଥିଲା। ଉନ୍ନତ ବୈଷୟିକ କୃଷି ଉପକରଣ, ବିହନ, ସାର, କୀଟନାଶକ ଆଦି ରିହାତୀ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଯୋଗାଇ ଦିଆଯିବ। ବୈଷୟିକ ଯନ୍ତ୍ରପାତି ଯଥା ଟ୍ରାକ୍ଟର, ପାୱାର ଟିଲର, ଟ୍ରାନ୍ସପ୍ଲାଣ୍ଟର, ରିପର୍, ଥ୍ରେସର, ହାର୍ବେଷ୍ଟର, ଲିଫ୍ଟଇରି ମେସିନ, ଜଳନିଧି ଯୋଜନାରେ ଅଗଭୀର ନଳକୂପ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇ ଦିଆଯିବ। ତାଳଦଣ୍ଡା କେନାଲରେ ଜୁଲାଇ ୨୦ରେ ପାଣି ଛଡ଼ାଯିବ। ଏହାବାଦ୍ ବାସନା ପାନ ଚାଷ, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନ୍ୟୁଟିଏଣ୍ଟ ପରିଚାଳନା, ସିଡ୍ ଭିଲେଜ କାର୍ଯ୍ୟକ୍ରମ, ଇ-ପେଷ୍ଟ ସର୍ଭେଲାନ୍ସ ମାଧ୍ୟମରେ କୀଟଦମନ, ଜୈବ ସାର, ଭର୍ମି କମ୍ପୋଷ୍ଟ ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଉଛି। ଜିଲାରେ ଆଗାମୀ ଖରିଫରେ ୮୪,୨୬୦ ହେକ୍ଟର ଜମିରେ ଧାନ ଚାଷ, ୬୦ ହେକ୍ଟରରେ ମକା, ୧୬୦ ହେକ୍ଟରରେ ହରଡ଼, ବିରି ଓ ଅନ୍ୟାନ୍ୟ ରବି ଫସଲ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିପରି ୧୫ ହେକ୍ଟର ଜମିରେ ତୈଳବୀଜ, ୧୦୦ ହେକ୍ଟରରେ ଝୋଟ, ୧୬,୮୫୫ ହେକ୍ଟରରେ ପନିପରିବା, ୧୯୫୦ ହେକ୍ଟରରେ ଲଙ୍କା, ହଳଦୀ ଓ ଅଦା ଆଦି ମସଲାଜାତୀୟ, ୫ ହେକ୍ଟରରେ ହାଇବ୍ରିଡ୍ ନାପିୟର (ଫଡର) ଓ ୫୬୫ ହେକ୍ଟରରେ ଆଖୁ ଚାଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଦାଶ କହିଥିଲେ। ବୈଠକରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଏଲ୍‌ଡିଏମ୍ ଜି. ବି. ସୁବୁଦ୍ଧଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ଉଦ୍ୟମ ଚାଲିଛି'



ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ ।

ତିର୍ତ୍ତୋଲ,୧୬।୭(ଡି.ଏନ୍.ଏ.)

**ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ୯୪ ତମ ପ୍ରତିଷ୍ଠା ଦିବସ**

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶନିବାର ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ୯୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓରମାସର ମୁଖ୍ୟ ପରିଚାଳକ ସତ୍ୟ ଏସ. ପାୟଲ ଯୋଗଦେଇ ସରକାର ଚାଷୀମାନଙ୍କ ଆୟ କିଭଳି ଭାବେ ଦ୍ୱିଗୁଣିତ ହୋଇପାରିବ ସେଥିପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ତାହା ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓରମାସର ଅଧିକାରୀ ପ୍ରଭାତ କୁମାର ଦାସ, ଜିଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର, ଜଗତ୍‌ସିଂହପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକ ଆଶିଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ମହିଳା ଓ ପୁରୁଷ ଚାଷୀ ଭାଗନେଇଥିଲେ। ଏହି ଅବସରରେ ନୂଆଦିଲ୍ଲୀର କୃଷି ଓ ଅନୁସନ୍ଧାନ ପରିଷଦ ପକ୍ଷରୁ ଟିଭି ମାଧ୍ୟମରେ ପ୍ରସାରିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଚାଷୀମାନେ ସିଧାସଳଖ ଅଧିକାରୀମାନଙ୍କ ସହ କୃଷି ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିଥିଲେ।

# 'ଶୃଙ୍ଖଳା, ସମୟାନୁବର୍ତ୍ତିତା ରହିଲେ ଲକ୍ଷ୍ୟ ପୂରଣ ହେବ'

ରଘୁନାଥପୁର,୧୬।୭(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ଅବସରରେ ବହୁ ଉପାଦେୟ ପରାମର୍ଶ ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ତଥା ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପୌରୋହିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶୃଙ୍ଖଳା ଓ ସମୟାନୁବର୍ତ୍ତିତାକୁ ପାଥେୟ କରି ବାଟ ଚାଲିଲେ ଦିନେ ନା ଦିନେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ଅଧ୍ୟକ୍ଷ ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପିକା ବିରସ ନାୟକ, ଯାଜ୍ଞସେନୀ ରାଉତ, ସ୍ମିତାରାଣୀ ପ୍ରଧାନ, ଶାଶ୍ୱତୀ ନନ୍ଦ, ସୁଜାତା ଦାସ, ସୌମ୍ୟା ମହାନ୍ତି, ସ୍ୱାଗତିକା ଦାସ, ବଳରାମ ପାଳ ଓ କେଦାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଆରୋଶ୍ରୀ ଜେନା, ସସ୍ମିତା ମହାରଣା, ସ୍ମୃତିରେଖା ମଲ୍ଲିକ ପ୍ରମୁଖ ଅଧ୍ୟୟନବେଳର ଅନୁଭୂତି ବଖାଣି ଥିଲେ।

# ନକଲି ସିମେଣ୍ଟ କାରଖାନାର ମୁଖ୍ୟ ଗିରଫ

କଳିଙ୍ଗନଗର,୧୬।୭(ଡି.ଏନ.ଏ.)

କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲଗାଁରେ ଦୀର୍ଘ ଦିନ ହେବ ଏକ ନକଲି ସିମେଣ୍ଟ କାରଖାନା ଚାଲିଥିଲା। ଗତ ମାସ ୨୪ ତାରିଖରେ ଉକ୍ତ ସିମେଣ୍ଟ କାରଖାନାକୁ କଳିଙ୍ଗନଗର ପୋଲିସ ଠାବ କରି ସିଲ୍ କରିଥିଲା। ମାତ୍ର କାରଖାନା ମୁଖ୍ୟ କୁହାଯାଉଥିବା ବ୍ୟକ୍ତି ଖସିଯାଇଥିଲେ। ବିଶସ୍ତ ସୂତ୍ରରୁ ପୋଲିସ ଖବର ପାଇ ଶନିବାର ତାଙ୍କୁ କଟକରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ କଟକ ମହାନଦୀ ବିହାର ଟେଲିକମ କଲୋନୀର ଅନିରୁଦ୍ଧ ଦାସ ଓରଫ ରିଣ୍ଟୁ (୩୨)ବୋଲି ଜଣାପଡ଼ିଛି। ଜଙ୍ଗଲ କିସମ ଜମି ଉପରେ ରହିଥିବା ଏକ ପୁରୁଣା ଧାନ ବଏଲରକୁ ଭଡାରେ ନେଇ ରିଣ୍ଟୁ ସେଠାରେ ନକଲି ସିମେଣ୍ଟ ପ୍ୟାକିଂ କାରବାର ଜାରି ରଖିଥିଲେ। ଲୋକପ୍ରିୟ ଓ ବିଶ୍ୱସନୀୟ ସିମେଣ୍ଟ କମ୍ପାନୀର ବ୍ୟାଗରେ ନକଲି ସିମେଣ୍ଟ ଭର୍ତ୍ତି କରାଯାଉଥିଲା। ଯାଜପୁର, ଖୋର୍ଦ୍ଧା ଓ କଟକ ଜିଲାରେ ନକଲି ସିମେଣ୍ଟର ଏକ ଚୋରା ବଜାର ରହିଥିଲା। ପୋଲିସ ଏହି କାରବାରର ପର୍ଦ୍ଦାଫାଶ କରିବା ସହିତ ଗୋଦାମରୁ ୧୬୨୦ ବସ୍ତା ନକଲି ସିମେଣ୍ଟ ଜବତ କରିଥିଲା। ଘଟଣାସ୍ଥଳରୁ ପାଖାପାଖି ୨ଶହ ବସ୍ତା ନକଲି ସିମେଣ୍ଟ ଭର୍ତ୍ତି ଏକ ଟ୍ରକକୁ ଜବତ କରାଯାଇଥିଲା। ପୋଲିସ ଏହି ଘଟଣାରେ ପୂର୍ବରୁ କାରଖାନାର ସୁପରଭାଇଜର, ଟ୍ରକ ଡ୍ରାଇଭର, ଟ୍ରକ ମାଲିକ ଆଦି ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ।

# ହଂସୁଆ ଜୋରରେ ଭାସି ବୃଦ୍ଧ ନିଖୋଜ

ବାଲିଆ/ବିରିଡ଼ି(ଡି.ଏନ୍.ଏ.)୧୬।୭

ବିରିଡି ଥାନା ଅଡ଼ଙ୍ଗ ମଜୁରାଇ ଗ୍ରାମର ଜଣେ ବୃଦ୍ଧ ଶନିବାର ନିକଟସ୍ଥ ହଂସୁଆ ଜୋରରେ ଭାସି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଜେନା ସାହିର ରବୀନ୍ଦ୍ର କୁମାର ଜେନା (୭୦)। ସେ ମଧ୍ୟାହ୍ନରେ ନିଜର ଗୋରୁଙ୍କୁ ଖରିପଡିଆ ନିକଟରେ ହଂସୁଆ ଜୋର ପାଣି ପାର କରାଉଥିବାବେଳେ ପାଣି ସ୍ରୋତରେ ଭାସି ଯାଇଥିବା ସନ୍ଦେହ କରାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହ ବିରିଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏହାପରେ ୫ ଜଣିଆ ଅଗ୍ନିଶମ ଟିମ୍ ପହଞ୍ଚି ହଂସୁଆ ଜୋରରେ ୨ ଘଣ୍ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରବୀନ୍ଦ୍ରଙ୍କ ପତ୍ତା ମିଳି ନ ଥିଲା। ରାତି ହୋଇଯାଇଥିବାରୁ ରବିବାର ସକାଳେ ପୁନର୍ବାର ଖୋଜାଖୋଜି କରାଯିବ ବୋଲି ଅଗ୍ନିଶମ ଅଧିକାରୀ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

# 'ଓଡ଼ିଆ ନାଟକ ଏବେ ବି ବଞ୍ଚିଛି ଆଗକୁ ବି ରହିବ'

ପାରାଦୀପ,୧୬।୭(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ଅଫିସର୍ସ କ୍ଲବ ପରିସରରେ ଶନିବାର ୫ମ ନାଟ୍ୟକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ଅନୁଷ୍ଠାନ କାନମାସ,ପାରାଦୀପ ବନ୍ଦର ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଅନେକ ଖ୍ୟାତନାମା ନାଟ୍ୟକାର ଯୋଗଦେଇଥିଲେ। ପୂର୍ବାହ୍ନରେ ଆଲୋଚନା ସଭା ହୋଇଥିଲା। ଏଥିରେ ଅତିଥିଭାବେ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, ଶୈଳେଶ୍ୱର ନନ୍ଦ, ଲଲାଟେନ୍ଦୁ ରଥ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ସଚିବ ପି.ଏନ ବେହେକର,ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ସନ୍ଧ୍ୟାରେ ଜୟଦେବ ଭବନରେ ନାଟକ ମିଥ୍ୟାବାଦୀ ଜିନ୍ଦାବାଦ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଯୋଗଦେଇ ଓଡିଆ ନାଟକ ଏବେ ବି ବଞ୍ଚିଛି ଆଗକୁ ବି ରହିବ ବୋଲି କହିଥିଲେ। ଏଥିରେ ଉପାଧ୍ୟକ୍ଷ ଏ.କେ. ବୋଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କାନମାସ ସମ୍ପାଦକ ଶ୍ରୀମନ ମିଶ୍ର ସଞ୍ଚାଳନ କରିଥିଲେ।




ନାଟ୍ୟକାର ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

# ସୁଧୁରୁନି ଦେବୀ ନଦୀବନ୍ଧ ରାସ୍ତା

ବାଲିଆ,୧୬।୭



ଖାଲ ଖମାରେ ପୂରିଯାଇଥିବା ଦେବୀ ନଦୀବନ୍ଧ ରାସ୍ତା।

- ପ୍ରତିବର୍ଷ ମରାମତି ଆଳରେ ଲକ୍ଷାଧିକ ବ୍ୟୟ ହେଉଛି
- ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି

ଲଘୁଚାପ ପ୍ରଭାବରେ କିଛିଦିନ ହେବ ଲଗାଣ ବର୍ଷା ଜାରି ରହିଛି। ଫଳରେ ବିରିଡି ବ୍ଲକ ଅନ୍ତର୍ଗତ ୨୨ ମୌଜା କାଉପଡାଠାରୁ ଅଲିପଡା ପର୍ଯ୍ୟନ୍ତ ଦେବୀ ନଦୀ ବନ୍ଧ ମରଣଯନ୍ତା ପାଲଟିଛି। ନଦୀ ବନ୍ଧ ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ହୋଇଥିବାରୁ ସେଥିରେ ପାଣି ଜମି ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗର ବିଲୁଆଖାଇ ଉପଖଣ୍ଡ ଶଙ୍ଖାରିସାହି ସେକ୍ସନ୍ ଅଧୀନରେ ଥିବା ଏହି ନଦୀବନ୍ଧ ରାସ୍ତା ପ୍ରତିବର୍ଷ ମରାମତି ହେଉଛି। କେତେବେଳେ ପିଚୁତ କେତେବେଳେ ମୋରମ ପକାଯାଉଛି। ଏନେଇ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି। ଏହାସତ୍ତ୍ୱେ ରାସ୍ତା ସମସ୍ୟା ଦୂର ହେଉନାହିଁ। ବନ୍ଧ ମରାମତି ବେଳେ ଲାଭଖୋର ମନୋବୃତ୍ତି ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ରାସ୍ତାଟି ହାଜିପୁର ଶଙ୍ଖାରି ସାହି ବ୍ରିଜ ଦେଇ ଫୁଲନଖରା ଓ କାକଟପୁର ରାସ୍ତାକୁ ସଂଯୋଗ କରେ। ଉକ୍ତ ବାଟ ଦେଇ ଲୋକେ କମ୍ ସମୟ ମଧ୍ୟରେ ଭୁବନେଶ୍ୱରକୁ ଯାତାୟାତ କରିପାରନ୍ତି। ମାତ୍ର ଏବେ ରାସ୍ତାଟି ଖାଲ ଖମାରେ ପୂରିଯାଇଛି। ବର୍ଷାଦିନେ ଏହି ରାସ୍ତାରେ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଦୀର୍ଘ ବର୍ଷ ହେବ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ପ୍ରତିକାର ହୋଇପାରିନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ଶଙ୍ଖାରି ସାହି ସେକ୍ସନ୍ ଅଧିକାରୀ ସାଗରିକା ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲା ମୁଖ୍ୟାଳୟରେ ରହୁନାହାନ୍ତି ସରକାରୀ କର୍ମଚାରୀ

ଜଗତ୍‌ସିଂହପୁର ଅଫିସ, ୧୬।୭

- ସରକାରୀ ଗାଡିର ଦୁରୁପଯୋଗ ହେଉଛି
- ୨୦୧୯ ଜୁଲାଇରେ ପୂର୍ବତନ ଜିଲାପାଳ ଅଙ୍କୁଶ ଲଗାଇଥିଲେ

ଜଗତ୍‌ସିଂହପୁର ଜିଲାରେ ବିଶେଷକରି ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକେ କଟକ, ଭୁବନେଶ୍ୱରରେ ରହୁଛନ୍ତି। ଏଥିଯୋଗୁ ଲୋକଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି। କାରଣ ଏହି ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ ମୁଖ୍ୟାଳୟରେ ରହୁ ନ ଥିବାରୁ କୌଣସି ବାହାନା ନେଇ ଶୁକ୍ରବାର ଅପରାହ୍ନରୁ କଟକ, ଭୁବନେଶ୍ୱର ଚାଲି ଯାଉଛନ୍ତି। ଏପରି କି କେତେଜଣ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ସରକାରୀ ଗାଡ଼ିର ଦୁରୁପଯୋଗ କରୁଛନ୍ତି। ସେମାନେ ସରକାରୀ ଅର୍ଥରେ କଟକ, ଭୁବନେଶ୍ୱର ଯିବାଆସିବା କରୁଛନ୍ତି। ଏହାଦ୍ୱାରା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ପୂର୍ବତନ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନୂଆକରି ଯୋଗଦେବା ପରେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ଲୋକଙ୍କ ସ୍ୱାର୍ଥକୁ ଗୌଣ କରି ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନଙ୍କ ଏହି ଗସ୍ତ ଉପରେ ୨୦୧୯ ଜୁଲାଇରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରିଥିଲେ। ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନେ ଯେପରି ସେମାନଙ୍କ ମୁଖ୍ୟାଳୟରେ ରହିବେ ସେନେଇ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ମୁଖ୍ୟାଳୟରେ ରହିଲେ ଲୋକଙ୍କ ପ୍ରତି ସେମାନଙ୍କ ଆତ୍ମୀୟତା ଓ ଅଙ୍ଗିକାରବଦ୍ଧତା ବଢିବ ବୋଲି ସେ କହିଥିଲେ। ପ୍ରଥମେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ପରେ ଯଥା ପୂର୍ବଂ ତଥା ପର ଅବସ୍ଥାକୁ ଚାଲିଗଲା। ଏ ସମ୍ପର୍କରେ ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, ସାମାଜିକ କର୍ମୀ ନିଲୁ ମିତ୍ର ପ୍ରମୁଖ କହିଛନ୍ତି, ଯେଉଁ ଉପରିସ୍ଥ ବିଭାଗୀୟ ଯନ୍ତ୍ରୀ, ସରକାରୀ କର୍ମଚାରୀ ଓ ଅଧିକାରୀମାନେ ଏଭଳି କରୁଛନ୍ତି ତାହା ଅକ୍ଷମଣୀୟ। ଶୁକ୍ରବାର ମଧ୍ୟାହ୍ନରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି କର୍ମଚାରୀମାନେ କଟକ, ଭୁବନେଶ୍ୱରରେ ରହି ଲୋକଙ୍କୁ ଠକୁଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦୁଃଖର କଥା ହେଲା ଏଭଳି କର୍ମଚାରୀ ଅଛନ୍ତି ଯେଉଁମାନେ ସରକାରୀ ଗାଡିରେ ପ୍ରତ୍ୟହ ଭୁବନେଶ୍ୱର, କଟକରୁ ଯାତାୟାତ କରୁଛନ୍ତି। ଏହି ଗାଡି ଓ ତେଲ ଖର୍ଚ୍ଚ ମଧ୍ୟ ସରକାର ବହନ କରୁଛନ୍ତି। ସରକାରୀ କର୍ମଚାରୀ ମୁଖ୍ୟାଳୟ କିମ୍ବା ଏହାର ୮ କିଲୋମିଟର ଭିତରେ ରହିବା କଥା। କିନ୍ତୁ ଏହି କଟକଣା କୋହଳ କାରଣରୁ ସମ୍ପୃକ୍ତ କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନାହାନ୍ତି। ସେମାନଙ୍କ ମୋବାଇଲ ଟାୱାର ଲୋକେଶନ୍, ସିଡିଆର୍ (କଲ ଡିଟେଲ ରେକର୍ଡିଂ) ସଂଗ୍ରହ କରାଗଲେ କେଉଁମାନେ କେଉଁଠି କେତେ ସମୟ ଅଛନ୍ତି ତାହା ଜଣାପଡ଼ିଯିବ। ଏଥିସହ ସେମାନେ ବ୍ୟବହାର କରୁଥିବା ସରକାରୀ ଗାଡି ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଉ। ଏହି ଗାଡିରେ ଟ୍ରାକିଂ ପାଇଁ କ୍ୟାମେରା ଆଦି ଲଗାଗଲେ ସରକାରୀ କାରର ଦୁରୁପଯୋଗ ରୋକାଯାଇ ପାରିବ। ରାଜ୍ୟ ସରକାର ଓ ପ୍ରଶାସନ ଏ କ୍ଷେତ୍ରରେ ଦାୟିତ୍ୱବାନ ହେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟୱାରିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ସଂକ୍ଷେପରେ

### ବାବାଜୀ ହେଲେ ଡେରା ସମବାୟ ସମିତି ସଭାପତି



ରାଜନଗର, ୧୬।୭(ଡି.ଏନ.ଏ.): ରାଜନଗର ବ୍ଲକ ଡେରା ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଭାବେ ବାବାଜୀ ଚରଣ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଶନିବାର ସଭାପତି ପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ବିଜେଡି ସମର୍ଥିତ ବାବାଜୀ ଚରଣ ପ୍ରଧାନଙ୍କୁ ୮ଟି ଓ କଂଗ୍ରେସ ସମର୍ଥିତ ଶରତ କୁମାର ପଣ୍ଡାଙ୍କୁ ୭ଟି ଭୋଟ ମିଳିଥିଲା। ଖଣ୍ଡେ ଭୋଟ୍‌ରେ ବାବାଜୀ ସଭାପତି ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ତଥା ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଡେରା ପଞ୍ଚାୟତ ସରପଞ୍ଚ ନିରଞ୍ଜନ ରାଉତ, ରଶ୍ମିରଞ୍ଜନ ସାହାଣୀ, ଶ୍ରୀକାନ୍ତ କୁମାର ପ୍ରଧାନ, ଘନଶ୍ୟାମ ବଳ, ନିରାକାର ସ୍ୱାଇଁ, ଦିଲୀପ ପାଣି, ସର୍ବେଶ୍ୱର ସାମଲ, ନିମାଇଁ ଜେନା, କେଶବ ନାୟକ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ବିଜୟୀ ସଭାପତି ବାବାଜୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଖରିଫ ଧାନ ସଂଗ୍ରହ, ଋଣ ଯୋଗାଣ ଉପରେ ଗୁରୁତ୍ୱ
### ଅଢ଼ଙ୍ଗଗଡ ପ୍ରାଥମିକ କୃଷି ସମବାୟ ସମିତି ବୈଠକ

ବିରିଡି,୧୬।୭(ଡି.ଏନ.ଏ): ବିରିଡି ବ୍ଲକ ଅଢ଼ଙ୍ଗଗଡ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ଶନିବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସମିତି ସମ୍ପାଦକ ବିଜୟା ନନ୍ଦ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସମିତିର ନୂତନ ସଭାପତି ପଦ୍ମନାଭ ଭୋଇ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସମିତିର ବ୍ୟବସାୟ ଅଭିବୃଦ୍ଧି, ଚାଷୀ ପଞ୍ଜୀକରଣ,ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଦରଖାସ୍ତ ଗ୍ରହଣ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବା, ସରକାରଙ୍କ ବଳରାମ ଯୋଜନାରେ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ସହ ସମ୍ପାଦକ ଦୀପ୍ତିରଞ୍ଜନ ମଲ୍ଲ ଧନ୍ୟବାଦ ଦେଇଥିଲେ ।

# ଦ୍ୱୀପାଞ୍ଚଳର ୧୩ ଗାଁକୁ ମହାନଦୀ ଡର

- କରାଣ୍ଡିଆ ଆଡ଼ିବନ୍ଧ ଅଧାରୁ ଅଟକିଛି
- ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ
- ବର୍ଷ ବର୍ଷ ଧରି ମୌଳିକ ସମସ୍ୟା ଲାଗି ରହିଛି

କେନ୍ଦ୍ରାପଡ଼ା ଅଫିସ, ୧୬।୭

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷାର ପ୍ରଭାବ ଶୁକ୍ରବାର ରାତିରୁ ଦେଖାଦେଇଛି। ଏହାର ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଛି । ଅପରପକ୍ଷରେ ଆସନ୍ତା ୧୮ ତାରିଖରେ ହୀରାକୁଦର ଗେଟ୍ ଖୋଲା ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାଣି ଛଡ଼ାଯିବା ପରେ ମହାନଦୀ ସିଷ୍ଟମରେ ଜଳପତ୍ତନ ବୃଦ୍ଧି ପାଇବ। ଏହି ସୂଚନା ମିଳିବା ପରେ ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ମୌଳିକ ସମସ୍ୟାର ସମାଧାନ ପାଇଁ ଲଢୁଥିବା ବେଳେ ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ ଥିବାରୁ ବନ୍ୟା ଆଶଙ୍କା ରହିଛି। ସେହିପରି କରାଣ୍ଡିଆ ଆଡ଼ିବନ୍ଧର ମରାମତି ଅଧାରେ ଅଟକି ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଆୟତପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଏହି ୧୩ ରାଜସ୍ୱ ଗାଁ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗିରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନସ୍ଥ ୫ ପଞ୍ଚାୟତରେ ରହିଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ ଗାଁ ଥିବା ବେଳେ ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର ଓ ଇନ୍ଦାଲୋ ପଞ୍ଚାୟତ ଅଛି। ସେହିପରି ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଳାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପନିପରିବା ଚାଷ ହୋଇଥିବା ବେଳେ ଜଳସେଚନ ଓ ଉଠା ଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ଶେଷ ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି, ବେଆଇନ ବାଲି ଚାଲାଣ ନଦୀ ବନ୍ଧକୁ ଦୁର୍ବଳ କରିଛି। କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡ଼ିବନ୍ଧ ନିର୍ମାଣ ଅଧାରେ ଅଟକି ଯାଇଛି। ଲୁଣାନଦୀର ବାମପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନେଇ ଆସୁଛି। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଅବଶିଷ୍ଟ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ଏ ନେଇ ବିଭିନ୍ନ ବୈଠକରେ ଆଲୋଚନା ହୋଇଛି। ଦ୍ୱୀପାଞ୍ଚଳର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ସେ କହିଛନ୍ତି।



ବନ୍ୟା ବେଳେ ବନ୍ଧ ଉପରେ ଆୟତପୁର ଗାଁ ଲୋକେ ଅସ୍ଥାୟୀ ଘର କରୁଛନ୍ତି।(ଫାଇଲ ଫଟୋ)

### ୧୮ ଜୁଲାଇରେ ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ
### ସର୍ବସାଧାରଣ ସଚେତନ ରହିବାକୁ ସୂଚନା

ଜଗତ୍‌ସିଂହପୁର ଅଫିସ, ୧୬।୭

ହୀରାକୁଦ ଜଳ ଭଣ୍ଡାରର ଉପରମୁଣ୍ଡରେ ବର୍ଷା ଯୋଗୁ କ୍ରମାଗତ ଭାବେ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏନେଇ ୧୮ ଜୁଲାଇ ପୂର୍ବାହ୍ନ ୧୧ଟାରେ ଜଳଭଣ୍ଡାରରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ଏଥିଯୋଗୁ ଜଗତ୍‌ସିଂହପୁର ଜିଲାରେ ପ୍ରବାହିତ ମହାନଦୀ, ଦେବୀ ଓ କାଠଯୋଡ଼ି ନଦୀର ଜଳପତ୍ତନ ବୃଦ୍ଧି ପାଇବ। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳଭଣ୍ଡାର ତଳ ମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କ ରହିବା ଜରୁରୀ। ନଦୀ ମଧ୍ୟକୁ ପ୍ରବେଶ କିମ୍ବା ଅନ୍ୟାନ୍ୟ ବ୍ୟବହାର ଉଦ୍ଦେଶ୍ୟରେ ଯିବା ଉଚିତ ନୁହେଁ। ଯଦି କେହି ନ ମାନି ଦୁର୍ଘଟଣାର ଶିକାର ହୁଅନ୍ତି ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ବୁର୍ଲାସ୍ଥିତ ମହାନଦୀ ଅବବାହିକା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଶନିବାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦେଇଛନ୍ତି।



ଭିତରକନିକାରେ ଠାକ ହୋଇଥିବା ବଉଳା କୁମ୍ଭୀର ବସା।

## ଭିତରକନିକାରେ ୧୨୨ ବଉଳା କୁମ୍ଭୀର ବସା ଚିହ୍ନଟ

ରାଜନଗର, ୧୬।୭(ଡି.ଏନ୍.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳଗୁଡ଼ିକରେ ବାସ କରୁଥିବା ବଉଳା କୁମ୍ଭୀରଙ୍କ ୧୨୨ଟି ବସା ଚିହ୍ନଟ ହୋଇଛି, ଯାହା ଗତ ୫ବର୍ଷ ମଧ୍ୟରେ ସର୍ବାଧିକ। ଜୁଆର ପାଣି ମାଡ଼ିଯାଇଥିବା ଥାନପତି ନିକଟରୁ ଏକ କୁମ୍ଭୀର ବସାରୁ ୫୮ଟି ଅଣ୍ଡାରୁ କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରଖାଯାଇଛି। ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥାଏ। ତେଣୁ ଏହି ୩ ମାସ ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଚଳିତବର୍ଷ ଚିହ୍ନଟ ହୋଇଥିବା ୧୨୨ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୧୦ଟି , ରାଜନଗର ରେଞ୍ଜରେ ୯ଟି, ଗହୀରମଥା ରେଞ୍ଜରେ ୨ଟି, ମହାକାଳପଡ଼ା ରେଞ୍ଜରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ କରାଯାଇଛି।

## କୃତୀ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ରାଜନଗର, ୧୬।୭(ଡି.ଏନ.ଏ.)

ରାଜନଗରର ଜାଭିୟର ସ୍କୁଲ ପରିସରରେ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବ୍ଲକର ୨୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜଭୂମି ମିଡିଆର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ଜେନା, ମୁଖ୍ୟ ବକ୍ତା ଭାବେ ଖବରଦାତା ଜଗନ୍ନାଥ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଭଗବତୀ ରାଉତ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ପ୍ରମୁଖ ଯୋଗଦେଇ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକମାନେ ଯୋଗ ଦେଇଥିଲେ। କୃତିତ୍ୱ ହାସଲ କରିଥିବା ପିଲାମାନେ ହେଲେ ରମାଶଙ୍କର ଗୁଡ଼ିଆ, ସୋନାଲି ମହାରଣା, ସ୍ମୃତିରେଖା ରାଉତ, ପୁଷ୍ପଲତା ରାଉତ, ମନୀଷା ଦାସ, ମୌଳିକାନ୍ତ ମହାନ୍ତି, ସ୍ୱାତୀ ସାଗରିକା ବରାଳ, କୁନ୍‌ମୁନ୍ ଶ୍ରୀମା ସାହୁ, ସ୍ୱର୍ଣ୍ଣପ୍ରଭା ସେଠୀ, ଧରିତ୍ରୀ ବିଶ୍ୱାଳ, ମେଘନାରାଣୀ ସ୍ୱାଇଁ, ରୋହନ ପାତ୍ର, ଜ୍ୟୋତିର୍ମୟୀ ସାମଲ, ନିଖିଲ କୁମାର ସାହୁ, ଶୁଭମ୍ ଚନ୍ଦ୍ର, ରାଜଲକ୍ଷ୍ମୀ ମହାନ୍ତି, ଅଜାମ୍ବର ସେଠୀ, ସୁଶ୍ରୀ ସଙ୍ଗୀତା ରାଉତରାୟ, ଚୌ. ସୁନୀଲ ପଣ୍ଡା, କରିଷ୍ମା ନାଥ, ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାଗୀରଥି ନହଙ୍ଗ ସମିତିର ସଭାପତି



ଡେରାବିଶ, ୧୬।୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଭାଗୀରଥି ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ମଣ ସେଠୀଙ୍କୁ ୯ ଖଣ୍ଡ ଭୋଟରେ ହରାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମିତି ଅଧୀନରେ ୧୫ଟି ଜୋନ୍ ରହିଛି। ତେବେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଲକ୍ଷ୍ମଣ ୩ ଖଣ୍ଡ ଭୋଟ ପାଇଥିବା ବେଳେ ଭାଗୀରଥି ୧୨ ଖଣ୍ଡ ଭୋଟ ପାଇଛନ୍ତି। ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ମତଦାନ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ଅପରାହ୍ନ ୧ଟାରେ ଭୋଟ ଗଣତି ଶେଷ ହେବା ପରେ ନିର୍ବାଚନ ଅଧିକାରୀ ସୁଧିପ୍ରଭା ସିଂହ ଭାଗୀରଥିଙ୍କୁ ବିଜୟୀ ଘୋଷଣା କରିଥିଲେ। ଏହି ନିର୍ବାଚନକୁ ସମିତି ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଗଛ କାଟିନେଲେ ଦୁର୍ବୃତ୍ତ



ଆଳି ଗୋପାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଆମ୍ବ ଗଛ କାଟି ଦୁର୍ବୃତ୍ତ ନେଉଛନ୍ତି।

ଆଳି,୧୬।୭(ଡି.ଏନ୍.ଏ.): ରାଜ୍ୟ ସରକାର ବୃକ୍ଷ ରୋପଣକୁ ଗୁରୁତ୍ୱ ଦେଇ ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାରା ଲଗାଉଛନ୍ତି। ହେଲେ କାଠ ମାଫିଆମାନେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଗଛ କାଟି ନେଉଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ଧୋୟାଞ୍ଚଳର ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୫୦ ବର୍ଷର ବିରାଟ ଆମ୍ବଗଛକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବେଆଇନ ଭାବେ କାଟି ନେଇଛନ୍ତି। ସ୍ଥାନୀୟ ଲୋକେ ବେଆଇନ ଭାବେ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଅଶୋକ ଜେନା ଏ ବାବଦରେ ତହସିଲଦାରଙ୍କୁ ଜଣାଇଥିଲେ। ଆଳି ତହସିଲଦାର ତପନ ସେନାପତିଙ୍କୁ ପଚାରିବାରେ ଗଛକୁ କାଟିନେବା ପରେ ଅଭିଯୋଗ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲିଖିତ ଅଭିଯୋଗ ଆସିବା ପରେ ଖୁବ୍‌ଶୀଘ୍ର ଗଛ କାଟି ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଜନସେବା କେନ୍ଦ୍ରର ପ୍ରତିଷ୍ଠା ଦିବସ




ଆଳି,୧୬।୭(ଡି.ଏନ.ଏ.)

ସମଗ୍ର ଦେଶରେ ଶନିବାର ପାଳିତ ହୋଇଯାଇଛି ଜନସେବା କେନ୍ଦ୍ରର ୧୩ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ଆଳି ବ୍ଲକ କୋଳିଡିହ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରର (ଭିଏଲ୍‌ଇ)ରତିକାନ୍ତ ପଡ଼ିହାରୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଅଞ୍ଚଳରେ ଥିବା ରାଧାରମଣ ମଠରେ ବୃକ୍ଷ ରୋପଣ ସହ ଚାରା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଖାତାପେନ୍ ଦେବା ସହ ସନ୍ଧ୍ୟାରେ କେକ୍ କାଟି ଉତ୍ସବ ମନାଇଛନ୍ତି। ସେହିପରି ଆଳି ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ର ପକ୍ଷରୁ ଏହି ଉତ୍ସବ ପାଳିତ ହୋଇଯାଇଛି।

# ସମବାୟ ସମିତିରେ ମିଳୁନାହିଁ ଧାନ ବିହନ

- ବଜାର ବିହନ ହେଉନି ଗଜା
- ବିହନ ଯୋଗାଇଦେବାକୁ ଦାବି

ପଟ୍ଟାମୁଣ୍ଡାଇ,୧୬।୭(ସ୍ୱ.ପ୍ର.)

ଚାଷୀଙ୍କୁ ଉନ୍ନତମାନର ବିହନ, ସାର, ଔଷଧ ଯୋଗାଇଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି। ପ୍ରକୃତରେ ଉନ୍ନତମାନର ବିହନ ସରକାର ଯୋଗାଇ ଦେଉନାହାନ୍ତି। ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଚାଷୀମାନଙ୍କୁ କମ୍ ଦାମ୍‌ରେ ବିହନ ଯୋଗାଇଦେବା କଥା। ତେବେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ୧୬ ପ୍ରାଥମିକ ସମବାୟ ସମିତି ମଧ୍ୟରୁ ୪ଟି ସମିତିରେ ଚାଷୀଙ୍କୁ ସ୍ୱଳ୍ପ ବିହନ ଯୋଗାଇ ଦିଆଯାଇଛି। ଚନ୍ଦନନଗର ସମବାୟ ସମିତି ପକ୍ଷରୁ ୯ କୁଇଣ୍ଟାଲ, ବଡ଼ମୂଳବସନ୍ତରେ ୩୨.୬ କୁଇଣ୍ଟାଲ, ଡାମରପୁରରେ ୨୨.୮ କୁଇଣ୍ଟାଲ, ପେଣ୍ଠପାଳ ସମବାୟ ପକ୍ଷରୁ ୨୯.୧୦ କୁଇଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି।

ଚଳିତ ବର୍ଷ ପଟ୍ଟାମୁଣ୍ଡାଇ ବ୍ଲକରେ ୧୧,୭୦୦ ହେକ୍ଟର ଜମିରେ ଧାନଚାଷ ହେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରାଥମିକ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ବିହନ ମିଳିପାରିନାହିଁ। ଫଳରେ ଚାଷୀମାନେ ବାଧ୍ୟହୋଇ ବଜାରରୁ ବିହନ କିଣି ତଳି ପକାଇ ଥିଲେ। ମାତ୍ର ଉକ୍ତ ବିହନ ଗଜା ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ କମ୍ପାନୀର ଧାନ ବିହନ ଦୋକାନୀଙ୍କଠାରୁ କିଣି ଚାଷୀ ଠକାମିର ଶିକାର ହୋଇଛନ୍ତି। ସେଥିପାଇଁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ସରକାରୀ ବିହନ ଉପରେ ବିଶ୍ୱାସ ଆଉ ଭରସା ରଖି ସୋସାଇଟିରୁ ବିହନ କିଣିବାକୁ ମନସ୍ଥ କରିଥିବା ଚାଷୀ ଠକାମିର ଶିକାର ହୋଇଛି। ଉକ୍ତ ବିହନ ଗଜା ନ ହେବାରୁ ଚାଷୀ ଏବେ କରିବେ କ'ଣ ବୋଲି ଚିନ୍ତାର କାରଣ ପାଲଟିଛି। ଚାଷୀ ଏବେ ବିହନ ଆଣିବ କେଉଁଠୁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଚାଷୀମାନେ ଦାବି କରିଛନ୍ତି। ସରକାର ଉନ୍ନତମାନର ବିହନ ବିକିବା ପାଇଁ ସିଡ୍‌ସ କର୍‌ପୋରେଶନ ମାଧ୍ୟମରେ ବିହନ ସଂଗ୍ରହ କରି ସୋସାଇଟି ଜରିଆରେ ବିକ୍ରୟ କରାଯାଏ। ମାତ୍ର ସିଡ୍‌ସ କର୍‌ପୋରେଶନ ଯଦି ବିହନ ଯୋଗାଇ ନ ଦିଏ ତେବେ ଚାଷୀ ଭରସା କାହାକୁ କରିବେ ବୋଲି କହିଛନ୍ତି। ଚାଷୀ ରଞ୍ଜିତ ପ୍ରଧାନ କହିଛନ୍ତି, ସରକାର ଚାଷୀମାନଙ୍କୁ ଉନ୍ନତମାନର ଧାନ ବିହନ, ସାର, ଔଷଧ ଯୋଗାଇଦେବେ ବୋଲି ପ୍ରଚାର କରୁଛନ୍ତି। ପ୍ରାଥମିକ କୃଷି ସେବା ସମିତି ଗୁଡିକରୁ ସରକାରୀ ବିହନ କିଣି ଚାଷୀ ତଳି ପକାଇଥାନ୍ତି। ମାତ୍ର ଚଳିତ ବର୍ଷ କୃଷି ସେବା ସମିତିରୁ ଚାଷୀ ଉନ୍ନତ ବିହନ ପାଇପାରୁନାହାନ୍ତି କିମ୍ବା ସାର, ଔଷଧ ମଧ୍ୟ ଠିକ୍ ସମୟରେ ମିଳୁନାହିଁ। ସରକାର ତୁରନ୍ତି ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଯୁବଚାଷୀ ସୁଶାନ୍ତ ସାମଲ କହିଛନ୍ତି, ସରକାରୀ ସିଡ୍‌ସ କର୍‌ପୋରେଶନରୁ ବିହନ ନ ମିଳିବାରୁ ଚାଷୀ ବଜାରରୁ ବିହନ କିଣିଥିଲେ। ହେଲେ ଏବେ ସେମାନେ ଠକାମିର ଶିକାର ହୋଇଛନ୍ତି। ଠିକ୍ ସମୟରେ ଚାଷୀ ବିହନ ନ ପାଇଲେ ଗୋଟିଏ ବର୍ଷର ଧାନଫସଲ ଅମଳ କରିବା ସମ୍ଭବ ହେବନାହିଁ। ବଜାରରୁ କିଣୁଥିବା ଧାନ ବିହନ ଉନ୍ନତମାନର ନୁହେଁ ବୋଲି ଚାଷୀ ଜାଣିପାରୁନାହାନ୍ତି। ଉକ୍ତ ବିହନକୁ କିଣି ତଳି ପକାଇ ଗଜା ନ ହେବା ପରେ ଚାଷୀ ଜାଣିବାକୁ ପାଇଲେ ଯେ ଏହା ନିମ୍ନମାନର। ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉନ୍ନତମାନର ଧାନ ବିହନ ଯୋଗାଇଦେବା ଦରକାର ବୋଲି ଆଲୋଚନା ହେଉଛି।

# ମହାକାଳପଡ଼ାରେ ନାବାଳିକା ସାଜୁଛନ୍ତି ମା'

- ଆଧାର କାର୍ଡ ଜନ୍ମ ବୟସରେ ଜାଲିଆତି
- ସୁରକ୍ଷା ଦେଉଛନ୍ତି ସ୍ଥାନୀୟ ଦଲାଲ
- ରାତିଅଧରେ ଚାଲିଛି ଗୁପ୍ତ ବିବାହ

ମହାକାଳପଡ଼ା,୧୬।୭(ଡି.ଏନ୍.ଏ.)



ଶୁକ୍ରବାର ରାତିରେ ଏକ ମନ୍ଦିରରେ ଗୁପ୍ତ ଭାବେ ନାବାଳିକା ବିବାହ ଚାଲିଛି।

କେନ୍ଦ୍ରାପଡ଼ା ଜଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦିନକୁ ଦିନ ନାବାଳିକା ବିବାହ ବୃଦ୍ଧି ପାଇବାରେ ଲାଗିଛି। କମ୍ ବୟସରେ ନାବାଳିକା ବିବାହ କରିବା ପରେ ସେମାନେ ମାତୃତ୍ୱ ଲାଭ କରୁଛନ୍ତି। ମା' ହେବା ଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏଠାରେ ନାବାଳିକାଙ୍କ ଜନ୍ମ ତାରିଖକୁ ଆଧାର କେନ୍ଦ୍ରରେ ଏଡିଟିଂ ବା ଟ୍ୟାମ୍ପରିଂ (ଜାଲିଆତି) କରାଯିବା, ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ସହ ମା'ବାପାଙ୍କ ସ୍ୱୀକୃତି ଏବଂ ପ୍ରଶାସନିକ ଅଧିକାରୀଙ୍କ ସଚେତନତା ଅଭାବ ଯୋଗୁ ଏହି ସମସ୍ୟା ଦେଖିବାକୁ ମିଳିଛି। ବ୍ଲକର ବତୀଘର, ଜମ୍ବୁ, ସୁନୀତି, କେବି ଦାଣ୍ଡୁଆ, ବଉଳକଣି, ପେଟଛେଲା, ରାମନଗର ଓ ଖରିନାସୀ ଆଦି ପଞ୍ଚାୟତରେ ବହୁଳ ଭାବେ ନାବାଳିକା ବିବାହ ହେଉଛି। ଅପରପକ୍ଷେ ଏହି ବିବାହ ପାରମ୍ପରିକ ବଙ୍ଗ ଭାଷାଭାଷୀ ସମାଜରେ ବହୁଳ ଭାବେ ଦେଖିବାକୁ ମିଳେ। ଏହି ସମାଜରେ ୧୨ରୁ ୧୬ ବର୍ଷ ବୟସର ନାବାଳିକାଙ୍କୁ ଗୁପ୍ତରେ ବିବାହ କରାଯାଏ। ତେବେ ଏପରି ବିବାହକୁ ଲୁଚିଛପି ମଠ, ମନ୍ଦିର ଓ ଧର୍ମାନୁଷ୍ଠାନରେ ପରିବାର ପରିଜନ ଓ ଦଲାଲମାନେ ମୋଟାଅଙ୍କର ଅର୍ଥ ନେଇ ସହାୟତା କରିଥାନ୍ତି। ଆଇନ ଅନୁସାରେ ଏହି ବିବାହକୁ ବାରଣ କରାଯାଇଛି। ଏହି ବିବାହ ଏକ ସାମାଜିକ ବ୍ୟାଧି। ଏଥିରେ ସମ୍ପୃକ୍ତ ଥିବା ପରିବାର ଓ ଦଲାଲମାନେ ଆଇନ ଜାଲରେ ଛନ୍ଦିହେବାର ବ୍ୟବସ୍ଥା ରହିଛି।

ସେହିପରି ନିଜ ନାମ ଗୋପନ ରଖିବା ସର୍ତ୍ତରେ କେତେଜଣ ଅଙ୍ଗନୱାଡି କର୍ମୀ କହିବା କଥା, ୧୭ ବର୍ଷର ଅନେକ ନାବାଳିକା ବିବାହ କରୁଥିବାରୁ ସେମାନେ ମମତା ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ମମତା ଯୋଜନାରେ ସାମିଲ ହେବାକୁ ହେଲେ ଜଣେ ମା'ଙ୍କୁ ଅତି କମ୍‌ରେ ୧୯ ବର୍ଷ ହୋଇଥିବା ଦରକାର। ଅଳ୍ପ ବୟସରେ ବିବାହ କରିବା ଦ୍ୱାରା ସେମାନେ ଶାରୀରିକ, ମାନସିକ ଭାବେ ପ୍ରଭାବିତ ହୋଇଥାନ୍ତି। କମ୍ ବୟସରେ ମାତୃତ୍ୱ ଲାଭ କରିଥାନ୍ତି। ଫଳରେ ପିଲା ଜନ୍ମ ସମୟରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମା'ଙ୍କ ମୃତ୍ୟୁ ହେବା ସହ ଶିଶୁଟି ଅପରିପକ୍ୱ ଭାବେ ଜନମ ନେଉଥିବାରୁ ବିକଳାଙ୍ଗ ହେବାର ସମ୍ଭାବନା ଅଧିକ ରହୁଛି। ବର୍ଷକୁ ହାରାହାରି ଏହି ଅଞ୍ଚଳରେ ୧୦୦ରୁ ଅଧିକ ନାବାଳିକା ବିବାହ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨ ଶହରୁ ଅଧିକ ନାବାଳିକା ମା' ମମତା ଯୋଜନାରୁ ବାଦ୍ ପଡ଼ିଛନ୍ତି। ଅନେକ କ୍ଷେତ୍ରରେ ନାବାଳିକାଙ୍କ ମା' ବାପା ପଇସା ଲୋଭରେ ସୁଦୂର ଉତ୍ତରପ୍ରଦେଶର ଝାନ୍‌ସୀ, ମଥୁରା ଆଦି ସ୍ଥାନରେ ବୟସ୍କ ବ୍ୟକ୍ତିଙ୍କୁ ବିବାହ ଦେଉଥିବା ନଜିର ରହିଛି। ଅନେକ ସମୟରେ ସ୍ଥାନୀୟ ଦଲାଲମାନେ ମୋଟା ଅଙ୍କର ଅର୍ଥ ନେଇ ସୁଦୂର ଉତ୍ତରପ୍ରଦେଶ, କୋଲ୍‌କାତା ଆଦି ଅଞ୍ଚଳରେ ବୃଦ୍ଧଙ୍କୁ ବିବାହ କରାଉଛନ୍ତି ବୋଲି ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ, ବ୍ଲକ ଉପକୂଳ ଅଞ୍ଚଳର ଏକ ମନ୍ଦିରରେ ଶୁକ୍ରବାର ବିଳମ୍ବିତ ରାତିରେ ଗୁପ୍ତ ବିବାହ ଚାଲିଥିବା ବେଳେ ସ୍ଥାନୀୟ ଯୁବକମାନେ ଏହାକୁ ବିରୋଧ କରିଥିଲେ। ତରବରିଆ ଭାବେ ବ୍ରାହ୍ମଣ ବିବାହ ସମ୍ପନ୍ନ କରି ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ବର୍ଷାରେ ଷ୍ଟ୍ରିଟ୍‌ଫୁଡ୍


ଡା. ଆଶିଷ ବାନାର୍ଜୀ

ବର୍ଷାଦିନିଆ ଥଣ୍ଡା ପାଗରେ ଗରମ ଗରମ ଚଟପଟି ଖାଦ୍ୟ ଖାଇବାର ମଜା ନିଆରା। ଯେଉଁଥିପାଇଁ ଛୋଟରୁ ବଡ ପ୍ରତିଟି ସହରର ରାସ୍ତା ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳେ ଭଳିକି ଭଳି ଷ୍ଟ୍ରିଟ୍‌ଫୁଡ୍‌ର ସମ୍ଭାର। ଆଉ ଯାହାକୁ ଖାଇବାର କ୍ରେଜ୍ ସବୁଠୁ ଅଧିକ ଥାଏ ଯୁବପିଢ଼ିଙ୍କ ଠାରେ। ତେବେ ବର୍ଷାଦିନେ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ...



ବର୍ତ୍ତମାନ ରାସ୍ତାକଡ଼ରେ ଛୋଟ ଛୋଟ ହୋଟେଲ, ରେଷ୍ଟୁରାଣ୍ଟରେ ବିକ୍ରୟ ହେଉଥିବା ବିଭିନ୍ନ ପ୍ରକାରର ଛଣାଛଣି ଏବଂ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରାୟ ସଭିଙ୍କୁ ଆକୃଷ୍ଟ କରିଥାଏ। ବିଶେଷ କରି ଯୁବପିଢି ଏଭଳି ଖାଦ୍ୟ ଅଧିକ ଖାଉଥିବା ଦେଖିବାକୁ ମିଳିଥାଏ। ଏହା ହେଉଛି ଏଥିରେ ମିଶୁଥିବା କୃତ୍ରିମ ରଙ୍ଗ, ସୁସ୍ୱାଦୁ ବାସନାର କମାଲ। ହେଲେ ଏଭଳି ଖାଦ୍ୟରେ ମିଶୁଥିବା ବିଭିନ୍ନ ଉପାଦାନ ଅପରପକ୍ଷେ ଝାଡ଼ା, ବାନ୍ତି, ଅମ୍ଳ, ଗ୍ୟାସ୍ଟ୍ରିକ୍, ପେଟବ୍ୟଥା, ପେଟରେ ବାୟୁ ଭର୍ତ୍ତିହୋଇ ଯନ୍ତ୍ରଣା ହେବା, ଅଜୀର୍ଣ୍ଣ, ଶ୍ୱାସ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା, କୋଲେଷ୍ଟରଲ ବୃଦ୍ଧି ଓ ଫୁଡ୍‌ପଏଜନ୍ ଏପରି କି କର୍କଟ ରୋଗ ସୃଷ୍ଟି କରିବାର ଆଶଙ୍କା ବଢ଼ାଇଥାଏ...

**ସ୍ୱାସ୍ଥ୍ୟ ପ୍ରତି ହାନିକାରକ ଫାଷ୍ଟଫୁଡ୍**

ବର୍ତ୍ତମାନର ଯୁବପିଢିଙ୍କୁ ଘରେ ମାଆ, ମାଉସୀ, ଭଉଣୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରକାର ସୁସ୍ୱାଦୁ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଆଖିକୁ ସୁନ୍ଦର ଦିଶୁଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ପସନ୍ଦ ଆସୁଛି। ହେଲେ ଏଭଳି ଖାଦ୍ୟ ପ୍ରସ୍ତୁତ କରିବା ଲାଗି ମିଶାଯାଉଥିବା ତେଲ, ମସଲା, ରଙ୍ଗ ଆଦି ବିଭିନ୍ନ ରୋଗର କାରଣ ସାଜିପାରେ। ବିଶେଷ କରି ବର୍ଷାଦିନେ ସୁରକ୍ଷା ଦୃଷ୍ଟିରୁ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

ଅଧିକାଂଶ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍ ନାଳକଡ଼ ବା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ହୋଇଥାଏ। ଏହାକୁ ପ୍ରସ୍ତୁତକାରୀ କେତେ ପରିଷ୍କାର ପରିଚ୍ଛନ ଭାବେ ଏହାକୁ ପ୍ରସ୍ତୁତ କରିଥାନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ। ଖାଦ୍ୟରେ ମାଛି ବସିବା ଓ ପୋକ ହେବା ମଧ୍ୟ ଦେଖାଯାଏ। ଏଥିରେ ବ୍ୟବହୃତ ହେଉଥିବା ତେଲ ମଧ୍ୟ ଶସ୍ତା, ନିମ୍ନମାନର ; ଯାହାକି ରକ୍ତରେ ଏଲ୍.ଡି.ଏଲ୍. ମାତ୍ରାକୁ ବଢ଼ାଏ। ଏହାକୁ ବାରମ୍ବାର ଗରମ କଲେ ତେଲର ଫ୍ରି ରେଡିକାଲ୍ସ ତତ୍ତ୍ୱ ନଷ୍ଟ ହୋଇ ବିଷାକ୍ତ ହୋଇଯାଏ, ଯାହାକୁ ପୋଡ଼ାତେଲ କୁହାଯାଏ। ଏହା ପେଟରୋଗର ମୁଖ୍ୟ କାରଣ। ବଜାରରେ ମିଳୁଥିବା ଆର୍ଟିଫିସିଆଲ୍ ଫୁଡ୍ କଲର, କମ୍ ଦାମିକା ଶଶ୍, ମସଲା ଆଦିରେ ଲିଡ୍, ମର୍କୁରୀ, ପୋଟାସିୟମ କ୍ରୋମେଟ୍, ପ୍ରପିଲିନ୍ ଗ୍ଲାଇକୋଲ, କ୍ୟାଲସିୟମ ସଲ୍‌ଫେଟ୍, ଫସଫେଟ୍ ଏଡେସିଭ୍, ଏହା ବ୍ୟତୀତ ବଜାରରେ ବିକ୍ରୟ ହେଉଥିବା ପ୍ୟାକେଟ୍ ମସଲାଗୁଡିକ ଘରୋଇ ମସଲା ଅପେକ୍ଷା ଅଧିକ ରଙ୍ଗ ଏବଂ ସ୍ୱାଦଯୁକ୍ତ ହୋଇଥାଏ। ଏଥିରେ ରଙ୍ଗ ଏବଂ ସୁଗନ୍ଧ ଦ୍ରବ୍ୟ ମିଶ୍ରଣ ହୋଇଥାଏ। ଯାହାକି ଅନ୍ତ ଆମାଶୟ ଓ ଯକୃତକୁ କ୍ଷତି ପହଞ୍ଚାଇଥାଏ।







ଖାଦ୍ୟକୁ ସ୍ୱାଦୁ କରିବା ପାଇଁ ଚାଇନା ଲୁଣ ବ୍ୟବହୃତ ହୁଏ। ଗୁପ୍‌ଚୁପ୍ ପାଣିକୁ କୃତ୍ରିମ ଉପାୟରେ ଖଟା କରିବା ପାଇଁ ଏକ କେମିକାଲ ଗୁଣ୍ଡ ବ୍ୟବହାର କରାଯାଏ। ଏହାର ସ୍ୱାଦ ବଢ଼ାଇବା ପାଇଁ ଜଲ୍‌ଜୀରା ଗୁଣ୍ଡ ଦିଆଯାଏ। ଏହା ରକ୍ତକୁ ବହଳିଆ କରେ। ତଜ୍ଜନିତ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଆଶଙ୍କା ବଢ଼ିଯାଏ।

ଫାଷ୍ଟଫୁଡ୍, ବର୍ଗର, ପିଜା ଓ ଚିଲି ପାଇଁ ବ୍ୟବହୃତ ମଇଦାରେ ଫାଇବର ନ ଥିବାରୁ ଏହା କୋଷ୍ଠବଦ୍ଧତା, ଅର୍ଶ, ଭଗନ୍ଦର, ମଧୁମେହ, ମେଦବହୁଳତା ସୃଷ୍ଟି କରେ ଓ ଦାନ୍ତ ଏନାମେଲ୍‌କୁ ନଷ୍ଟ କରେ।

ବର୍ଷାଦିନେ ବିଭିନ୍ନ ପୋକଜୋକ, ଶିଁବାଳୁଆ, କେରେଣ୍ଡି, ବେଙ୍ଗ ଅଜଣାରେ ଅପରିଷ୍କାର ସ୍ଥାନରେ ରନ୍ଧାଯାଇଥିବା ଖାଦ୍ୟରେ ପଡିଯିବା ଏବଂ ପଚିଯିବାର ଭୟ ରହିଅଛି। ଏହା ସେବନ ଦ୍ୱାରା ଫୁଡ୍ ପଏଜନ୍ ହୋଇ ଝାଡ଼ାବାନ୍ତି ହୋଇପାରେ।

ଅନେକ ଦୋକାନରେ ବିକ୍ରି ହୋଇ ପାରିନଥିବା ବାସି ଖାଦ୍ୟକୁ ପରଦିନ ଅଧିକ ତେଲ ମସଲା ଦେଇ କଷି ଗରମ କରି ଏବଂ ଏହାର ବାସିଖଟା ସ୍ୱାଦକୁ ଲୁଚାଇବା ପାଇଁ ଦହି, ଖଟାପାଣି ବା ଚିନିର ବ୍ୟବହାର କରିଥା'ନ୍ତି। ଏହା ପେଟରୋଗ, ଅମ୍ଳ, ବାନ୍ତି, ପେଟ ମୋଡ଼ି ଯନ୍ତ୍ରଣା ହେବା, ଝାଡ଼ା ଇତ୍ୟାଦି ହେବାର ଦେଖାଯାଏ।

ଖାଦ୍ୟକୁ ପରଷା ଯାଉଥିବା ପ୍ଲାଷ୍ଟିକ୍ ଜିନିଷଗୁଡ଼ିକ ଏହାର ଗରମ ପ୍ରଭାବରେ ତରଳି ଅଣୁଗୁଡିକ ଖାଦ୍ୟରେ ମିଶି ପେଟକୁ ଯାଇ ମାରାତ୍ମକ ରୋଗ ସୃଷ୍ଟି କରେ। ଅନ୍ୟାନ୍ୟ ଷ୍ଟିଲ୍‌ଥାଳି, ଚାମଚ ଆଦି ଭଲ ଭାବେ ନ ଧୋଇ ଅଇଁଠା ପାଣିରେ ଧୋଇ ଶୁଖିଲା ଲୁଗାରେ ପୋଛି ବ୍ୟବହାର କରିବା ଦେଖାଯାଏ। ଯଦ୍ୱାରା ସଂକ୍ରାମକ ରୋଗ ବ୍ୟାପେ।

ଦୋକାନୀ ମୁଣ୍ଡକୁ ନ ଘୋଡ଼ାଇବା ଦ୍ୱାରା କେଶ ଝଡ଼ି ଖାଦ୍ୟରେ ପଡ଼ିପାରେ। ମୁହଁରେ ମାସ୍କ ଓ ହାତରେ ଗ୍ଲୋଭ୍ସ ବ୍ୟବହାର ନ କରିବା କାରଣରୁ ମଧ୍ୟ ବିଭିନ୍ନ ରୋଗ ବ୍ୟାପିବାର ଭୟ ରହିଛି। ଏଣୁ ଗ୍ରାହକ ଏଥିପ୍ରତି ସଚେତନ ହେବା ଜରୁରୀ। ଯଥାସମ୍ଭବ ସ୍ୱାସ୍ଥ୍ୟପକ୍ଷେ ହିତକର ବା ହାଇଜେନିକ ଫୁଡ୍‌କୁ ଗ୍ରହଣ କରିବା ଦରକାର।

*– ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

## କ'ଣ କୁହନ୍ତି ଏମାନେ...

**ଅମିତ କୁମାର ମାଝି, ଗବଗାଁ**



ଚଟ୍‌ପଟି ଖାଦ୍ୟ ଖାଇବାକୁ ମୋତେ ବହୁତ ଭଲଲାଗେ। ତରତରରେ ରୋଷେଇ ନ କରିପାରିଲେ ଫାଷ୍ଟଫୁଡ୍ ଖାଇ ରହିଯାଏ। ହେଲେ ବର୍ଷାଦିନେ ଏହିସବୁ ଖାଇବା ଦେହ ପାଇଁ ବେଳେବେଳେ କ୍ଷତିକାରକ ସାଜିଥାଏ। ଥରେ ଗୁପ୍‌ଚୁପ୍ ଖାଇ ମୋର ଫୁଡ୍ ପଏଜନ୍ ହୋଇଗଲା। ମେଡିସିନ ଖାଇବା ପରେ ଭଲ ହେଲା। ବର୍ଷାଦିନ ଯୋଗୁ ସେମାନେ ବାସି ଆଳୁ ରଖି ଗୁପ୍‌ଚୁପ୍ ବିକ୍ରି କରନ୍ତି। ତାହାକୁ ଆମେ ଅଜାଣତରେ ଖାଇ ବିଭିନ୍ନ ପ୍ରକାର ରୋଗକୁ ଡାକିଆଣୁ। ସେଥିପାଇଁ ଏବେ ମୁଁ ବର୍ଷାଦିନେ ଫାଷ୍ଟଫୁଡ୍ ଖାଦ୍ୟଠାରୁ ଦୂରେଇ ରହୁଛି।

**ବିରେଶ ସେନାପତି, ବାଲେଶ୍ୱର**



ଫାଷ୍ଟଫୁଡ୍ ଖାଦ୍ୟ ଯେତିକି ଭଲ, ସେତିକି ଖରାପ। ଯେତେସମ୍ଭବ ବର୍ଷାଦିନେ ଏହାଠାରୁ ଦୂରେଇ ରହେ। ଚାରିଆଡ଼ ବର୍ଷା ପାଣି ଜମି ରହିବା ଯୋଗୁ ଜୀବାଣୁମାନଙ୍କର ବଂଶବୃଦ୍ଧି ହୋଇଥାଏ। ଏହି ଛୋଟ ଛୋଟ ଫାଷ୍ଟଫୁଡ୍ ଦୋକାନୀମାନେ ସେସବୁକୁ ଭ୍ରୂକ୍ଷେପ ନ କରି ସେହିଠାରେ ହିଁ ବିଭିନ୍ନ ପ୍ରକାର ଖାଦ୍ୟ ଖୋଲାରେ ରାନ୍ଧିଥା'ନ୍ତି। ସମସ୍ତଙ୍କୁ ବର୍ଷାପାଗ ଯୋଗୁ ଏହିସବୁ ଗରମ ଗରମ ଖାଦ୍ୟ ଖାଇବାକୁ ଭଲ ଲାଗେ। କିନ୍ତୁ ଅପରପକ୍ଷରେ ଆମେ ନିଜକୁ ଖୁସି କରିବାକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ଡାକିଆଣୁ। ସେଥିପାଇଁ ବର୍ଷା ବେଳେ ଚଟ୍‌ପଟି ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ନିଜେ ରାନ୍ଧି ଏହାକୁ ଖାଇବାର ମଜା ନିଏ।






# ଏମିତି କିଣନ୍ତୁ ଛତା...

ବର୍ଷାଦିନେ ପାଣିରୁ ସୁରକ୍ଷା ପାଇବା ଲାଗି ଛତା ସଭିଙ୍କୁ ଲୋଡ଼ା। ତେବେ ଅନେକେ ଛତା କିଣିବା ବେଳେ ଏହାର କଲର ଏବଂ ଆକର୍ଷଣୀୟ ଡିଜାଇନ୍‌କୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଫଳରେ ବର୍ଷା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତେଣୁ ଛତା କିଣିବା ବେଳେ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ସେ ସମ୍ପର୍କରେ କେତୋଟି ଟିପ୍ସ...



➤ଛତା କିଣିବାର ମୂଳ ଲକ୍ଷ୍ୟ ହେଉଛି ବର୍ଷା ପାଣିରୁ ରକ୍ଷାପାଇବା। ତେଣୁ ଛତାଟି କିପରି ଆପଣଙ୍କୁ ସମ୍ପୂର୍ଣ୍ଣ ଘୋଡ଼ାଇ ହେଉଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହା ବ୍ୟତୀତ ଏହାର କପଡ଼ା ଯେପରି ଭଲ କ୍ୱାଲିଟିର ଏବଂ ୱାଟରପ୍ରୁଫ୍ ହୋଇଥିବ ତାହା ଦେଖନ୍ତୁ। ନଚେତ୍ ଛତା ଭିଜିଯାଇ ପାଣି ପଡ଼ିବା ଦ୍ୱାରା ଆପଣଙ୍କୁ ଓଦା ହେବାକୁ ପଡ଼ିପାରେ।

➤ଛତା ଅଧିକ ଓଜନିଆ ହୋଇଥିଲେ ମଜଭୁତ ରହିବ ବୋଲି ଏଭଳି ଅନେକଙ୍କ ମନରେ ଧାରଣା ଥାଏ। ହେଲେ ଏଭଳି ଛତା ଅଧିକ ସମୟ ଧରିବା ଦ୍ୱାରା ହାତରେ କଷ୍ଟ ହୋଇଥାଏ। ତେଣୁ ଭଲ କ୍ୱାଲିଟିର ଲାଇଟ୍ ୱେଟ୍ ଛତା ବାଛନ୍ତୁ।

➤ସୁନ୍ଦର ଦେଖାଯାଉଥିବା ଛତା ସଭିଙ୍କୁ ପସନ୍ଦ। ହେଲେ ଏହାକୁ କିଣିବା ବେଳେ କପଡ଼ାର ସିଲେଇ ସ୍ଥାନଗୁଡ଼ିକରେ ଯେପରି ପାଣି ଭିତରକୁ ଆସୁଥିବା ଭଳି ଛୋଟ ଛୋଟ କଣା ନ ଥାଏ ପରଖି ନିଅନ୍ତୁ।

➤କେବଳ ଏତିକି ନୁହେଁ, ଛତାର ବେଣ୍ଟ ବା ହ୍ୟାଣ୍ଡେଲ୍ ମଧ୍ୟ ଅନେକଙ୍କ ପାଇଁ ଅନ୍ୟତମ ଆକର୍ଷଣ। ଏହାକୁ ଆଖି ଆଗରେ ରଖି କମ୍ପାନୀଗୁଡ଼ିକ ଭଳିକି ଭଳି ଡିଜାଇନ୍‌ର ହ୍ୟାଣ୍ଡେଲ୍ ଥିବା ଛତା ପ୍ରସ୍ତୁତ କରୁଛନ୍ତି। ତେବେ ଏହାକୁ ଦେଖି ଛତା ବାଛିବା ବଦଳରେ ତାହା ଧରିବା ଲାଗି କମ୍ଫର୍ଟେବଲ୍ କି ନୁହେଁ ଦେଖନ୍ତୁ। ନଚେତ୍ ଅଧିକ ସମୟ ଏହାକୁ ବ୍ୟବହାର କଲେ ହାତ ପାପୁଲି ଏବଂ ଆଙ୍ଗୁଠି ଦରଜ ହେବା, ବିନ୍ଧିବା ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➤ବର୍ତ୍ତମାନ ହାଲୁକା ଲାଗିବା ଲାଗି ପ୍ଲାଷ୍ଟିକ୍ କାଠି ଥିବା ଛତା ମାର୍କେଟ୍‌କୁ ଆସିଲାଣି। ତେବେ ଏହା କେତେ ମଜଭୁତ ଭଲ ଭାବେ ଦେଖିନିଅନ୍ତୁ। ନଚେତ୍ କେବେକେବେ ପବନରେ ଛତାର କାଠିଗୁଡ଼ିକ ଓଲଟି ପଡୁଥିବାରୁ ଏଭଳି ଛତା ଶୀଘ୍ର ଭାଙ୍ଗିଯିବାର ଆଶଙ୍କା ରହିଛି। ତେଣୁ ଯଥାସମ୍ଭବ ମଜଭୁତ ତଥା ଷ୍ଟିଲ୍ କାଠିଥିବା ଛତା ବାଛନ୍ତୁ।

➤ବ୍ୟାଗ୍‌ରେ କ୍ୟାରି କରିବା ସହଜ ହେଉଥିବାରୁ ୨–୩ ଫୋଲ୍ଡ ଛତା ଅନେକେ ପସନ୍ଦ କରନ୍ତି। ତା'ଛଡା ଏହା ଦେଖିବାକୁ ମଧ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ହେଲେ ଏସବୁ ଶୀଘ୍ର ଭାଙ୍ଗିବାର ଆଶଙ୍କା ବେଶୀ। ତେଣୁ ଏଭଳି ଛତା କିଣିବା ବେଳେ ଏହାକୁ ଖୋଲି ଭଲ ଭାବେ ଏହାର କପଡ଼ା, ଷ୍ଟିକ୍ ଆଦି ଚେକ୍ କରିନିଅନ୍ତୁ।

➤ ସେହିପରି ସ୍ପ୍ରିଙ୍ଗ୍ ବଟନ୍ ଛତା ମଧ୍ୟ ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ଏହା ବଦଳରେ ମ୍ୟାନୁଆଲ୍ ବା ହାତରେ ଖୋଲୁଥିବା ଛତା କିଣିବା ଭଲ।



## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ରିଫ୍ୟୁଜି ଡେ' ......... ମସିହାରୁ ଆରମ୍ଭ ହୋଇଛି ?
୨– ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୨ର ଥିମ୍ .......... ?
୩– .... ଦେଶରେ ଭାସମାନ ସହର 'ଓସିଆନିକ୍ସ ସିଟି' ଆରମ୍ଭ ହେବାକୁ ଯାଉଛି ?
୪– ପ୍ଲୁଟୋର ଉପଗ୍ରହର ନାମ ......... ?
୫– ଆମ ଦେଶର ........... ରାଜ୍ୟରେ ସର୍ବାଧିକ ମିଠା ଆଳୁ ଉତ୍ପାଦନ ହୋଇଥାଏ ?

## ଗତ ଥରର ଉତ୍ତର

୧ ୨୦୨୨
୨ ପର୍ଯ୍ୟଟନ ମନ୍ତ୍ରଣାଳୟ
୩ ୨୦୨୦
୪ ଦିଙ୍କର୍ ଗୁପ୍ତା
୫ ସୁଭଦ୍ରାଙ୍ଗୀ

## ଉତ୍ତରଦାତା

➤ହରିହର ଗୋଛିକାର, ପୁରୀ ➤ରାମଚନ୍ଦ୍ର ମହାଳିକ, ଆଳି, କେନ୍ଦ୍ରାପଡା
➤ରାଜେନ୍ଦ୍ର ନାୟକ, ଜଗତ୍‌ସିଂହପୁର ➤ବୀରଭଦ୍ର ବାରିକ, କେନ୍ଦୁଝର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବକନିଷ୍ଠ ପିଏଚ୍.ଡି. ଡିଗ୍ରୀଧାରୀ



୧– କାର୍ଲ ୱିଟ୍........ ୧୩ ବର୍ଷ
୨– କିମ୍ ଉଙ୍ଗ୍ ୟୋଙ୍ଗ୍........ ୧୫ ବର୍ଷ
୩– ବାଲାମୁରଲୀ ଅମ୍ବାଟି........ ୧୭ ବର୍ଷ
୪– ରୁଥ୍ ଲରେନ୍ସ........ ୧୭ ବର୍ଷ
୫– ନର୍ବର୍ଟ ୱିନର୍........ ୧୭ ବର୍ଷ
୬– ଶୋ ୟାନୋ........ ୧୮ ବର୍ଷ
୭– ଜୁଲିଏଟ୍ ବେନି........ ୧୯ ବର୍ଷ
୮– ଚାର୍ଲ୍ସ ହୋମର ହସ୍କିନ୍ସ........ ୧୯ ବର୍ଷ
୯– ଏରିକ୍ ଡେମେନ୍........ ୨୦ ବର୍ଷ
୧୦– ଅକ୍ଷୟ ଭେଙ୍କଟେଶ୍........ ୨୦ ବର୍ଷ

**ୟୁଥ୍ ଫ୍ୟାଶନ**

# କିମୋନୋ ଜ୍ୟାକେଟ୍

ପୁଅ ହେଉ କି ଝିଅ ଟପ୍, ଶାର୍ଟ କିମ୍ବା ଟିଜ୍‌ରେ ଜ୍ୟାକେଟ୍ କ୍ୟାରି କରିବାକୁ ପସନ୍ଦ କରନ୍ତି। ଡେ ଟୁ ଡେ ଲାଇଫ୍‌ରେ ପାର୍ଟିରେ ହେଉ ଅବା ଟ୍ରାଭେଲ୍ କରିବାବେଳେ ସେମାନଙ୍କୁ ଷ୍ଟାଇଲିଶ୍ ଜ୍ୟାକେଟ୍ ଲୋଡ଼ା ହୋଇଥାଏ। ତେବେ ୟୁନିକ୍ ଲୁକ୍ ପାଇବା ପାଇଁ ବର୍ତ୍ତମାନ ଜାପାନିଜ୍ ଜ୍ୟାକେଟ୍ ଭଳି ଦିଶୁଥିବା କିମୋନୋ ଜ୍ୟାକେଟ୍ ପାଲଟିଛି ଯୁବପିଢ଼ିଙ୍କ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...



**ଲିନେନ୍ କିମୋନୋ**

ଏହି କିମୋନୋ ସ୍ୱତନ୍ତ୍ର ଭାବରେ ପୁଅମାନଙ୍କ ପାଇଁ ହୋଇଥାଏ। ଜାପାନିଜ୍ ଷ୍ଟାଇଲ୍‌ରେ ତିଆରି ହୋଇଥିବା ଏହି ଜ୍ୟାକେଟ୍‌କୁ ଆପଣ ଆଉଟିଂରେ ଯାଉଥିଲେ ବ୍ୟବହାର କରିପାରବେ। ଏହାର ବିଶେଷ କରି ବ୍ଲାକ୍ କଲର୍‌ର ଜ୍ୟାକେଟ୍ ଆପଣଙ୍କୁ କ୍ଲାସି ଏବଂ କୁଲ୍ ଲୁକ୍ ଦେବ। ଏହା ସହ ସ୍ନିକର୍ ପିନ୍ଧିଲେ ପରଫେକ୍ଟ ଲୁକ୍ ପାଇପାରିବେ।

**କିମୋନୋରେ ଆସେସରିଜ୍**

କିମୋନୋ ଜ୍ୟାକେଟ୍ ସହ ବିଭିନ୍ନ ପ୍ରକାର ସିମ୍ପଲ ଇଅରିଙ୍ଗସ୍, ନେକଲେସ୍ ଓ ରିଙ୍ଗ୍ ଟିମ୍‌ଅପ୍ କରିପାରିବେ। ଆସେସରିଜ୍‌ଗୁଡ଼ିକ ଯେତେ ସିମ୍ପଲ୍ ରହିବ, ସେଥିରେ ଆପଣ ଏଲିଗାଣ୍ଟ ଓ ୟୁନିକ୍ ଲୁକ୍ ପାଇପାରିବେ। କିମୋନୋ ଜ୍ୟାକେଟ୍ ପିନ୍ଧୁଥିଲେ ଡିଫରେଣ୍ଟ ଡିଫରେଣ୍ଟ ଡିଜାଇନ୍‌ର ବନ୍ ହେୟାର ଷ୍ଟାଇଲ୍ ଆପଣ ଫ୍ୟାଶନେବଲ୍ ଲାଗିବେ। ଏଥିସହ ଛୋଟ କ୍ଲଚ୍ ବ୍ୟାଗ୍ କ୍ୟାରି କରନ୍ତୁ ଟ୍ରେଣ୍ଡି ଲାଗିବେ।



**ଆନିମଲ୍ ପ୍ରିଣ୍ଟ କିମୋନୋ**

ଆନିମଲ୍ ପ୍ରିଣ୍ଟ ପିନ୍ଧିବାକୁ ଭଲପାଉଥିବା ଯୁବପିଢ଼ିଙ୍କୁ ଏହି ଜ୍ୟାକେଟ୍ ପସନ୍ଦ ଆସିବ। ଏହି ଜ୍ୟାକେଟ୍‌କୁ ଆପଣ ସିମ୍ପଲ୍ ଟପ୍ କିମ୍ବା ଜର୍ଜସ ସହ ଟିମ୍ ଅପ୍ କରି ପିନ୍ଧିପାରିବେ। ଏଥିସହ ଆନିମଲ୍ ପ୍ରିଣ୍ଟେଡ୍ ଶୁଜ୍ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

# ରିଦ୍ଧିମା, ଅପେକ୍ଷା, ସୁହାସଙ୍କ ନୂଆ ମିଟ୍ ରେକର୍ଡ




୪୮ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ ଅଭିଭାଷଣ ରଖୁଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା।




ବିଭିନ୍ନ ରାଜ୍ୟର ପ୍ରତିଯୋଗୀଗଣ।

**ଭୁବନେଶ୍ୱର, ୧୬।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୪୮ ତମ ଜାତୀୟ ଜୁନିୟର ଆକ୍ୱାଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୫ ଦିନ ଧରି ଚାଲିବ। ପ୍ରଥମ ଦିବସରେ କର୍ନାଟକର ରିଦ୍ଧିମା ବୀରେନ୍ଦ୍ର କୁମାର ନୂତନ ମିଟ୍ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଅଲିମ୍ପିଆନ୍ ମାନା ପଟେଲଙ୍କ ରେକର୍ଡ ଭାଙ୍ଗିଛନ୍ତି ରିଦ୍ଧିମା। ବେଙ୍ଗାଲୁରୁର ଏହି ସନ୍ତରଣକାରୀ ପଟେଲଙ୍କ ୨୦୧୫ର ରେକର୍ଡ ୧.୦୫.୦୦କୁ ଭାଙ୍ଗିବା ସହିତ ୧.୦୪.୯୬ର ଟାଇମିଂ ହାସଲ କରିଥିଲେ। ସଞ୍ଜନା ପ୍ରଭୁଗାଓଁକର (୧.୦୭.୦୯) ଏବଂ ନିନା ଭେଙ୍କଟେଶ(୧.୦୭.୩୨) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ବାଳକ ବିଭାଗରେ ତେଲେଙ୍ଗାନାର ସୁହାସ ପ୍ରୀତା ଏମ୍ ମିଟ୍ ରେକର୍ଡ କରିଛନ୍ତି। ସୁହାସ ୧.୦୧.୨୯ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ବର୍ଗରେ

**ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍**

କର୍ନାଟକର ଇଶାନ ମେହେରା(୧.୦୧.୭୧) ସହିତ ରୌପ୍ୟ ପଦକ ଏବଂ ହରିୟାଣାର କ୍ରିଶ୍ ଜୈନ୍(୧.୦୨.୩୮)ର ଟାଇମିଂ ସହିତ ବ୍ରୋଞ୍ଜ ପଦକ ଜିତିଥିଲେ।

୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ବାଳିକା ବର୍ଗରେ ମହାରାଷ୍ଟ୍ରର ଅପେକ୍ଷା ଫର୍ନାଣ୍ଡିଜ ୧.୧୨.୮୩ ସେକେଣ୍ଡର ଟାଇମିଂ ସହିତ ମିଟ୍ ରେକର୍ଡ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କର୍ନାଟକର ସାନଭି ରାଓ (୧.୧୬.୮୧) ଏବଂ ଏସ୍ ଲକ୍ଷ୍ୟ(୧.୧୭.୫୮)ର ଟାଇମିଂ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନୀ ଅବସରରେ ତାଙ୍କ ଅଭିଭାଷଣରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଆଜି ଆମ ସମସ୍ତଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ। ସାରା ଦେଶରୁ ପ୍ରତିଯୋଗୀଙ୍କୁ ପାଖରେ ପାଇ ସମଗ୍ର ଓଡ଼ିଶା ବେଶ ଗର୍ବିତ। ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ବେଶ ଆଗକୁ ଯାଇପାରିଛି। ଏସିଆନ ଆଥଲେଟିକ ମିଟ୍‌ଠାରୁ ଆରମ୍ଭ କରି ପୁରୁଷ ହକି ବିଶ୍ୱକପ, ଜୁନିୟର ହକି ୱାର୍ଲ୍ଡକପ, ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍, ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ, ନ୍ୟାଶନାଲ ପାରା ଆଥଲେଟିକ୍ସ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ମହୋତ୍ସବର ସଫଳ ଆୟୋଜନ କରିବାରେ ଓଡ଼ିଶା ସମର୍ଥ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା କେବଳ ସମ୍ଭବ ହୋଇପାରିଛି। କ୍ରୀଡ଼ାମନ୍ତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଖେଳାଳୀମାନଙ୍କର ଶୁଭକାମନା କରିବା ସହ ଏଠାରୁ ଏକ ସୁଖଦ ଅନୁଭୂତି ନେଇ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା ପ୍ରକାଶ କରି କହିଥିଲେ।

# ସିଙ୍ଗାପୁର ଓପନ ଫାଇନାଲରେ ସିନ୍ଧୁ

**ସିଙ୍ଗାପୁର, ୧୬।୭(ପି.ଟି.)**

ଭାରତର ଷ୍ଟାର ଖେଳାଳି ପି.ଭି. ସିନ୍ଧୁ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେ ନିମ୍ନ ର‌୍ୟାଙ୍କିଙ୍ଗପ୍ରାପ୍ତ ଜାପାନିଜ ଖେଳାଳି ସିଏନା କାୱାକାମିଙ୍କୁ ହରାଇ ଦେଇଛନ୍ତି। ଚଳିତବର୍ଷ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନରେ ଦୁଇଟି ସୁପର ୩୦୦ ଟାଇଟଲ ହାସଲ କରିଥିବା ଡବଲ ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ କାୱାକାମିଙ୍କ ବିପକ୍ଷ ମ୍ୟାଚ ୨୧-୧୫, ୨୧-୭ରେ ସହଜରେ ଜିତି ନେଇଛନ୍ତି। ଏହି ମ୍ୟାଚ ମାତ୍ର ୩୨ ମିନିଟ୍‌ରେ ଶେଷ ହୋଇଥିଲା। ହାଇଦ୍ରାବାଦର ଉକ୍ତ ୨୭ ବର୍ଷୀୟା ଖେଳାଳି ଏହି ବର୍ଷ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବର୍ତ୍ତମାନ ସେ ୨୦୨୨ ସିଜନରେ ପ୍ରଥମ ସୁପର ୫୦୦ ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ଅଛନ୍ତି। ତୃତୀୟ ସିଡ୍ ଭାରତୀୟ ଫାଇନାଲରେ ଚାଇନାର ୨୨ ବର୍ଷୀୟା ୱାଙ୍ଗ୍ ଝି ୟିଙ୍କୁ ଭେଟିବେ, ଯିଏକି ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ। ଏହି ଚାଇନିଜ ଖେଳାଳି ବ୍ୟାଙ୍କକ୍‌ଠାରେ ରୌପ୍ୟ ଜିତିଥିବା ଉବର କପ୍ ଦଳର ଅନ୍ୟତମ ସଦସ୍ୟା ଥିଲେ। ୱାଙ୍ଗ୍ ଜାପାନର ଓହୋରି ଆୟାଙ୍କୁ ୨୧-୧୪, ୨୧-୧୪ରେ ହରାଇ ଦେଇଛନ୍ତି। ସିନ୍ଧୁ ତାଙ୍କ କ୍ୟାରିୟରରେ ବିଶ୍ୱର ୧୧ ନମ୍ବର ମାନ୍ୟତାପ୍ରାପ୍ତ ୱାଙ୍ଗ୍‌ଙ୍କ ସହ ଥରେ ଚଳିତବର୍ଷ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମୁକାବିଲା କରିଥିଲେ। ଏହି ମ୍ୟାଚରେ ସେ ବିଜୟ ଲାଭ କରିଥିଲେ। ଦୁଇଥର ବିଶ୍ୱ ଜୁନିୟର ଚାମ୍ପିୟନ ଏବଂ ୟୁଥ୍ ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ୱାଙ୍ଗ୍ ଜୁନ୍‌ରେ ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଫାଇନାଲରେ ପ୍ରବେଶ କରିଥିଲେ।



ପି.ଭି. ସିନ୍ଧୁ

# ତୋମାର ଜିତିଲେ ସ୍ୱର୍ଣ୍ଣ ପଦକ



ଐଶ୍ୱରୀ ପ୍ରତାପ ସିଂ ତୋମାର

**ଚାଙ୍ଗଓନ୍, ୧୬।୭ (ପି.ଟି.)**

**ଶୁଟିଂ ବିଶ୍ୱକପ୍**

ଭାରତର ଐଶ୍ୱରୀ ପ୍ରତାପ ସିଂ ତୋମାର ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ୨୧ ବର୍ଷୀୟ ଭାରତୀୟ ଚମତ୍କାର ପ୍ରଦର୍ଶନ ସହ ୨୦୧୮ ୟୁଥ୍ ଅଲିମ୍ପିକ୍ସ ଚାମ୍ପିୟନ ହଙ୍ଗେରୀର ଜଲାନ ପେକ୍‌ଲାରଙ୍କୁ ୧୬-୧୨ରେ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନର ଜୁନିୟର ବିଶ୍ୱ ଚାମ୍ପିୟନ ତୋମାର ପୂର୍ବରୁ ୫୯୩ ସ୍କୋର ସହ କ୍ୱାଲିଫିକେଶନ ରାଉଣ୍ଡରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତୋମାର ଶୁଟିଂ ବିଶ୍ୱକପ୍‌ରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିପାରିଛନ୍ତି। ପୂର୍ବରୁ ସେ ଗତବର୍ଷ ନୂଆଦିଲ୍ଲୀରେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ପ୍ରତିଯୋଗିତାରେ ମଧ୍ୟପ୍ରଦେଶର ଏହି ଶୁଟରଙ୍କ ଉକ୍ତ ସ୍ୱର୍ଣ୍ଣ ଭାରତର ଚତୁର୍ଥ। ଭାରତ ୯ ପଦକ (୪ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ସହ ତାଲିକାର ଶୀର୍ଷରେ ରହିଛି।

# ଆଇସିସି କାର୍ଯ୍ୟସୂଚୀରେ ଆଇପିଏଲ୍‌କୁ ଅଢ଼େଇ ମାସ

**ଦୁବାଇ, ୧୬।୭(ପି.ଟି)**

ଆଇପିଏଲ୍‌କୁ ମିଳିବାକୁ ଯାଉଛି ଆଇସିସିର କାର୍ଯ୍ୟସୂଚୀରେ ସ୍ଥାନ। ଆସନ୍ତା ୨୦୨୪ ପାଇଁ ଆଇସିସିର କାର୍ଯ୍ୟସୂଚୀ ପ୍ରସ୍ତୁତ ହେବାକୁ ଯାଉଥିବା ବେଳେ ବିଶ୍ୱର ଧନଶାଳୀ ଟି୨୦ ଲିଗ୍‌କୁ ମିଳିବାକୁ ଯାଉଛି ଅଢେଇ ମାସର ସମୟ। ଏହି ଅଢେଇ ମାସର ସମୟରେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳାଯିବ ନାହିଁ। ବିସିସିଆଇ ସମ୍ପାଦକ ଜୟ ଶାହ ଏକ ସାକ୍ଷାତକାର ସମୟରେ ଏହା ସ୍ପଷ୍ଟ କରିଛନ୍ତି। ଆଇସିସି ଏବଂ ବିଶ୍ୱର ଅନ୍ୟ କ୍ରିକେଟ ବୋର୍ଡ ମାନଙ୍କ ସହିତ ଆଲୋଚନା ହୋଇ ସାରିଛି। ଏହା ସହିତ ଆଇସିସିର ୨୦୨୪ ଭବିଷ୍ୟତ କାର୍ଯ୍ୟସୂଚୀରେ ଆଇପିଏଲକୁ ଅଢେଇ ମାସର ଏକ ସମୟ ପ୍ରଦାନ କରାଯିବ ବୋଲି ଶାହ କହିଛନ୍ତି। ମାର୍ଚ୍ଚରୁ ମେ' ଅନ୍ତିମ ସପ୍ତାହ ଯାଏ ଏହି ୱିଣ୍ଡୋ ପ୍ରଦାନ କରାଯିବ ବୋଲି କୁହାଯାଇଛି।

ତେବେ ଏହି ଲିଗ୍‌ରୁ ପାକିସ୍ତାନୀ ଖେଳାଳିଙ୍କୁ ବ୍ୟାନ କରାଯାଇଥିବା କାରଣରୁ ଏହାକୁ ରମିଜ ରାଜା ବିରୋଧ କରିଥିଲେ ହେଁ ଏହା କୌଣସି ପ୍ରଭାବ ପକାଇବାରେ ଅସମର୍ଥ ରହିଥିଲା। ଆଇପିଏଲ୍‌ରେ ବିଦେଶୀ ଖେଳାଳିଙ୍କୁ ବିପୁଳ ପରିମାଣର ଅର୍ଥରାଶି ପ୍ରଦାନ କରାଯାଇଥାଏ। ଏହା ସହିତ ଖେଳାଳିଙ୍କୁ ମିଳୁଥିବା ଅର୍ଥରାଶିର ୧୦ ପ୍ରତିଶତ କ୍ରିକେଟ ବୋର୍ଡକୁ ମିଳିଥାଏ। ତେଣୁ ବିସିସିଆଇର ଏହି ଲିଗ୍‌କୁ ଅନ୍ୟ ସମସ୍ତ କ୍ରିକେଟ ବୋର୍ଡ ସମର୍ଥନ ପ୍ରଦାନ କରିଥିଲେ। ନିଜ ଦେଶର ମିଡିଆ ଓ ବୋର୍ଡକୁ ରମିଜ କିଛି ତ କହିବାକୁ ଚାହିଁବେ, ତେଣୁ ଏମିତି ବିରୋଧ ସ୍ୱାଭାବିକ ବୋଲି ଶାହ କହିଛନ୍ତି। ତେବେ ରମିଜ ମଧ୍ୟ ଜାଣିଛନ୍ତି ଏହା ଏଫ୍‌ଟିପିରେ ସାମିଲ ହେବାକୁ ଯାଉଛି।

ପୂର୍ବରୁ ଆଇପିଏଲ୍‌ରେ ୬୦ ମ୍ୟାଚ୍ ଖେଳାଯାଉଥିବା ବେଳେ ଆଇପିଏଲ୍ ୨୦୨୨ରେ ଟିମ୍ ସଂଖ୍ୟା ୧୦ ଛୁଇଁଥିଲା। ମ୍ୟାଚ୍ ସଂଖ୍ୟା ୭୪ରେ ପହଞ୍ଚିଥିବା ବେଳେ ଏହା ପର୍ଯ୍ୟାୟକ୍ରମେ ୯୪ ଛୁଇଁବ। ତେବେ ଆଇପିଏଲ୍ ଭଳି ଇସିବିର ଦ ହଣ୍ଡ୍ରେଡ୍ ଓ କ୍ରିକେଟ୍ ଅଷ୍ଟ୍ରେଲିଆର ବିଗ୍‌ବାସ୍ ଲିଗ୍‌କୁ କୌଣସି ୱିଣ୍ଡୋ ମିଳିନାହିଁ। ତେବେ ମାର୍କ୍ୟୁ ଖେଳାଳିମାନଙ୍କୁ ଠିକ୍ ସୁଯୋଗ ମିଳିବା ଉଚିତ ବୋଲି ଉଭୟ କ୍ରିକେଟ ବୋର୍ଡ କହିଛନ୍ତି।

# ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ଶ୍ରୀଶଙ୍କର

**ୟୁଜିନ୍ (ୟୁଏସ୍‌ଏ), ୧୬।୭ (ପି.ଟି.)**

ମୁରଲୀ ଶ୍ରୀଶଙ୍କର ପ୍ରଥମ ଭାରତୀୟ ପୁରୁଷ ଲଙ୍ଗ୍ ଜମ୍ପର ହିସାବରେ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଚଳିତ ସିଜନର ଟପ୍ ଲିଷ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଶ୍ରୀଶଙ୍କର ଚାମ୍ପିୟନଶିପ୍‌ରେ ଏକ ପଦକ ପାଇଁ ଡାର୍କହର୍ସ ଭାବେ ପ୍ରବେଶ କରିଛନ୍ତି। ତାଙ୍କର ଶ୍ରେଷ୍ଠ ଜମ୍ପ ଦ୍ୱିତୀୟ ପ୍ରଚେଷ୍ଟାରେ ୮ ମିଟର ରହିଥିଲା। କ୍ୱାଲିଫିକେଶନ ରାଉଣ୍ଡ ଗ୍ରୁପ୍ ବି'ରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଭରାଲ ୭ମ ସ୍ଥାନରେ ରହିଥିଲେ। ଅଞ୍ଜୁ ବବି ଜର୍ଜ ପ୍ୟାରିସ୍‌ରେ ୨୦୦୩ ସଂସ୍କରଣରେ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ୍ ଜମ୍ପ୍ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଅନ୍ୟ ଦୁଇ ଭାରତୀୟ ଭାଗ ନେଇଥିଲେ। ଜେସ୍ୱିନ ଆଲ୍‌ଡ୍ରିନ୍ ଦୁଇ ରାଉଣ୍ଡ ଟ୍ରାଏଲ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ସୁଯୋଗ ପାଇଥିଲେ। ଅନ୍ୟ ଜଣେ ହେଲେ ମହମ୍ମଦ ଆନିସ ୟାହିୟା। ଉଭୟେ ଗ୍ରୁପ୍ ଏ' କ୍ୱାଲିଫିକେଶନରେ ୭.୭୯ ମିଟର ଓ ୭.୭୩ ମିଟର ସହ ଯଥାକ୍ରମେ ୯ମ ଏବଂ ୧୧ତମ ସ୍ଥାନ ଅଧିକାର କରିଥିଲେ। ଯେଉଁମାନେ ୮.୧୫ ମିଟର ଅଙ୍କ ସ୍ପର୍ଶ କରିଥିବେ ଅବା ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ରହିଥିବେ ସେମାନେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଫାଇନାଲ୍ସ ରବିବାର ହେବ। ୨୩ ବର୍ଷୀୟ ଶ୍ରୀଶଙ୍କର ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ଏପ୍ରିଲରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ସେ ୮.୩୬ ମିଟର ଜମ୍ପ କରିପାରିଥିଲେ। ପରେ ଗ୍ରୀସ୍‌ରେ ଏକ ଇଭେଣ୍ଟ ଏବଂ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ୮.୩୧ମିଟର ଓ ୮.୨୩ ମିଟର ଜମ୍ପ କରିପାରିଥିଲେ। ଦୁଇଟି ଗ୍ରୁପ୍‌ର କ୍ୱାଲିଫିକେଶନ ରାଉଣ୍ଡରେ କେବଳ ଜାପାନର ୟୁକି ହାଶିଓକା (୮.୧୮ମିଟର) ଓ ଯୁକ୍ତରାଷ୍ଟ୍ର ଆମେରିକାର ମାର୍କୁଇସ୍ ଡେଣ୍ଡି (୮.୧୬ ମିଟର) ୮.୧୫ ମିଟର ଅଙ୍କ ଅତିକ୍ରମ କରିଥିଲେ।




ମୁରଲୀ ଶ୍ରୀଶଙ୍କର

# ମକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ ଉତ୍ସବ ୨୩ରେ

**ଭୁବନେଶ୍ୱର, ୧୬।୭(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ମାସ ୨୩ ତାରିଖରେ ଜୟଦେବ ଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସପ୍ତମ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଉତ୍ସବକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ସଭ୍ୟ କୈବଲ୍ୟ ବରାଳ, ଡ.ଶ୍ରୀନିବାସ ଘଟୁଆରି ଓ ପ୍ରିୟରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏଥିରେ ମହମ୍ମଦ ଆଜମ, ତାପସ କୁମାର ମହାନ୍ତି, ପ୍ରଦୀପ କୁମାର ରାଉତରାୟ, ନାରାୟଣ ବେହେରା ପ୍ରମୁଖଙ୍କୁ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ାଗୁରୁ ସମ୍ମାନ-୨୦୨୨ ପ୍ରଦାନ କରାଯିବ। ସେହିପରି ସୁଚିସ୍ମିତା ଡିଣ୍ଡା (ଭଲିବଲ), ମମତା ପାତ୍ର (ଫୁଟ୍‌ବଲ), ଅଜିତ ଶବର(ସଫ୍ଟ ଟେନିସ୍) ଓ ସାଇ ସ୍ୱରୂପ ବେବର୍ତ୍ତା(କରାଟେ) ପ୍ରମୁଖଙ୍କୁ କ୍ରୀଡ଼ା ପ୍ରତିଭା ସମ୍ମାନ ଏବଂ ଆଥଲେଟ୍ ନମିତା ପ୍ରଧାନଙ୍କୁ ଅନୁରାଧା ବିଶ୍ୱାଳ କ୍ରୀଡା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ।

# ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୭(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଚେସ୍ ଆସୋସିଏଶନ୍ ବ୍ୟାନରରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଶନିବାରଠାରୁ ଆରମ୍ଭ ହୋଇଛି ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍। ଏହି ପ୍ରତିଯୋଗିତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଓସିଏ ସଭାପତି ପ୍ରଫେସର ଜି. ସି. ମହାପାତ୍ର ପ୍ରତିଯୋଗିତାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ୫ଟି କାଟେଗୋରିରେ ଏହି ପ୍ରତିଯୋଗିତା ଖେଳାଯାଉଛି। ଓପନ ଚେସ୍ ଚାମ୍ପିୟନଶିପ୍ ଖେଳାଯାଉଥିବା ବେଳେ ଜୁନିୟର ଖେଳାଳିଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ବର୍ଷରୁ କମ୍ ଓ ୧୫ବର୍ଷରୁ କମ୍ କାଟେଗୋରିରେ ପ୍ରତିଯୋଗିତା ହେଉଛି। ମୋଟ ପୁରସ୍କାର ରାଶି ୫୦ ହଜାର ଟଙ୍କା ରଖାଯାଇଛି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୭ ହଜାର ଟଙ୍କା, ରନର୍ସଅପ୍‌କୁ ଟ୍ରଫି ସହ ୫ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ତୃତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୪ ହଜାର, ଚତୁର୍ଥ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୩ ହଜାର, ପଞ୍ଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୨,୫୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ୬ଷ୍ଠରୁ ୧୦ମ ସ୍ଥାନର ପ୍ରତିଯୋଗୀଙ୍କ ପାଇଁ ଟ୍ରଫି ସହ ୨ ହଜାର ଓ ୧୧ତମ ସ୍ଥାନରୁ ୧୫ ତମ ସ୍ଥାନରେ ରହିଥିବା ଖେଳାଳିଙ୍କୁ ଟ୍ରଫି ସହ ୧୫୦୦ ଟଙ୍କା ପ୍ରଦାନ କରାଯିବ।

# ପ୍ରମୋଦ ଭଗତ ଫାଇନାଲରେ

**ଭୁବନେଶ୍ୱର, ୧୬।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଆୟର୍ଲାଣ୍ଡର ଡବଲିନ୍‌ଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ସେମିଫାଇନାଲରେ ଜାପାନର ଡାଇସୁକ୍ ଫୁଜିହାରାଙ୍କୁ ହରାଇ ଦେଇଛନ୍ତି। ପ୍ରତିଯୋଗିତାରେ ଭଗତ ଦୁଇଥର ଫୁଜିହାରାଙ୍କୁ ଭେଟିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଜାପାନିଜ୍ ଖେଳାଳିଙ୍କ ବିପକ୍ଷରେ ଭଗତଙ୍କୁ ୩ ଗେମ୍ ବିଶିଷ୍ଟ ମ୍ୟାଚରେ ହରାଇବାକୁ ପଡ଼ିଥିଲା। ସେମିଫାଇନାଲରେ କିନ୍ତୁ ସେ ୨୧-୧୫, ୨୧-୧୫ରେ ସହଜ ବିଜୟ ହାସଲ କରିଛନ୍ତି। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ୍ ବିଥେଲ୍‌ଙ୍କୁ ଭେଟିବେ। ଓଡ଼ିଶାର ଅନ୍ୟତମ ଖେଳାଳି ଦୀପ ରଞ୍ଜନ ବିଶୋଇ ଏସ୍‌ଏଲ୍-୪ ସିଙ୍ଗଲ୍ସରେ ଫ୍ରାନ୍ସର ଲୁକାସ୍ ମଜୁରଙ୍କଠାରୁ ୧୧-୨୧, ୭-୨୧ରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।



ପ୍ରମୋଦ ଭଗତ




# ଭାରତର ବ୍ୟାଟିଂ ଆଭିମୁଖ୍ୟରେ ପରିବର୍ତ୍ତନ ଲୋଡ଼ା

**ମାଞ୍ଚେଷ୍ଟର, ୧୬।୭(ପି.ଟି.)**

ଲର୍ଡସରେ ଦୟନୀୟ ପରାଜୟ ପରେ ମାଞ୍ଚେଷ୍ଟରରେ ନିର୍ଣ୍ଣାୟକ ମୁକାବିଲା ପାଇଁ ପ୍ରସ୍ତୁତ ଉଭୟ ଭାରତ ଓ ଇଂଲଣ୍ଡ। ସିରିଜ ବିଜୟ ଆଶାରେ ଉଭୟ ଦଳ ପଡିଆକୁ ଓହ୍ଲାଇବେ। ୨୦୧୪ ପରଠାରୁ ଇଂଲଣ୍ଡ ଘରୋଇ ମାଟିରେ କେବେ ବି ସିରିଜ ପରାଜୟ ହାସଲ କରି ନ ଥିବା ବେଳେ ମୁକାବିଲାଟି ରୋମାଞ୍ଚକର ହେବା ନେଇ ଆଶା କରାଯାଉଛି। ସିରିଜରେ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରୁଥିବା ବେଳେ ଉଭୟ ମ୍ୟାଚ୍ ଏକପାଖିଆ ଭାବରେ ଶେଷ ହୋଇଛି। ଉଭୟ ଦଳର ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ ହେଁ ବ୍ୟାଟିଂ ଉଭୟ ଦଳ ପାଇଁ ରହିଛି ଚିନ୍ତାର କାରଣ। ଓଭାଲରେ ଆତ୍ମବିଶ୍ୱାସ ଭରା ବିଜୟ ପରେ ଭାରତୀୟ ଦଳ ଯେଉଁଭଳି ଢଙ୍ଗରେ ଲର୍ଡସରେ ବ୍ୟାଟିଂ କଲା ଏହା ଟିମ୍ ମ୍ୟାନେଜମେଣ୍ଟର ମୁଣ୍ଡବ୍ୟଥା ବଢାଇଛି। ଟି୨୦ ଶୃଙ୍ଖଳାରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ବେଳେ ଓଭାଲରେ ମଧ୍ୟ ସମାନ ସଫଳତା ଦୋହରାଇଥିଲା। ମାତ୍ର ଲର୍ଡସରେ ୨୪୭ ରନର ଏକ ଆଭରେଜ ଟାର୍ଗେଟର ପିଛା କରି ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଯେଉଁଭଳି ତାସଘର ପରି ଭୁଶୁଡିଗଲା ଏହା ସୃଷ୍ଟି କରିଛି ଅନେକ ପ୍ରଶ୍ନ। ଭାରତୀୟ ଦଳକୁ ଏହାର ବ୍ୟାଟିଂ ଆଭିମୁଖ୍ୟରେ ବଡ ପରିବର୍ତ୍ତନ ଆଣିବାକୁ ପଡିବ। ଓଭାଲ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତିବା ପରେ ଦ୍ୱିତୀୟ ମ୍ୟାଚରେ ଭାରତୀୟ ବ୍ୟାଟିଂ ଦୁର୍ବଳତା ପଦାରେ ପଡିଥିଲା। ରିସି ଟୋପଲେ ଓ ଡେଭିଡ୍ ୱିଲିଙ୍କ ସୁଇଂ ବୋଲିଂ ଆଗରେ ଭାରତୀୟ ବ୍ୟାଟ୍ସମ୍ୟାନ ସାମାନ୍ୟ ରକ୍ଷଣାତ୍ମକ ଆଭିମୁଖ୍ୟ ଆପଣେଇଥିଲେ ବୋଲି କହିଛନ୍ତି ଅଧିନାୟକ ରୋହିତ ଶର୍ମା। ସେହିପରି ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ବ୍ୟାଟିଂ ବିଫଳତା ଜାରି ରହିଥିବା ବେଳେ ଏହା ଦଳ ଉପରେ ଅଧିକ ଚାପ ସୃଷ୍ଟି କରୁଛି। ଏହା ସହିତ ଆରମ୍ଭରୁ ଦୁଇ ଓପନରଙ୍କ ଧୀମା ବ୍ୟାଟିଂ ମଧ୍ୟ ଭାରତକୁ ପ୍ରଭାବିତ କରୁଛି। ତେବେ ସକାରାତ୍ମକ ମନୋଭାବ ସହିତ ପଡିଆକୁ ଓହ୍ଲାଇ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ଉଚିତ ହେବ ବୋଲି କହିଛନ୍ତି ରୋହିତ। ପ୍ରତ୍ୟେକ ଭାରତୀୟ ଖେଳାଳି ନିଜ ବ୍ୟକ୍ତିଗତ ପ୍ରଦର୍ଶନ ସୁଧାରିବାକୁ ପ୍ରୟାସ କରିବା ଉଚିତ ବୋଲି କହିଛନ୍ତି ଭାରତୀୟ ଅଧିନାୟକ। ଟି୨୦ ସିରିଜରେ ଏହି ଆଭିମୁଖ୍ୟ ଭାରତକୁ ସଫଳତା ଦେଇଥିବା ବେଳେ ଦିନିକିଆରେ ମଧ୍ୟ ଏହା ସଫଳତା ପ୍ରଦାନ କରିବ। ଦିନିକିଆକୁ ଦୁଇଟି ଟି୨୦ ମୁକାବିଲା ବିବେଚନା କରି ଖେଳିବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି। କେବଳ ଭାରତୀୟ ଟପ୍ ଅର୍ଡର ନୁହେଁ ଇଂଲିଶ ଟପ୍ ଅର୍ଡର ମଧ୍ୟ ରନ୍ ପାଇଁ ସଂଘର୍ଷ କରୁଛନ୍ତି। ଜୋସ୍ ବଟଲର, ଜନି ବେୟାରଷ୍ଟୋ, ଜାସନ୍ ରୟ, ବେନ୍ ଷ୍ଟୋକସ୍ ଏବଂ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କ ବ୍ୟାଟ ମଧ୍ୟ ଅପେକ୍ଷାକୃତ ଭାବରେ ନୀରବ ରହିଛି।

**ମାଞ୍ଚେଷ୍ଟରରେ ନିର୍ଣ୍ଣାୟକ ମୁକାବିଲା**

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ଯାଜପୁର ରୋଡ୍

- ରୋଟାରୀ କ୍ଲବ ଯାଜପୁର ରୋଡ ପକ୍ଷରୁ ଡିଷ୍ଟ୍ରିକ୍ଟ ଅଫିସର ଏବଂ କ୍ଲବ ଅଫିସର ତାଲିମ କାର୍ଯ୍ୟକ୍ରମ ଜିଜ୍ଞାସା। ସ୍ଥାନ-ବ୍ରାହ୍ମଣୀ ହୋଟେଲ। ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ



ରସୁଲପୁର, ୧୬।୭ (ଡି.ଏନ.ଏ.): କୁଆଖିଆ ଥାନା ୧୬ନଂ.ଜାତୀୟ ରାଜପଥର ପୁରୁଣା ଥାନା ସମ୍ମୁଖରୁ ମୋବାଇଲ୍ ଚୋରି ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କୋରେଇ ଥାନା ଅନ୍ତର୍ଗତ କନ୍ତର ଗ୍ରାମର ମିଚେଲ ରାଉଳ ଓ ରାଜେଶ ଦାସ। ଉଭୟଙ୍କଠାରୁ ପୋଲିସ ଏକ ମୋବାଇଲ ଫୋନ ଓ ଆପଚି ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଗତ ବୁଧବାର ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ପରିଡ଼ାବାଦ ଗ୍ରାମର ଗଙ୍ଗାଧର ପଣ୍ଡା ବାଇକରେ ଜାରକାରୁ କୁଆଖିଆ ଅଭିମୁଖେ ଫେରୁଥିଲେ। ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ତାଙ୍କୁ ପିଛା କରି ଆସୁଥିଲେ। ଘଟଣାସ୍ଥଳରେ ଗଙ୍ଗାଧରଙ୍କଠାରୁ ମୋବାଇଲ ଛଡ଼ାଇ ପାଣିକୋଇଲି ଅଭିମୁଖେ ପଳାଇଥିଲେ। ଏନେଇ ଗଙ୍ଗାଧର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୦/୨୨ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ଦୁଷ୍ମନ୍ତ ଦାସ ଘଟଣାର ତଦନ୍ତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ କୋରେଇ ଥାନା ଅଞ୍ଚଳରୁ ଗିରଫ କରିଥିଲେ।

### ପଡ଼ୋଶୀଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ଧର୍ମଶାଳା,୧୬।୭(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ବେଲଗାଡ଼ିଆ ଗ୍ରାମରେ ପଡ଼ୋଶୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବେଲଗାଡ଼ିଆ ଗ୍ରାମର ଅଜୟ ରାଉତ। ପଡ଼ୋଶୀ ଗୋପାଳ ପ୍ରଧାନଙ୍କ ସହ ଅଜୟଙ୍କ କୌଣସି କାରଣକୁ ନେଇ ମାରପିଟ ହୋଇଥିଲା। ଏଥିରେ ଗୋପାଳ ଆହତ ହେବାସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୯/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଜୟଙ୍କୁ ଶୁକ୍ରବାର ରାତିରେ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ୭୯% ଖର୍ଚ୍ଚ: ୨୨ରୁ ୯ ପ୍ରକଳ୍ପ ସମ୍ପୂର୍ଣ୍ଣ

ଯାଜପୁର ଅଫିସ,୧୬।୭

ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଜାରକା ଅଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ)ରେ ଖର୍ଚ୍ଚ ତୁଳନାରେ ରାସ୍ତା ନିର୍ମାଣ ଆଶାନୁରୂପ ହୋଇପାରିନାହିଁ। ଗତ ୫ ବର୍ଷରେ ହାତକୁ ନିଆଯାଇଥିବା ୨୨ଟି ରାସ୍ତା ପ୍ରକଳ୍ପରେ ୨୯.୨ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ୨୨.୯୩ କୋଟି(୭୯%) ଖର୍ଚ୍ଚ ହୋଇସାରିଛି। ହେଲେ ବିଡ଼ମ୍ବନା ଯେ, ମାତ୍ର ୯ଟି ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବ୍ୟାପକ ଅନିୟମିତତା ସହ ହରିଲୁଟ ହୋଇଥିବା ସନ୍ଦେହ ହେବା ସ୍ୱାଭାବିକ ବୋଲି ମତପ୍ରକାଶ ପାଇଛି।



ମୁଖ୍ୟମନ୍ତ୍ରୀ ସଡ଼କ।

ଚଳିତ ବିଧାନସଭାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱନାଥ ମାର୍ଣ୍ଡି ଜମି ବିବାଦ ଏବଂ ଅନ୍ୟାନ୍ୟ କାରଣରୁ ୫ଟି ପ୍ରକଳ୍ପର ଚୁକ୍ତି ରଦ୍ଦ କରାଯାଇଥିବା ଦର୍ଶାଇଛନ୍ତି। ଏଥିରେ ଉତ୍ତରପ୍ରତାପ-ରଖିପାଟନା ରାସ୍ତା, ଆରଡି ରାସ୍ତାଠାରୁ ସାଲେମାଣ, ଆରଡି ରାସ୍ତାଠାରୁ ଟୋଲକଣା, ପୁରୁଷୋତ୍ତମପୁର-ମଙ୍ଗରାଜପୁର ଭାୟା ରାଧାଦେଇପୁର ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତାଠାରୁ କୁମ୍ଭେଇ-ଉପୁଲା ଭାୟା ମୁଲିଝର ରାସ୍ତା ରହିଛି। ସେହିପରି କୋଲସାହି-ବାଘୁଆ, ନରସିଂହପୁର-ରସୁଣା, ହରିପୁର-କରଜଙ୍ଗା, ହଟସିଂହାପୁର-ତାରିଣୀ ଛକ, ରାଇଝର-ସାଲପଡା, ଶାନ୍ତିବଜାର-ଅବଦାନ ରାସ୍ତା ପ୍ରକଳ୍ପ ନିର୍ମାଣାଧୀନ ରହିଥିବାବେଳେ ଶ୍ୟାମସୁନ୍ଦରପୁର-ଚୌଷଠିପଡା ଭାୟା ବାଘୁଆ ଏବଂ ଭୋଟକା-ଗନ୍ଧଣା ରାସ୍ତା ଟେଣ୍ଡର ପ୍ରକ୍ରିୟା ଚାଲିଛି। ଅନ୍ୟପକ୍ଷେ ଆରଡି ରାସ୍ତାଠାରୁ ଝାଟିଆପଡ଼ା, ଏନ୍‌ଏଚ୍-୫ଠାରୁ ରୁକୁଟିପାଲ, ଢେଙ୍କାନାଳ ସୀମାନ୍ତ କଲକଲାଠାରୁ ପୁମାଚନ୍ଦ୍ରପୁର, ଆରଡି ରାସ୍ତାଠାରୁ ରାହାଦେଇପୁର, ଭୁଲୁକା ପଦ୍ମାଳୟା ହାଇସ୍କୁଲଠାରୁ କୃଷ୍ଣପୁର ଶାସନ ହାଇସ୍କୁଲ ଭାୟା ତପନେଶ୍ୱର ମହାଦେବ ରାସ୍ତା, ସଞ୍ଜୟନଗରଠାରୁ ଶାସନ ପୁରୁଷୋତ୍ତମପୁର ଆଦିବାସୀ ସାହି ଭାୟା ଖଟୁଆପଡା ରାସ୍ତା, ଅକରବାଦଠାରୁ ନାକପୋଷି ଭାୟା ମହାବିନାୟକ ମନ୍ଦିର ରାସ୍ତା, ନୂଆପାଟଣା ଆରଡି ରାସ୍ତାଠାରୁ ହମଜାପୁର ରାସ୍ତା ଏବଂ ଆରଡି ରାସ୍ତାଠାରୁ ସୋଲଲ ରାସ୍ତା ସମ୍ପୂର୍ଣ୍ଣ ହୋଇଛି। ତେବେ ବିଧାନସଭା ପ୍ରଶ୍ନ ଅନୁସାରେ କୁମ୍ଭେଇ-ଉପୁଲା ରାସ୍ତାର ଜମି ବିବାଦ ଉପରେ ଉତ୍ତର ରଖାଯାଇଛି ଯେ, ୨୦୧୮-୧୯ରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୫।୨।୨୦୧୯ରେ ଆରମ୍ଭ କରାଯାଇ ୨୪।୧୧।୨୦୧୯ରେ ଶେଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଏହି ରାସ୍ତାର ମୋଟ ଦୈର୍ଘ୍ୟ ୬.୦୧୫ କିମି ମଧ୍ୟରୁ ୩.୦୬୦ କି.ମି. ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୨.୯୫୫ କିମି ଦୈର୍ଘ୍ୟ ରାସ୍ତାର ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ଚଉଡ଼ା ଜମି ନ ମିଳିବାରୁ ଟେଣ୍ଡର ଚୁକ୍ତିନାମାକୁ ରଦ୍ଦ କରିବାକୁ ପଦକ୍ଷେପ ନିଆଯାଇଥିଲା। ତତ୍କାଳୀନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରତ୍ୟେକ୍ଷ ଭାବେ କ୍ଷେତ୍ର ପରିଦର୍ଶନ କରି ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପରେ ଚୁକ୍ତିନାମାକୁ ରଦ୍ଦ କରିବାକୁ ସ୍ୱୀକୃତି ଦେଇଥିଲେ। ତେବେ ଏହି ରାସ୍ତା କାମ ପାଇଁ ୨ କୋଟି ୯୩ ଲକ୍ଷ ୪୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୧ କୋଟି ୪୨ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହାସହ ନିର୍ମାଣାଧୀନ କିମ୍ବା ଚୁକ୍ତିନାମା ବାତିଲ ହୋଇଥିବା ପ୍ରକଳ୍ପଗୁଡ଼ିକରେ ନିର୍ମାଣଠାରୁ ବହୁଗୁଣରେ ଅଧିକ ଖର୍ଚ୍ଚ ଦେଖାଯାଇଥିବାରୁ ସରକାରୀ ଅର୍ଥ ବାଟମାରଣା ହୋଇଥିବା ସନ୍ଦେହ କରାଯାଇଛି। ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଏମ୍‌ଏମ୍‌ଏସ୍‌ୱାଇ ପ୍ରଣୀତ ହୋଇଥିଲା। କିନ୍ତୁ ଠିକାଦାରି ରାଜନୀତି ଏହି ବିକାଶ ଧାରାକୁ ବହୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ବିଭିନ୍ନ ରାଜନୈତିକ କ୍ଷେତ୍ରରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅର୍ଥକୁ ମାଧ୍ୟମ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଧାନସଭା ପ୍ରଶ୍ନର ଏହି ଉତ୍ତରରେ ସ୍ପଷ୍ଟ ବାରି ହୋଇପଡ଼ିଛି।

### ଯୁବତୀଙ୍କୁ ବ୍ଲାକ୍‌ମେଲ, ଯୁବକ ଗିରଫ



ବରୀ,୧୬।୭(ଡି.ଏନ.ଏ.)

ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ବାଇଁଶିରିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ସୋସିଆଲ୍ ମିଡିଆ ମାଧ୍ୟମରେ ବ୍ଲାକ୍‌ମେଲ୍ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲାର ସୁଶାନ୍ତ ବେହେରା। ସୁଶାନ୍ତ ସୋସିଆଲ୍ ମିଡିଆ ମାଧ୍ୟମରେ ଯୁବତୀଙ୍କ ସହ ସମ୍ପର୍କ ସ୍ଥାପନ କରିଥାନ୍ତି। ପରେ ସେମାନଙ୍କୁ ବ୍ଲାକ୍‌ମେଲ କରିଥାନ୍ତି। ତେବେ ବାଇଁଶିରିଆ ଅଞ୍ଚଳର ଯୁବତୀ ଏପରି ଘଟଣାର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୯୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଯୁବକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ଏହାପରେ ଜଣାପଡ଼ିବ ସେ ବ୍ଲାକମେଲ ସହ ଆଉ କେଉଁ କାର୍ଯ୍ୟରେ ଲିପ୍ତ ରହିଥିଲେ।



ଶନିବାର ଅସରାଏ ବର୍ଷାରେ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଜଳମଗ୍ନ ହୋଇପଡିଛି। ବ୍ୟାସନଗର ମ୍ୟୁନିସିପାଲିଟି ଡ୍ରେନ୍ ପରିଚାଳନାର ବିଫଳତାକୁ ଏହା ସୂଚାଉଛି। (ଫଟୋ: ଅଭିଳାଷ, ଯାଜପୁର ରୋଡ୍।

### ଘର ସମ୍ମୁଖରୁ ବୋଲେରୋ ଚୋରି

ଛତିଆ,୧୬।୭(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଛତିଆ ବିଟ୍ ହାଉସ ଅଧୀନ କମ୍ପାନୀ ବଜାର ଗ୍ରାମର ସୁନୀଲ କୁମାର ସିଂଙ୍କ ଘର ସମ୍ମୁଖରୁ ତାଙ୍କ ବୋଲେରୋ ଗାଡ଼ି ନଂ. ଓଆର୍-୦୫-ଏସ୍-୭୦୫୨ ଶୁକ୍ରବାର ରାତିରେ ଚୋରି ହୋଇଯାଇଛି। ସୁନୀଲ ଏକ ଭଡ଼ାରେ ଯାଇ ରାତି ଫେରିବା ପରେ ଗାଡ଼ି ରଖି ଶୋଇ ପଡ଼ିଥିଲେ। ମାତ୍ର ସକାଳୁ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଫଳରେ ଏନେଇ ସେ ଛତିଆ ବିଟ ହାଉସରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିଟ୍ ହାଉସ ଅଧିକାରୀ ଗୋବର୍ଦ୍ଧନ ନାୟକ ଓ ଏସ୍‌ଆଇ ଜହର ଆବେଦିନ

### ୧୪୦ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବରୀ,୧୬।୭(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ବରୀ ବ୍ଲକ ଅଞ୍ଚଳରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ ଯାଜପୁର ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ନୀହାରିକା ଦାସଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଅଧୀନ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୁନନ୍ଦା ଦାସ ଉପସ୍ଥିତ ରହି ମୋଟ୍ ୧୪୦ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ପତି ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆଗକୁ ବଢିଲେ ଶୀର୍ଷସ୍ଥାନରେ ପହଞ୍ଚି ପାରିବେ ବୋଲି ବିଧାୟିକା ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟପକ୍ଷରେ ଯେଉଁ ବିଦ୍ୟାଳୟର ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଜିଲାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ମୋ ପଞ୍ଚାୟତର ହୋଇଥିବାରୁ ମୁଁ ଗର୍ବିତ ବୋଲି ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ ତାଙ୍କ ବକ୍ତବ୍ୟରେ କହିଥିଲେ। ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ମାନସ ରଞ୍ଜନ ଭୋଇ, ବ୍ଲକ୍ ଶିକ୍ଷାଧିକାରୀ ସୁଦର୍ଶନ ମଲିକ, ପ୍ରାକ୍ତନ କୁଳପତି କମରବର ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ସ୍ଥାନୀୟ ବିଦ୍ୟାଳୟ ପ୍ରତିଷ୍ଠାତା ଅନିରୁଦ୍ଧ ମଲ୍ଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଶିକ୍ଷକନେତା ଲୋକନାଥ ଦାସ, ଡ. ନୃସିଂହ ଚରଣ ବେହେରା, ଶିକ୍ଷକ ନେତା ନିର୍ମଳ ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ କର୍ଣ୍ଣଚନ୍ଦ୍ର ଘଡେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଶାନ୍ତନୁ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସୁକିନ୍ଦା-କାମାକ୍ଷାନଗର ଯୋଗାଯୋଗ ବିଚ୍ଛିନ୍ନ

କାଳିଆପାଣି,୧୬।୭(ଡି.ଏନ.ଏ.)

ଯାଜପୁର ଓ ଢେଙ୍କାନାଳ ଜିଲା ସୀମାନ୍ତ ଡମଶାଳ ନଦୀରେ ବର୍ଷାଜଳସ୍ତର ବଢ଼ିବାରେ ଲାଗିଛି। ଏଥିଯୋଗୁ ସୁକିନ୍ଦା-କାମାକ୍ଷାନଗର ରାସ୍ତା ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଶହଶହ ଖଣି କର୍ମଚାରୀ ଦୀର୍ଘ ସମୟ ଅଟକି ରହିଛନ୍ତି। ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ଅପରାହ୍ନ ୩ଟାରେ ଲଗାତର ବର୍ଷା ହେବାରୁ ଖଣି ଅଞ୍ଚଳର ଜୀବନ ରେଖା କୁହାଯାଉଥିବା ଡମଶାଳ ନଦୀରେ ଜଳସ୍ତର ବଢିଥିଲା। ଏଥିଯୋଗୁ ସୁକିନ୍ଦା ଓ କାମାକ୍ଷାନଗରକୁ ସଂଯୋଗ କରୁଥିବା ରାସ୍ତାର କୁସୁମଘୁଟ ନିକଟରେ ଥିବା ପୋଲିଆ ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଥିଲା।



କୁସୁମଘୁଟ ନିକଟ ପୋଲିଆ ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଛି।

ଶନିବାର ହୋଇଥିବାରୁ ଟାଟାମାଇନ୍ସ ହାଟକୁ କାମାକ୍ଷାନଗର ଅଞ୍ଚଳରୁ ବହୁ ବ୍ୟବସାୟୀ ଆସିଥିଲେ। ସେହିପରି କଙ୍କଡ଼ାହାଡ଼ ଓ କାମାକ୍ଷାନଗର ଅଞ୍ଚଳର ବହୁ ଲୋକ ଖଣିର ବିଭିନ୍ନ କାମ ନିୟୋଜିତ ଅଛନ୍ତି। ସେମାନେ କାମସାରି ଘରକୁ ଫେରିବା ସମୟରେ ନଦୀ ଜଳସ୍ତର ବଢିବା ଯୋଗୁ ବସି ରହିବାକୁ ବାଧ ହୋଇଥିଲେ। ସମ୍ପୃକ୍ତ ପୋଲିଆଟି ବହୁ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବେଳେ ଏବେ ଭାଙ୍ଗି ନଷ୍ଟ ହୋଇଗଲାଣି। ବର୍ଷା ହେଲେ ପୋଲିଆ ଉପରେ ଜଳ ପ୍ରବାହିତ ହୁଏ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼େ। ଏନେଇ ସେ ଅଞ୍ଚଳ ଲୋକେ ନିର୍ବାଚନମଣ୍ଡଳୀ ବିଧାୟକ ତଥା ଖଣି ମନ୍ତ୍ରୀଙ୍କୁ ଏକ ସେତୁ ନିର୍ମାଣ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ହତାଶ ହୋଇଛନ୍ତି। ଏବେ ଖଣି ଅଞ୍ଚଳ ଲୋକେ ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଏଠାରେ ଏକ ସେତୁ ନିର୍ମାଣ କରିବା ପାଇଁ ନିବେଦନ କରିଛନ୍ତି।

## 'ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତ ରୁହ'

ଯାଜପୁର ଟାଉନ,୧୬।୭(ଡି.ଏନ.ଏ.)

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ତଥା ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅକ୍ଷୟ କୁମାର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ଜିଲାରେ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ଡିଡିଏମ୍‌ଏର ସମସ୍ତ ଅଧିକାରୀଙ୍କୁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଜରୁରୀ ପରିଚାଳନା କେନ୍ଦ୍ର ତରଫରୁ ୨୦୨୨-୨୩ ମସିହା ପାଇଁ ପ୍ରସ୍ତୁତ କରାଯାଇଥିବା ଜିଲା ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ପିପିଟି ମାଧ୍ୟମରେ ସମସ୍ତ ସଦସ୍ୟଙ୍କୁ ଅବଗତ କରାଯାଇଥିଲା। ପରେ ଏହା କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିମିତ୍ତ ପ୍ରେରଣ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ନୂତନ ପ୍ରସ୍ତାବ ଆଗତ କରିଥିଲେ। ଯାହା ଆକ୍ସନ ପ୍ଲାନ ଡିଡିଏମ୍‌ଏରେ ସାମିଲ କରାଯିବ ବୋଲି ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାନେତ୍ରୀ ନଳିନୀ ପ୍ରଭା ଜେନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ସୁଧାଂଶୁ ଶେଖର ବଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଯାଜପୁର ଥାନା ଆଇଆଇସି ଏବଂ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।



ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବୈଠକରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

## ଅସରାଏ ବର୍ଷାରେ ଜମୁଛି ପାଣି

ଝୁମ୍ପୁରୀ,୧୬।୭(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତା ନିର୍ମାଣ ନିମନ୍ତେ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହାର ସୁଫଳ ପାଉନାହାନ୍ତି ଲୋକେ, ଯାହାର ଉଦାହରଣ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ୍‌ର ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା କ୍ଷେତ୍ରରେ। ଅସରାଏ ବର୍ଷାହେଲେ ଉକ୍ତ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହୁଛି। ଫଳରେ ଯାତାୟାତ କରିବା ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଦଶରଥପୁର ପଞ୍ଚାୟତ ସମିତିର ସବୁଠାରୁ ଦୀର୍ଘତମ ରାସ୍ତାଭାବେ ନରଣଗୋଚ୍ଛା-ମଙ୍ଗଳପୁର-ବଡ଼କୁଆଁଳ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ଏବେ ନରଣଗୋଚ୍ଛା-ମଙ୍ଗଳପୁର ରାସ୍ତା ପୂର୍ତ୍ତ ବିଭାଗ ନେଇଥିବାବେଳେ ତାହା ରାସ୍ତା ନିର୍ମାଣ ସରିଛି। ହେଲେ ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା ପୂର୍ତ୍ତ ବିଭାଗ ନେବ ବୋଲି କହୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିନାହିଁ। ରାସ୍ତାର ଏପରି ଅବସ୍ଥା ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି ପାଇଁ କୌଣସି ପଦକ୍ଷେପ ନେଉନାହିଁ। ରାସ୍ତାଦେଇ ୩ଟି ଜିଲା ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାର ହଜାରହଜାର ଲୋକ ପ୍ରତିଦିନ ଯାତାୟାତ କରନ୍ତି। ଶହଶହ ଯାନ ମଧ୍ୟ ଏହି ରାସ୍ତାରେ ବହୁଳଭାବେ ଯାତାୟାତ କରୁଛି।



ରାସ୍ତାରେ ବର୍ଷାପାଣି ଜମିରହିଛି।

ଏବେ ବର୍ଷାଦିନ ହୋଇଥିବାରୁ ମଙ୍ଗଳପୁର ବଜାରଠାରୁ ୨୦୦ମି. ଦୂର ପ୍ରଗତି ବିହାର କଲୋନୀ ନିକଟ ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମିରହିଛି। ଏଥିସହ ରାସ୍ତାର ବହୁ ସ୍ଥାନରେ ଖାଲଖମା ହୋଇ ରାସ୍ତା ଦବିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ମଙ୍ଗଳପୁର ଶିଶୁ ମନ୍ଦିର ଅବସ୍ଥିତ ହୋଇଥିବାରୁ ହଜାରହଜାର ପିଲା

### ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା

**■ବିଭାଗର ଦୃଷ୍ଟି ପଡୁନି, ହୀନସ୍ତା ହେଉଛନ୍ତି ଲୋକେ**

ଆଣ୍ଠୁଏ ପାଣିରେ ପଶି ସ୍କୁଲକୁ ଯାତାୟାତ କରୁଛନ୍ତି। ରାସ୍ତାଟିର ବିଭିନ୍ନ ଅଂଶରେ ପିଚୁ ଉଠି ଗାତ ସୃଷ୍ଟି ହୋଇଛି । ତେବେ ଏହି ରାସ୍ତାଟି ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଏରିଆରେ ହୋଇଥିବାରୁ ତୁରନ୍ତ ମନ୍ତ୍ରୀ ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ରାସ୍ତା ନିର୍ମାଣ ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦେବାପାଇଁ ଅଞ୍ଚଳ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ୭ ଦିନ ମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନ ନେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଦକ୍ଷିଣବନ୍ଧର ଅବସରପ୍ରାପ୍ତ କର୍ମଚାରୀ ସଙ୍ଗଠନ ସହ ସାନକୁଆଁଳ, ମଙ୍ଗଳପୁର ଓ ଯାଜପୁର ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ନୟାଗଡ଼ରେ ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣିଆ ଟିମ୍



**ନୟାଗଡ଼ ଅଫିସ,୧୬।୭:** ନୟାଗଡ଼ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଦୁଇଜଣିଆ ଟିମ୍ ଜିଲା ଗସ୍ତରେ ଆସିଛନ୍ତି। ଟିମର ସ୍ୱାସ୍ଥ୍ୟ ବିଭାଗର ଟିବି କନସୋଲାଣ୍ଟ ଡା. ସଚ୍ଚିଦାନନ୍ଦ ମିଶ୍ର ଓ କ୍ୱାଲିଟି କଣ୍ଟ୍ରୋଲର କନସୋଲାଣ୍ଟ ଡା. ମନୋରଞ୍ଜନ ମହାପାତ୍ର ପ୍ରମୁଖ ଶଙ୍ଖେଇ, ଆନନ୍ଦାପଲ୍ଲୀ ଓ ଶଙ୍ଖେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରଣପୁର ବ୍ଲକର କାକଲମା ଓ ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜସୁନାଖଳାକୁ ଯାଇ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର କାମକୁ ସମୀକ୍ଷା କରିଛନ୍ତି। ସେହିପରି କୋଭିଡ, ଡେଙ୍ଗୁ ମ୍ୟାଲେରିଆ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ଫାଇଲେରିଆ ରୋଗଙ୍କ ସମ୍ପର୍କରେ ଆଶା କର୍ମୀ ଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି କି ନାଁ ତାହା ପଚାରି ବୁଝିଥିଲେ।

### ରାଜ୍ୟ ସମାଜସେବୀ ମହାସଂଘକୁ ନୟାଗଡ଼ରୁ ୩ ମନୋନୀତ




**ନୟାଗଡ଼ ଅଫିସ,୧୬।୭:** ରାଜ୍ୟ ସମାଜସେବୀ ମହାସଂଘକୁ ନୟାଗଡ଼ ଜିଲାରୁ ୩ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରାଜ୍ୟ ଉପସଭାପତି ଅମରେନ୍ଦ୍ର ସାହୁ, ରାଜ୍ୟ ସହସମ୍ପାଦକ ସାରସ୍ୱତ ବିଭୂପଦ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ବିଶ୍ୱଜିତ୍ ସୁବୁଦ୍ଧି । ନୟାଗଡ଼ ଜିଲା ସମେତ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଏମାନଙ୍କୁ ନିଯୁକ୍ତି ମିଳିଛି। ମହାସଂଘକୁ ସୁଦୃଢ଼ କରିବା ପାଇଁ ଚଳିତବର୍ଷ ମହାସଂଘ ସଭାପତି ନରୋତ୍ତମ ଦାସ, ମହାସଚିବ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଓ ସମ୍ପାଦକ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଜିଲାର ୩ ଜଣ ସାମାଜିକ କର୍ମୀଙ୍କୁ ଉପରୋକ୍ତ ପଦ ପାଇଁ ଚୟନ କରାଯାଇଛି। ମହାସଂଘ ବିଭିନ୍ନ ଜିଲାରେ ତଥା ବ୍ଲକରେ ରକ୍ତଦାନ ଶିବିର, କୋଭିଡ ସଚେତନତା, ଦିବ୍ୟାଙ୍ଗ, ଅସହାୟଙ୍କୁ ସହାୟତା ଓ ପାରିବାରିକ ସମସ୍ୟାର ସମାଧାନ କରିବା ଦିଗରେ କାର୍ଯ୍ୟ କରୁଛି।

# ଡାକ୍ତରଙ୍କ କାମ ଚଳାଉଛନ୍ତି ପ୍ରୋପ୍ରାଇଟର

**ନୟାଗଡ଼ ଅଫିସ,୧୬।୭**

- ଷ୍ଟେଥୋ ପକାଇ ଦେଖୁଛନ୍ତି ରୋଗୀ
- ଘରୋଇ କ୍ଲିନିକ୍ ଉପରେ ନାହିଁ ଲଗାମ
- ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ଶୀତଳଭଣ୍ଡାରରେ
- ନକଲି ଡାକ୍ତର, ଭ୍ରୂଣ ହତ୍ୟାର ୬ ମାସ ପରେ

ନୟାଗଡ଼ ଜିଲା ସଦର ମହକୁମାରେ ଘରୋଇ କ୍ଲିନିକ୍‌ଗୁଡ଼ିକରେ ମନମାନି ଚାଲିଛି। ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଘରୋଇ କ୍ଲିନିକ୍‌ମୁହାଁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ପାଇ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷେ କେତେଗୋଟି କ୍ଲିନିକ୍‌ର ପ୍ରୋପ୍ରାଇଟର ଡାକ୍ତରଙ୍କ ଭୂମିକା ତୁଲାଉଛନ୍ତି। ବେକରେ ଷ୍ଟେଥୋ ପକାଇ ରୋଗୀ ଦେଖୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ନ ଥିବାରୁ ଘରୋଇ କ୍ଲିନିକରେ ଲଗାମ ରହୁ ନ ଥିବା ଅଭିଯୋଗ ହୋଇଆସୁଛି।

ଜିଲା ସଦର ମହକୁମାରେ ୧୫ଟି ଘରୋଇ କ୍ଲିନିକ ସରକାରୀ ପଞ୍ଜୀକରଣ ହୋଇଛି। ହେଲେ ଅଧିକାଂଶ ଘରୋଇ କ୍ଲିନିକର ପ୍ରୋପାଇଟର ରୋଗୀ ଦେଖୁଛନ୍ତି। ପ୍ରେସକ୍ରିପଶନ ଲେଖୁଛନ୍ତି। ବେଳେବେଳେ ଅପରେଶନ ବି କରୁଛନ୍ତି। ନକଲି ଡାକ୍ତର ଗିରଫ ଓ ଭ୍ରୂଣହତ୍ୟା ଘଟଣାର ୬ ମାସ ପରେ ଚଢ଼ାଉ ନ ଥିବାରୁ କ୍ଲିନିକ୍‌ଗୁଡିକରେ ପୁଣି ଭ୍ରୂଣହତ୍ୟା କରି ଭଲ ରୋଜଗାର କରୁଥିବା ଅଭିଯୋଗ ହେଉଛି। ଏହା ଗତ ୨୦୧୪, ୨୦୨୦, ୨୦୨୧ ଡିସେମ୍ବରରେ ପ୍ରମାଣିତ ହୋଇସାରିଛି। ନୟାଗଡ଼ ସହରର ୫ ନାମୀଦାମୀ କ୍ଲିନିକ୍ ଏପରି କାରନାମା ବେଶୀ ହେଉଛି। ତେବେ ୫ କ୍ଲିନିକ୍‌ରୁ ଗୋଟିଏ କ୍ଲିନିକ୍ ଫସି ଯାଇଛି। ୨୦୨୧ ଡିସେମ୍ବର ଶେଷ ସପ୍ତାହରେ ଭ୍ରୂଣହତ୍ୟା ଅଭିଯୋଗରେ ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ର ମାଲିକ ବକଳବନ୍ଧ ଗାଁର ସତ୍ୟପ୍ରୀୟ ସ୍ୱାଇଁ ଗିରଫ ହୋଇ ଜେଲ ଯାଇଥିଲେ। ଏଠାକୁ ଯାଉଥିବା ନକଲି ଡାକ୍ତର ବିଶ୍ୱନାଥ ଘଡେଇଙ୍କୁ ମଧ୍ୟ ଜେଲ ଯିବାକୁ ପଡିଥିଲା। ତେବେ ଅନ୍ୟମାନେ ଏଯାବତ ସେମାନଙ୍କର କାରନାମା ଚଳାଇ ଆସୁଥିବା ଅଭିଯୋଗ ହେଉଛି। ଭ୍ରୂଣହତ୍ୟା ଧରାପଡିବା ସମୟରେ ଚଢ଼ାଉ ତ୍ୱରାନ୍ୱିତ ହୋଇଥିଲା। ପରେ ପରେ ଚଢ଼ାଉ ଶୀତଳଭଣ୍ଡାରକୁ ଚାଲି ଯାଇଛି। ତେବେ କିଛି କ୍ଲିନିକ ମାଲିକ ରାଜନୈତିକ ନେତା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ପ୍ରଶାସକଙ୍କୁ ଧରାଧରି କରି ନିଜର ବେଆଇନ ସାମ୍ରାଜ୍ୟ ବିସ୍ତାର କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏ ନେଇ ଆଇନଜୀବୀ ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ ସହରର ଅନେକ ଘରୋଇ କ୍ଲିନିକ୍ ବେଆଇନ ଭାବେ ରୋଗୀଙ୍କୁ ଶୋଷଣ କରି ଚାଲିଛନ୍ତି।

ସେମାନଙ୍କ ବେଆଇନ କାରନାମା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ନାହିଁ। ଘରୋଇ କ୍ଲିନିକ୍ ପ୍ରେପାଇଟର ରୋଗୀ ଦେଖୁଥିଲେ ହେଁ ନିଆଯାଉନାହିଁ। ତଦନ୍ତ ପାଇଁ ଦାବି ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଚେଇଁ ଶୋଇଛି। ରଣପୁରର ସଦାଶିବ ସାହୁ, ଭାପୁରର ଉମେଶ ସ୍ୱାଇଁ, ଗଣିଆର ମଧୁ ବେହେରା, ଓଡ଼ଗାଁର ଲୁଟୁ ସେନାପତି କୁହନ୍ତି, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ମିଳୁନି। ଘରୋଇ କ୍ଲିନିକ୍‌କୁ ଗଲେ ସେଠାରେ ଲୁଟ ଚାଲିଛି। ଘରୋଇ କ୍ଲିନିକରେ ଡାକ୍ତର ଅପରେଶନ କରୁଥିଲେ ହେଁ ପ୍ରୋପାଇଟର ଓ ଅନ୍ୟ କିଛି କର୍ମଚାରୀ ଡାକ୍ତର କାମ ଚଳାଇ ନେଉଛନ୍ତି। ନିଜେ ସବୁ କିଛି କରି ଅଧିକ ଟଙ୍କା ଦାବି କରୁଛନ୍ତି। ଡାକ୍ତରୀ ପାଠ ନ ପଢ଼ି କିପରି କିଛି ବ୍ୟକ୍ତି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ତା'ର ତଦନ୍ତ ହେବା ଦରକାର ବୋଲି କହିଛନ୍ତି। କେତେବେଳେ କିଛି ଅଘଟଣ ଘଟିଲେ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି। ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ ପଚାରିବାରେ ଘରୋଇ କ୍ଲିନିକ୍‌ଗୁଡ଼ିକର ମନମାନି ନଜରକୁ ଆସୁଛି। ହେଲେ ପ୍ରମାଣ ମିଳୁନି। ତଥାପି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ତେବେ ୨୦୨୧ ଡିସେମ୍ବରରେ ଭ୍ରୂଣ ହତ୍ୟା ଓ ନକଲି ଡାକ୍ତର ଗିରଫ ଘଟଣାରେ ଏକ ବେସରକାରୀ କ୍ଲିନିକ୍ ସିଲ୍ ହୋଇଥିଲା। ସମ୍ପୃକ୍ତ ବେସରକାରୀ କ୍ଲିନିକ୍ ପକ୍ଷରୁ ପୁଣି କ୍ଲିନିକ୍ ଖୋଲିବାକୁ ଦରଖାସ୍ତ ହୋଇଥିଲା। ତେବେ ଏହାକୁ ବାତିଲ୍ କରାଯାଇଛି ବୋଲି ସେ କହିଛନ୍ତି।

## ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଭାପୁର,୧୬।୭ (ଡି.ଏନ.ଏ.)**

ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଭାପୁର ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାପୁର ବ୍ଲକର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ୧୮ନଂ. ଜୋନର ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, କରବର ସରପଞ୍ଚ ତପନ କୁମାର ମହାପାତ୍ର ଓ ରାକମା ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ଘରକୁ ଯାଇ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମେଧାବୀ ଛାତ୍ରୀଛାତ୍ର ହେଲେ ବାଇଗୁଣିଆର ସୋହାନୀ ପ୍ରିୟଦର୍ଶିନୀ ଦାସ, ଭାପୁରର ଅଜୁ ପଲେଇ, କିଆତ କେନ୍ଦୁପଲ୍ଲୀ ରାଜଲକ୍ଷ୍ମୀ ପଣ୍ଡା, ଗୁଡୁପଡାର ଅପସନା ପ୍ରିୟଦର୍ଶିନୀ, ମର୍ଦାବାଡିର ଅଞ୍ଜୁଶ୍ରୀ ପଣ୍ଡା, କରବରର ସୁବିତ ରଞ୍ଜନ ପଡିଆରୀ, ଜାମୁସାହିର ଶୁଭମ ସାହୁ, ମାଧପୁରର ସୁଶ୍ରୀସିମ୍ରନ ଦାସ, ବିଜିପୁରର ସୁନୀଲ ମହାପାତ୍ର। ଉପାଧ୍ୟକ୍ଷ ପ୍ରଧାନ କହିଛନ୍ତି, ଯଦି ଭାପୁର ବ୍ଲକରେ ଗରିବ ଅସହାୟ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଆର୍ଥିକ ବାଧକ ଥାଏ ତାଙ୍କ ନଜରକୁ ଆସିଲେ ସେ ନିଶ୍ଚିତ ସହଯୋଗର ହାତ ବଢାଇବେ।

## ଗରିବଙ୍କୁ ସହାୟତା ଦେବାର ଉତ୍ସାହ ହିଁ ସେବା ଉତ୍ସବ



ସେବା ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ନୟାଗଡ଼ ଅଫିସ,୧୬।୭**

ଅଭାବ ଅନଟନ ଭିତରେ ଥିବା ଗରିବ, ଭୂମିହୀନ, ଖଟିଖିଆ ଲୋକଙ୍କୁ ସେବା ଯୋଗାଇବାର ଉତ୍ସାହ ହିଁ ସବୁଠୁ ବଡ଼ ଉତ୍ସବ। ଏଣୁ ଗାଁଠୁ ସହର ଯାଏ ଏହି ଉତ୍ସବ ଏକ ଜନଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ୧୫ଦିନ ଧରି ଆୟୋଜିତ ଷଷ୍ଠବାର୍ଷିକ ଜିଲାବ୍ୟାପୀ ସେବା ଉତ୍ସବରେ ଯୋଗଦେଇ ମଞ୍ଚାସୀନ ଅତିଥିମାନେ କହିଛନ୍ତି। ଜୁଲାଇ ୧ରୁ ୧୫ ଦିନ ଧରି ଅନୁଷ୍ଠିତ ହୋଇଯାଇଥିବା ଏହି ଜିଲାସ୍ତରୀୟ ଉତ୍ସବରେ ଜିଲାର ଦେଢ଼ହଜାର ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ରାଶନ ଓ ଆର୍ଥିକ ସହାୟତା ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଚଳିତ ବର୍ଷ ଏହି ସେବା ଉତ୍ସବ ଜିଲାର ୭ଟି ବ୍ଲକ ପରିକ୍ରମା କରିଥିବା ବେଳେ ସେବା ଉତ୍ସବର ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଅସହାୟ ଓ ଅଭାବ, ଅନଟନ ଭିତରେ ଥିବା ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏହି କ୍ରମରେ ଷଷ୍ଠବାର୍ଷିକ ଜିଲାବ୍ୟାପୀ ସେବା ଉତ୍ସବର ଉଦ୍‌ଯାପନୀ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ସେବା ଉତ୍ସବ ଅଧ୍ୟକ୍ଷ ଶିବରାମ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡା. ଅରବିନ୍ଦ ଦାଶ, ବିଶିଷ୍ଟ ଅତିଥି ଭାବେ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ ଯୋଗଦେଇଥିଲେ।

ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ନୟାଗଡ଼ ପୌର ପରିଷଦର ପୌରାଧ୍ୟକ୍ଷା ନିରୂପମା ଖଟେଇ, ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ ଓ ଦାମୋଦର ସାହୁ, ସେବା ଉତ୍ସବ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରୋଗୀସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୁରକ୍ଷାକର୍ମୀ ଉମାକାନ୍ତ ମହାପାତ୍ରଙ୍କୁ ସେବା ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ପରେ ନୟାଗଡ଼ ବାହାଡ଼ାଖୋଲାର ଓଁ ଶ୍ରୀ ଦୃଷ୍ଟିହୀନ ଲୋକ ସଙ୍ଗୀତ ପରିଷଦ ଓ ଅନ୍ୟ ସାଂସ୍କୃତିକ ଦଳଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସେବା ଉତ୍ସବ ସଦସ୍ୟ ଜ୍ୟୋତିରଞ୍ଜନ ମହାପାତ୍ର, ଅମିତ କୁମାର, ପରମେଶ୍ୱର ସାହୁ, ଗୁଲ୍‌ସନ କୁମାର ଦାସ, ମଳୟ ରଞ୍ଜନ ରାୟ, ସଞ୍ଜୟ କୁମାର ପରିଡ଼ା, ସୁନୀଲ କୁମାର ନାୟକ, ଆକାଶ ପାତ୍ର, ସୌମ୍ୟରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ, ନାବାଳକ ଗଲେ ବାଳସୁଧାର ଗୃହ

**ଖଣ୍ଡପଡ଼ା,୧୬।୭(ସ୍ୱ.ପ୍ର.)**

ଫତେଗଡ଼ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷର ନାବାଳିକାଙ୍କ ସହ ଅସଦାଚରଣ ହୋଇଥିବା ଅଭିଯୋଗରେ ପୋଲିସ ନାବାଳକଙ୍କୁ କୋର୍ଟରେ ହାଜର କରାଇ ଶୁକ୍ରବାର ଅନୁଗୋଳ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିବା ଏସ୍‌ଆଇ ଶ୍ରଦ୍ଧା ନାୟକଙ୍କଠାରୁ ପ୍ରକାଶ। ଘଟଣାରେ ସମ୍ପୃକ୍ତ ନାବାଳକଙ୍କ ଘର ଏହି ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

## ଫତେଗଡ଼ ଥାନାରେ ନୂଆ ଆଇଆଇସିଙ୍କ ଯୋଗଦାନ

**ଭାପୁର,୧୬।୭ (ଡି.ଏନ.ଏ.)**

ଫତେଗଡ ଥାନାରେ ନୂତନ ଥାନାଧିକାରୀ ଭାବେ ଶୁକ୍ରବାର ଜ୍ୟୋତି ପ୍ରକାଶ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବ ଥାନାଧିକାରୀ ଗିରିଜାନନ୍ଦ ପଟ୍ଟନାୟକ ଜୁନ୍ ୩୦ ତାରିଖରେ ଖୋର୍ଦ୍ଧା ଜିଲାକୁ ରିଲିଭ ହୋଇ ଯାଇଛନ୍ତି। ଫତେଗଡ ଥାନାରେ ଏହି ପଦବୀ ଖାଲି ପଡିଥିଲା। ଥାନା ଅଞ୍ଚଳ ଅପରାଧୀକ ମାମଲାରେ ନୟାଗଡ଼ ଜିଲାରେ ଦ୍ୱିତୀୟ ସମ୍ବେଦନଶୀଳ ବୋଲି ଜଣାପଡିଛି। ନୟାଗଡ ଜିଲା ଏସ୍‌ପି ଅଲେଖ ପାହିଙ୍କ ନିର୍ଦ୍ଦେଶକ୍ରମେ ରଣପୁର ଥାନାର ଥାନାଧିକାରୀ ଫତେଗଡ ବଦଳି ହୋଇ ଆସିଛନ୍ତି। ଫତେଗଡ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଜନସାଧାରଣଙ୍କର ସମସ୍ୟାର ସମାଧାନ, ଆଇନ ଅନୁଯାୟୀ କରିବାକୁ ଚେଷ୍ଟା କରିବେ ବୋଲି ଆଇଆଇସି ପଣ୍ଡା କହିଛନ୍ତି।

## କଟକଣା କୋହଳ, ଉଠା ଦୋକାନୀ ଉତ୍ସାହିତ

**ଖଣ୍ଡପଡା,୧୬।୭ (ସ୍ୱ.ପ୍ର.)**

**ବୋଲବମ୍ ଯାତ୍ରା ଆରମ୍ଭ**

ଦୀର୍ଘ ୨ବର୍ଷ ହେଲା କୋଭିଡ୍ କଟକଣା ଯୋଗୁ ବିଭିନ୍ନ ପର୍ବପର୍ବାଣୀରେ ରୋକ ଲଗାଯାଇଥିଲା। ଚଳିତବର୍ଷ କଟକଣାରେ କୋହଳ ପରେ ଶ୍ରାବଣ ମାସ ବିଭିନ୍ନ ଶୈବ ପୀଠକୁ କାଉଡିଆମାନେ ଜଳାଭାର ନେଉଛନ୍ତି। ବୋଲବମ ଯାତ୍ରା ଉପରେ ନିର୍ଭର କରି ଉଠା ଦୋକାନୀମାନେ ଶନିବାରଠାରୁ ପୁନର୍ବାର ସେମାନଙ୍କ ବେପାର ଚଳାଇ ଦୁଇ ପଇସା ରୋଜଗାର କରିବା ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ସୋମବାର ଶ୍ରାବଣ ମାସର ପ୍ରଥମ ପାଳି। ତେଣୁ କାଉଡିଆମାନେ ଜଳାଭିଷେକ କରିବାକୁ କଣ୍ଟିଲୋ ନୀଳମାଧବ ପୀଠସ୍ଥ ମହାନଦୀ ଘାଟରୁ ଶନିବାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଲାଗିଥିଲା। ଏଥିପାଇଁ କଣ୍ଟିଲୋ ନୀଳମାଧବ କ୍ଷେତ୍ରରେ ବୋଲବମ୍ ଭକ୍ତଙ୍କ ପାଇଁ ଅସ୍ଥାୟୀ ବଜାର ଖୋଲାଯାଇଛି। ଏହି ଯାତ୍ରା ଏକ ମାସ ଧରି ଚାଲୁ ରହିବାକୁ ଥିବା ବେଳେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ଏହି ବୋଲବମ୍ ବ୍ୟବସାୟ କରୁଛନ୍ତି। ଏଠାରେ ଏହି ଉପଲକ୍ଷେ ଖୋଲିଥିବା ଦୋକାନରେ ପ୍ଲାଷ୍ଟିକ ନାଗ ସାପ, ଡମ୍ବରୁ, କାଉଡି, ଧାତୁ ଓ ମାଟି ପାତ୍ର, ଫୁଲମାଳ, କ୍ୟାସେଟ, ପୋଷାକ ତଥା ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ବୋଲବମ୍ ଭକ୍ତମାନଙ୍କୁ ଶୁଦ୍ଧ ନିରାମିଷ ଖାଦ୍ୟ ଯୋଗାଇବା ଦେବା ଉଦ୍ଦେଶ୍ୟରେ ହୋଟେଲ, ଜଳଖିଆ ଦୋକାନୀମାନେ ସାକାହାରୀ ରୋଷେଇ କରୁଛନ୍ତି। ଆଗରୁ କେବଳ ପୁରୁଷମାନେ କାଉଡିଆ ଭାବେ ଜଳଲାଗି କରିବାକୁ ଯାଉଥିବାବେଳେ ଏବେ ପିଲାଠୁ ଆରମ୍ଭ କରି ବୟସ୍କ, ମହିଳା ଓ ଅବିବାହିତ ଝିଅମାନେ ଯାଉଛନ୍ତି। ଅପରପକ୍ଷେ ଦିନକୁଦିନ ଲୋକ ଦେଖାଣିଆ ତଥା ଫ୍ୟାସନରେ ପରିଣତ ହୋଇଥିବା ବୋଲବମ୍ ଯାତ୍ରାର ଯାତ୍ରୀମାନେ ନିଶା ସେବନ, ପରିବେଶ ପ୍ରଦୂଷଣ ତଥା ଟ୍ରାଫିକ ଜାମ୍ କରୁଛନ୍ତି। ଏଥିପ୍ରତି କାଉଡିଆମାନେ ଦୃଷ୍ଟି ଦେଲେ ଏହି ଯାତ୍ରାର ପ୍ରକୃତ ଲକ୍ଷ୍ୟ ପୂରଣ ହେବ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି।



କଣ୍ଟିଲୋର ମହାନଦୀ ଘାଟରୁ କାଉଡିଆମାନେ ଜଳଭାର ଉଠାଉଛନ୍ତି।

## ରାକମା ଗ୍ରାମରେ 'ଅଲିଭା' କାର୍ଯ୍ୟକ୍ରମ



ଅଲିଭା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କିଶୋରୀ ଓ ଅନ୍ୟମାନେ।

**ଭାପୁର,୧୬।୭ (ଡି.ଏନ.ଏ.)**

ବାଲ୍ୟ ବିବାହ ବିରୋଧ ପାଇଁ ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଗ୍ରାମାଞ୍ଚଳରେ କିଶୋରୀ ବାଳିକାମାନଙ୍କୁ ସଚେତନ କରିବାକୁ ନୂଆ କାର୍ଯ୍ୟକ୍ରମ 'ଅଲିଭା' ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତି ଶନିବାର ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର ରାକମା-୧ ଅଙ୍ଗନୱାଡି କେନ୍ଦ୍ରରେ ୩୦ଜଣ କିଶୋରୀ ବାଳିକାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲ୍ୟବିବାହ କୁପରିଣାମ ଏହାର ଆଇନ ଗତ ଦିଗ, ଏଥିରେ କେଉଁ କେଉଁମାନେ ଦଣ୍ଡିତ ହେବେ ତାହା ଅଙ୍ଗନୱାଡି କର୍ମୀ ନମିତା ପାଢ଼ୀଯୋଷୀ ଅବଗତ କରାଇଥିଲେ। ଝିଅଙ୍କୁ ୧୮ବର୍ଷ ଓ ପୁଅଙ୍କୁ ୨୧ବର୍ଷ ହେଲେ ଯାଇ ବିବାହ ହେବେ। ଏହାକୁ ଅବମାନନା କଲେ ଦୁଇବର୍ଷ ଜେଲ ଓ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ପଡିବ। ବାଲ୍ୟ ବିବାହରେ ସାହାଯ୍ୟ କରୁଥିବା ପିତାମାତା, ବନ୍ଧୁବାନ୍ଧବ, ପୁରୋହିତ ଦଣ୍ଡିତ ହେବେ। ନାବାଳିକା ଓ ନାବାଳକଙ୍କ ଆଧାର କାର୍ଡରେ ଜନ୍ମ ତାରିଖ ସ୍କୁଲରେ ଓ ଅଙ୍ଗନୱାଡି ଲିପିବଦ୍ଧ ରହୁଛି। ଫଳତଃ ଏହି ଜନ୍ମ ତାରିଖକୁ କେହି ହେରଫେର କରିପାରିବେନାହିଁ। ଶେଷରେ କିଶୋରୀ ବାଳିକାମାନଙ୍କୁ ନେଇ ନାଚ, ଗୀତ, ଝୋଟି ଓ ଚିତ୍ରଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଙ୍ଗନୱାଡି କର୍ମୀ ନମିତା ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଦୁଇ ଗାଁ ପାଇଁ ବାଘୁଆ ନାଳ ସାଜିଛି କାଳ

**ନୂଆଗାଁ, ୧୬।୭ (ଡି.ଏନ୍.ଏ.)**

- ନାଳରେ ଭାସିଗଲା ଶିକ୍ଷକଙ୍କ ବାଇକ୍
- ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଶିକ୍ଷକ
- ପୋଲ ନିର୍ମାଣ ହୋଇଥିଲେ ମଧ ହେଉନି ରାସ୍ତା ନିର୍ମାଣ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର ଦୁଇ ଗାଁ ପାଇଁ ବାଘୁଆ ନାଳ କାଳ ସାଜିଛି। ଶୁକ୍ରବାର ଜଣେ ଶିକ୍ଷକ ସ୍କୁଲ ଛୁଟି ପରେ ଘରକୁ ଫେରୁଥିବା ବେଳେ ବାଘୁଆ ନାଳରେ ଭାସିଯାଇଥିଲା ତାଙ୍କ ବାଇକ୍। ସେ ଭାସିଯାଇଥିବା ବେଳେ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଶନିବାର ସକାଳୁ ଗ୍ରାମବାସୀ ଖୋଜାଖୋଜି କରିବାରେ ଗୋଟିଏ ଗଣ୍ଡ ଭିତରୁ ବାଇକ୍‌ଟିକୁ ଉଦ୍ଧାର କରାଯାଇଛି।

ଉଦୟପୁର ପଞ୍ଚାୟତର ଦୁଇ ଆଦିବାସୀ ଅଧ୍ୟୁଷିତ ଆଙ୍ଗିସିଙ୍ଗି ଓ କୋଶଲାଙ୍ଗ ଗାଁରେ ପ୍ରାୟ ୩୦ଟି ପରିବାର ବସବାସ କରନ୍ତି। ସେମାନଙ୍କ ଯାତାୟାତ ପାଇଁ ରାସ୍ତାଟିଏ ନାହିଁ। ଫଳରେ ସେମାନଙ୍କୁ ଜଙ୍ଗଲ ମଧ୍ୟ ଦେଇ ବଜାରରୁ ସଉଦା, ସ୍ୱାସ୍ଥ୍ୟସେବା, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆଦି କାମରେ ଆସିବାକୁ ପଡ଼ିଥାଏ। ଏପରି କି ଛାତ୍ରୀଛାତ୍ର ସ୍କୁଲ ଓ କଲେଜକୁ ପାଠ ପଢ଼ି ଆସୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟିଥିବା ନଜିର ରହିଛି। ସେମାନେ ଗାଁରୁ ବାହାରିବାକୁ ହେଲେ ବାଘୁଆ ନାଳ ଦେଇ ଆସିବାକୁ ପଡ଼ିଥାଏ। ତେଣୁ ସେମାନଙ୍କ ପାଇଁ ପକ୍କାରାସ୍ତା ନିର୍ମାଣ କରିବାକୁ ପ୍ରଶାସନ ଓ ନେତାଙ୍କ ନିକଟରେ ବାରମ୍ବାର ଗୁହାରି ପରେ ବାଘୁଆ ନାଳରେ ପୋଲଟିଏ ନିର୍ମାଣ କରିଦିଆଗଲା। କିନ୍ତୁ ପରବର୍ତ୍ତୀ ସମୟରେ ପୋଲକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରିବାକୁ ପ୍ରଶାସନ ଓ ନେତା ଭୁଲିଗଲେ। ଯାହାର ପରିଣାମ ଭୋଗିବାକୁ ପଡ଼ିଛି କୋଶଲାଙ୍ଗ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ।

କୋଶଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ ନିୟୋଜିତ ହୋଇଛନ୍ତି। ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟ ସ୍କୁଲ ଛୁଟି ପରେ ନିଜ ବାଇକ୍ ଯୋଗେ ବର୍ଷାରେ ଘରକୁ ଫେରୁଥିଲେ। ଏହି ସମୟରେ ବାଘୁଆ ନାଳ ଭିତରେ ବାଇକ୍‌ର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଗାଡ଼ିଟିକୁ ଠେଲି ଠେଲି ଆଣୁଥିବା ବେଳେ ହଠାତ୍ ଉପରୁ ମୁଣ୍ଡରୁ ଅଧିକ ପାଣି ଆସିଥିଲା। ଫଳରେ ଗାଡ଼ି ସହ ଶିକ୍ଷକ ଆଚାର୍ଯ୍ୟ ନାଳରେ ପଡ଼ି ପାଣିରେ ଭାସିଯାଇଥିଲେ। କିଛିବାଟ ଯିବା ପରେ ବାଇକ୍‌କୁ ଛାଡ଼ିଦେଇ କୌଣସି ମତେ ନିଜେ ବଞ୍ଚିଯାଇଛନ୍ତି। ନିଛାଟିଆ ଜଙ୍ଗଲ ମଧ୍ୟରେ ଏକା ଥିବାରୁ ନିଃସହାୟ ଭାବେ ଚାଲି ଚାଲି ଜିଗିନିପଡ଼ା ଆସିଥିଲେ। ଖବରପାଇ ସ୍ଥାନୀୟ ଲୋକେ ବାଇକ୍ ଖୋଜିବାକୁ ଯାଇଥିଲେ ମଧ ନାଳରେ ଅଧିକ ପାଣି ଥିବା ଯୋଗୁ ଖୋଜି ପାଇ ନ ଥିଲେ। ଶନିବାର ସକାଳୁ ନିଜ ଗ୍ରାମର ଯୁବକମାନେ ଯାଇ ଖୋଜାଖୋଜି କରିବାରେ ନାଳର ଗୋଟିଏ ଗଣ୍ଡ ଭିତରୁ ବାଇକ୍‌ଟିକୁ ଉଦ୍ଧାର କରିଥିଲେ। ତେବେ ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଛାତ୍ରୀଛାତ୍ର ପ୍ରତିଦିନ ଯିବା ଆସିବା କରୁଛନ୍ତି। ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବା ସହ କୋଶଲାଙ୍ଗ ପ୍ରାଥମିକ ସ୍କୁଲରେ ଦୁଇଜଣ ଶିକ୍ଷକ ନିଯୁକ୍ତ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ବାଘୁଆ ନାଳରେ ପୋଲ ହୋଇଥିବା ବେଳେ ସଂଯୋଗ ରାସ୍ତା ହୋଇ ନାହିଁ।

# ଛାତ୍ରଙ୍କୁ ଶ୍ରମିକ ସଜାଇଲେ ପ୍ରଧାନଶିକ୍ଷକ

■ ନିଜେ ସାଜିଲେ ସୁପରଭାଇଜର
■ ସୋସିଆଲ୍ ମିଡିଆରେ ଭିଡିଓ ଭାଇରାଲ
■ ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ

ବାଲିଚନ୍ଦ୍ରପୁର,୧୬।୭(ସ୍ୱ.ପ୍ର.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଅଧୀନ ବାହାଦୁର ନଗର ନୋଡାଲ ଉପ୍ରା ବିଦ୍ୟାଳୟର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ଏଥିରେ ବିଦ୍ୟାଳୟର ଛାତ୍ରମାନଙ୍କୁ ଶ୍ରମିକ ସଜାଇ ପ୍ରଧାନଶିକ୍ଷକ ଠିକାଦାରଙ୍କ ପକ୍ଷରୁ ସୁପରଭାଇଜର ସାଜିଛନ୍ତି। ଭିଡିଓରେ କେତେଜଣ ପିଲା ସାବଳ, ହାତୁଡ଼ି, କୋଦାଳ ଧରି ବିଦ୍ୟାଳୟ ଶ୍ରେଣୀ ଗୃହ ପକ୍କା ତାଡୁଥିବା ଦେଖାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ଭିଡିଓ ଭାଇରଲ ପରେ ପ୍ରଧାନଶିକ୍ଷକ ଆତ୍ମଗୋପନ କରିଥିବା ଜଣାପଡ଼ିଛି।


ପ୍ରଧାନଶିକ୍ଷକ କାମ ଦେଖୁଛନ୍ତି।


ଛାତ୍ରମାନେ ବିଦ୍ୟାଳୟ ଶ୍ରେଣୀଗୃହ ତାଡୁଛନ୍ତି।

ସୂଚନା ଥାଉକି, ଉକ୍ତ ବିଦ୍ୟାଳୟ ମରାମତି ନିମନ୍ତେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏବେ ଶ୍ରେଣୀ ଗୃହରେ ଟାଇଲ ପକା କାମ ଚାଲୁଛି। ଏଥିରେ ପ୍ରଧାନଶିକ୍ଷକ ଗଗନ ବିହାରୀ ଦାସ କେତେଜଣ ଛାତ୍ରଙ୍କୁ ପକ୍କା ଖୋଳିବାରେ ନିୟୋଜିତ କରି ଖୋଦ ସେଠାରେ ଚେୟାର ପକାଇ ଜଗିବସିଛନ୍ତି। ଘଟଣାଟି ପ୍ରଘଟ ହେଲା ପରେ ଗଣମାଧ୍ୟମର ପ୍ରତିନିଧି ବିଦ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ପ୍ରଧାନଶିକ୍ଷକ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ବନ୍ଦ ରଖିଥିଲେ। ପ୍ରଧାନଶିକ୍ଷକ ନିକଟସ୍ଥ ଅନ୍ୟ ଏକ ବିଦ୍ୟାଳୟରେ ଆତ୍ମଗୋପନ କରିବା ସହ ନିଜକୁ କିପରି ଏଥିରୁ ବଞ୍ଚାଇହେବ ସେଠାରେ ସେ ରହି ବିଚାର ବିମର୍ଶ କରୁଥିବା ଶୁଣିବାକୁ ମିଳିଥିଲା। ଏନେଇ ପ୍ରତିକ୍ରିୟା ପାଇଁ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଚାରିନଙ୍ଗଳ କ୍ଲଷ୍ଟର ସିଆରସିସି ବିପିନ ବିହାରୀ ରାଉତରାୟଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ। ବ୍ଲକ ଶିକ୍ଷାଧିକାରୀ ମତେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ତଦନ୍ତ ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଲୁହା ଚୋରି ଘଟଣାରେ ୫ ଗିରଫ

କଳିଙ୍ଗନଗର,୧୬।୭(ଡି.ଏନ.ଏ.): କଳିଙ୍ଗନଗର ଟାଟାଷ୍ଟିଲ କାରଖାନାରୁ ନିୟମିତ ଭାବେ ଲୁହା ଚୋରି କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମିରିଗିଚରା ଗାଁର ଘାସିରାମ କୁନକେଲ (୩୧), ରବୀନ୍ଦ୍ର ବେହେରା(୩୩), ରଞ୍ଜିତ ବେହେରା(୨୫), ଭାଗବାନ ସଏ(୨୦) ଏବଂ ଅଲେଖ ବେହେରା(୨୭)। ୧୦।୫।୨୦୨୨ ରିଖ ରାତିରେ ୧୦-୧୫ ଜଣ ବ୍ୟକ୍ତି କାରଖାନାର ବାଲିଗୋଠ ନିକଟସ୍ଥ ପାଚେରି ଡେଇଁ ଲୁହା ଚୋରି କରୁଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଦେଖି ଦୌଡ଼ି ପଳେଇ ଥିଲେ। ପରେ ସୁରକ୍ଷା ଅଧିକାରୀ ଥାନାରେ ଅଭିଯୋଗ କରିଥିଲେ। ଏମାନେ ଶନିବାର ସେହିଠାରେ ପୁଣି ଏକତ୍ରିତ ହୋଇ ଚୋରି କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲା ବୋଲି ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୬।୭(ଡି.ଏନ.ଏ.): ଜେନାପୁର ଥାନା ପକ୍ଷରୁ ଶୁକ୍ରବାର ୩ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ଶନିବାର ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ନିମିଟିସାହିର ଅଜୟ ଦେଉରୀ(୪୦) ଓ ସମ୍ପାରୁ ଗ୍ରାମର ଯୋଗେନ୍ଦ୍ର ବେହେରା(୩୩)। ଶୁକ୍ରବାର ରାତିରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ବାବାଜୀ ହେଲେ ଡେରା ସମବାୟ ସମିତି ସଭାପତି



ରାଜନଗର, ୧୬।୭(ଡି.ଏନ.ଏ.): ରାଜନଗର ବ୍ଲକ ଡେରା ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଭାବେ ବାବାଜୀ ଚରଣ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଶନିବାର ସଭାପତି ପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ବିଜେଡି ସମର୍ଥିତ ବାବାଜୀ ଚରଣ ପ୍ରଧାନଙ୍କୁ ୮ଟି ଓ କଂଗ୍ରେସ ସମର୍ଥିତ ଶରତ କୁମାର ପଣ୍ଡାଙ୍କୁ ୭ଟି ଭୋଟ ମିଳିଥିଲା। ଖଣ୍ଡେ ଭୋଟ୍‌ରେ ବାବାଜୀ ସଭାପତି ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ତଥା ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଡେରା ପଞ୍ଚାୟତ ସରପଞ୍ଚ ନିରଞ୍ଜନ ରାଉତ, ରଶ୍ମିରଞ୍ଜନ ସାହାଣୀ, ଶ୍ରୀକାନ୍ତ କୁମାର ପ୍ରଧାନ, ଘନଶ୍ୟାମ ବଳ, ନିରାକାର ସ୍ୱାଇଁ, ଦିଲୀପ ପାଣି, ନିମାଇଁ ଜେନା, କେଶବ ନାୟକ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ବିଜୟୀ ସଭାପତି ବାବାଜୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନକଲି ସିମେଣ୍ଟ କାରଖାନାର ମୁଖ୍ୟ ଗିରଫ

କଳିଙ୍ଗନଗର,୧୬।୭(ଡି.ଏନ.ଏ.)

କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲଗାଁରେ ଦୀର୍ଘ ଦିନ ହେବ ଏକ ନକଲି ସିମେଣ୍ଟ କାରଖାନା ଚାଲିଥିଲା। ଗତ ମାସ ୨୪ ତାରିଖରେ ଉକ୍ତ ସିମେଣ୍ଟ କାରଖାନାକୁ କଳିଙ୍ଗନଗର ପୋଲିସ ଠାବ କରି ସିଲ୍ କରିଥିଲା। ମାତ୍ର କାରଖାନା ମୁଖ୍ୟ କୁହାଯାଉଥିବା ବ୍ୟକ୍ତି ଖସିଯାଇଥିଲେ। ବିଶସ୍ତ ସୂତ୍ରରୁ ପୋଲିସ ଖବର ପାଇ ଶନିବାର ତାଙ୍କୁ କଟକରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ କଟକ ମହାନଦୀ ବିହାର ଟେଲିକମ କଲୋନୀର ଅନିରୁଦ୍ଧ ଦାସ ଓରଫ ରିଣ୍ଟୁ (୩୨)ବୋଲି ଜଣାପଡ଼ିଛି। ଜଙ୍ଗଲ କିସମ ଜମି ଉପରେ ରହିଥିବା ଏକ ପୁରୁଣା ଧାନ ବଏଲରକୁ ଭଡାରେ ନେଇ ରିଣ୍ଟୁ ସେଠାରେ ନକଲି ସିମେଣ୍ଟ ପ୍ୟାକିଂ କାରବାର ଜାରି ରଖିଥିଲେ। ଲୋକପ୍ରିୟ ଓ ବିଶ୍ୱସନୀୟ ସିମେଣ୍ଟ କମ୍ପାନୀର ବ୍ୟାଗରେ ନକଲି ସିମେଣ୍ଟ ଭର୍ତ୍ତି କରାଯାଉଥିଲା। ପୋଲିସ ଏହି କାରବାରର ପର୍ଦ୍ଦାଫାଶ କରିବା ସହିତ ଗୋଦାମରୁ ୧୬୨୦ ବସ୍ତା ନକଲି ସିମେଣ୍ଟ ଜବତ କରିଥିଲା। ପୋଲିସ ଏହି ଘଟଣାରେ ପୂର୍ବରୁ କାରଖାନାର ସୁପରଭାଇଜର, ଟ୍ରକ ଡ୍ରାଇଭର, ଟ୍ରକ ମାଲିକ ଆଦି ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ।

## ଶ୍ରୀସତ୍ୟସାଇଙ୍କ ଦିବ୍ୟ ପାଦୁକା ରଥ ପରିଭ୍ରମଣ


ପାଦୁକ ରଥ ପରିକ୍ରମା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ଧର୍ମଶାଳା,୧୬।୭(ଡି.ଏନ.ଏ.)

ଶ୍ରୀସତ୍ୟସାଇଙ୍କ ଦିବ୍ୟ ବାଣୀ, ଦିବ୍ୟ ସନ୍ଦେଶ ଓ ଦିବ୍ୟ ଚେତନା ସମାଜରେ ସୃଷ୍ଟି କରିବା ପାଇଁ 'ଦିବ୍ୟ ପାଦୁକା' ରଥ ରାଜ୍ୟରେ ପରିଭ୍ରମଣ କରିବାକୁ ରାଜ୍ୟ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗୁରୁ ପୂର୍ଣ୍ଣିମାରୁ ଏହି ପାଦୁକା ଯାତ୍ରା ମହାବିନାୟକପୀଠରୁ ଆରମ୍ଭ ହୋଇଛି। ରାଜ୍ୟ ସତ୍ୟସାଇ ସଂଗଠନ ଉପସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ, ଜିଲା ସଭାପତି ଡା. ନିଶିକାନ୍ତ କର ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଜିଲାର ସଭାପତି ଓ ଆବାହକ ଯୋଗ ଦେଇଥିଲେ। ଜିଲା ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ସତ୍ୟସାଇ ସେବା ସମିତି ଜାରକା ଓ ସାଇ ଆରୋଗ୍ୟମ ପକ୍ଷରୁ ପ୍ରସ୍ତୁତି କରାଯାଇ ଭୋର ସାଢେ ୪ଟାରୁ ଓଁକାରମ, ସୁପ୍ରଭାତମ, ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା ଶ୍ରୀସତ୍ୟସାଇ ସହସ୍ରନାମାର୍ଚ୍ଚନା, ସାମୂହିକ ଭଜନ, ବେଦ ପାଠ କରାଯିବା ପରେ ଦର୍ପଣଗଡ, ସୁଭଦ୍ରାପୁର, କ୍ଷେତ୍ରପାଳ, ନିଶିମଳା, ଗଙ୍ଗାଧରପୁର, କୁମାରୀ, ଚତ୍ରପଦା, କଂଟିଗଡିଆ, କୃଷ୍ଣଦାସପୁର, ଧାଉଡିଆପଦା, ଉଦୟଗିରି, ରଇପୁର, ବାଲିଆ, ତାଲୁଆ, ବାଲିକୁଦା, ହାଟସୀମା, ନାଥପୁର, ବୋଙ୍କସାହି, ବାଲିଆ, ନହଣ, ରମାପୁର, କାଏମା, ନାଉପାଳ, ଉତରଶାସନ, ବାଲିଗରି, ବଡମଙ୍ଗଳପୁର, ଚୋରମୁହାଁ, ଚହଟା, ଭାଲୁଖାଇ ପ୍ରମୁଖ ଗ୍ରାମ ଓ ସତ୍ୟସାଇ ଭଜନମଣ୍ଡଳୀ ପରିଭ୍ରମଣ କରିବା ବେଳେ ଶତାଧିକ ଶ୍ରଦ୍ଧାଳୁ ପାଦୁକା ରଥକୁ ପୂଜାର୍ଚ୍ଚନା କରି ସାନିଧ୍ୟ ଲାଭ କରିଥିଲେ। ଶନିବାର ସକାଳୁ ଦିବ୍ୟ ପାଦୁକା ରଥକୁ ପୂଜାର୍ଚ୍ଚନା କରାଯାଇ ଚଉଷଠିପଡାରେ ସାଥୁଆପାଟଣା ସମିତିକୁ ହସ୍ତାନ୍ତର କରାଯାଇଥିଲା। ରାଜ୍ୟ ସତ୍ୟସାଇ ଟ୍ରଷ୍ଟ ବୋର୍ଡ ସଦସ୍ୟ ରଶ୍ମିରଂଜନ ରାୟ, ଜାରକା ସମିତି ଆବାହକ ତଥା ଜିଲା ପାଦୁକା ଯାତ୍ରା ଇନଚାର୍ଜ ସୁଶାନ୍ତ କୁମାର ନାୟକ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ବଟକୃଷ୍ଣ ମଲିକ, ଅର୍ଜୁନ ଚରଣ ରାଉତ, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଗଗନ ବିହାରୀ ଦତ, ସୁବାସ ସାହୁ, ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ, ସତ୍ୟନାରାୟଣ ରାୟ, ଅକ୍ଷୟ କୁମାର ବେହେରା, ପ୍ରଫୁଲ୍ଲ କୁମାର ଜେନା, ନମିତା ଶ୍ୟାନ୍ତି, ମିନତି ବିଶ୍ୱାଳ, ଅରୁନ୍ଧତୀ ସାହୁ, ଶିଳ୍ପା ସୋନାଲି ଦତ, ପ୍ରତିମା ସାହୁ, ମହିଳା ସେବା ସଂଯୋଜିକା ପ୍ରଣତି ନାୟକ ପ୍ରମୁଖ ୩ଦିନ ବ୍ୟାପୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଏସ୍‌ଟିଏଫ୍‌ର ଚଢ଼ାଉ

ଖୋର୍ଦ୍ଧା ଅଫିସ,୧୬।୭

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଶିଳ୍ପାଞ୍ଚଳରେ ଶନିବାର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଟିମ୍ ଚଢ଼ାଉ କରି ୭୩୦.୩୩ ଏମ୍‌ଟି କ୍ରୋମାଇଟ, ୨୭୮.୫୨ ଏମଟି ହାର୍ଡକୋକ୍, ଜେସିବି ମେଶିନ ଓ ୪୪ ହଜାର ୫ଶହ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଖୋର୍ଦ୍ଧା ବିଡିଏ କଲୋନୀର ସନ୍ଦୀପ ପାଢୀ ଏବଂ ଢେଙ୍କାନାଳ ଜିଲା ତରଭା ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ବେହେରାଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଟାଉନ ଥାନାରେ ଦଫା ୩୭୯/୪୧୧/୪୧୩/୧୨୦(ବି)/ଆଇପିସି ଆର/ଡବ୍ଲ୍ୟୁ.୨୧ ଏମଏମଡିଆର ଆକ୍ଟରେ ଏକ ମାମଲା(ନଂ.୩୫୦/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଗୋଇନ୍ଦା ରିପୋର୍ଟକୁ ଆଧାର କରି ଏସଟିଏଫ୍ ସ୍ଥାନୀୟ ପୋଲିସ ସହାୟତାରେ ଶିଳ୍ପାଞ୍ଚଳରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ବେଳେ ବିପୁଳ ପରିମାଣର କ୍ରୋମାଇଟ ଏବଂ ହାର୍ଡକୋକ୍ ଜବତ କରିଥିଲା। ତେବେ ଏତେ ପରିମାଣର କ୍ରୋମାଇଟ ଏଠାକୁ କିପରି ଆସିଲା, ଏହି କାରବାର ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ଖୋଳତାଡ଼ କରୁଛି ଏସ୍‌ଟିଏଫ୍। ଅନ୍ୟପଟେ ଖୋର୍ଦ୍ଧାରେ ବ୍ରାଉନସୁଗାର ପରେ ବିପୁଳ ପରିମାଣର କ୍ରୋମାଇଟ ଜବତକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ରଜ କୁଇନରେ ଶ୍ରାବଣୀ ତୃତୀୟ

କାଳିଆପାଣି,୧୬।୭(ଡି.ଏନ.ଏ.)

ସାର୍ଥକ ଟିଭିର ଦଶମ ବାର୍ଷିକ ରଜ କୁଇନ ପ୍ରତିଯୋଗିତାରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କଲରଙ୍ଗି ଗ୍ରାମର ଶ୍ରାବଣୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ଭୁବନେଶ୍ୱରସ୍ଥିତ ରେଲ୍‌ୱେ ଅଡିଟୋରିୟମ ପରିସରରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ଶ୍ରାବଣୀ ନିଜର ଅଭିନୟ, ବାକ୍ ଚାତୁରୀରେ ବିଚାରକମଣ୍ଡଳୀଙ୍କୁ ପ୍ରଭାବିତ କରିଥିଲେ। ତମନ୍ନା, ସୂର୍ଯ୍ୟାମାୟୀ, ଦିବ୍ୟା, ରାକେଶ, ହରିହର, ରିଷି, ଶ୍ରୀତମ ପ୍ରମୁଖ ବିଚାରକ ମଣ୍ଡଳୀ ସହ ମୁଖ୍ୟ ବିଚାରକ ଶ୍ରୀନାଥ ମହାପାତ୍ରଙ୍କଠାରୁ ଶ୍ରାବଣୀ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରାବଣୀ ଚଳିତ ବର୍ଷ ଶ୍ରମଶକ୍ତି ହାଇସ୍କୁଲରୁ ଦଶମ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଂଗୀତ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଆବେଦନ କରିଛନ୍ତି। ଶ୍ରାବଣୀଙ୍କ ପିତା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ପୋଲିସ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି।




## ଖରିଫ ଧାନ ସଂଗ୍ରହ, ଋଣ ଯୋଗାଣ ଉପରେ ଗୁରୁତ୍ୱ

ବିରିଡି,୧୬।୭(ଡି.ଏନ.ଏ): ବିରିଡି ବ୍ଲକ ଅଡ଼ଙ୍ଗଗଡ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ବୈଠକ ଶନିବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ବିଜୟା ନନ୍ଦ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ନୂତନ ସଭାପତି ପଦ୍ମନାଭ ଭୋଇ ସଭାପତିତ୍ୱ କରିଥିଲେ। ସମିତିର ବ୍ୟବସାୟ ଅଭିବୃଦ୍ଧି, ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଦରଖାସ୍ତ ଗ୍ରହଣ ସମ୍ପର୍କରେ ସଚେତନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ସମବାୟ ସମିତିରେ ମିଳୁନାହିଁ ଧାନ ବିହନ

ପଟ୍ଟାମୁଣ୍ଡାଇ,୧୬।୭(ସ୍ୱ.ପ୍ର.)

■ ବଜାର ବିହନ ହେଉନି ଗଜା
■ ବିହନ ଯୋଗାଇଦେବାକୁ ଦାବି

ଚାଷୀଙ୍କୁ ଉନ୍ନତମାନର ବିହନ, ସାର, ଔଷଧ ଯୋଗାଇଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି। ପ୍ରକୃତରେ ଉନ୍ନତମାନର ବିହନ ସରକାର ଯୋଗାଇ ଦେଉନାହାନ୍ତି। ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଚାଷୀମାନଙ୍କୁ କମ୍ ଦାମ୍‌ରେ ବିହନ ଯୋଗାଇଦେବା କଥା। ତେବେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ୧୬ ପ୍ରାଥମିକ ସମବାୟ ସମିତି ମଧ୍ୟରୁ ୪ଟି ସମିତିରେ ଚାଷୀଙ୍କୁ ସ୍ୱଳ୍ପ ବିହନ ଯୋଗାଇ ଦିଆଯାଇଛି। ଚନ୍ଦନନଗର ସମବାୟ ସମିତି ପକ୍ଷରୁ ୯ କୁଇଣ୍ଟାଲ, ବଡ଼ମୂଳବସନ୍ତରେ ୩୨.୬ କୁଇଣ୍ଟାଲ, ଡାମରପୁରରେ ୨୨.୮ କୁଇଣ୍ଟାଲ, ପେଣ୍ଠପାଳ ସମବାୟ ପକ୍ଷରୁ ୨୯.୧୦ କୁଇଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି।

ଚଳିତ ବର୍ଷ ପଟ୍ଟାମୁଣ୍ଡାଇ ବ୍ଲକରେ ୧୧,୭୦୦ ହେକ୍ଟର ଜମିରେ ଧାନଚାଷ ହେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରାଥମିକ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ବିହନ ମିଳିପାରିନାହିଁ। ଫଳରେ ଚାଷୀମାନେ ବାଧହୋଇ ବଜାରରୁ ବିହନ କିଣି ତଳି ପକାଇ ଥିଲେ। ମାତ୍ର ଉକ୍ତ ବିହନ ଗଜା ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ କମ୍ପାନୀର ଧାନ ବିହନ ଦୋକାନୀଙ୍କଠାରୁ କିଣି ଚାଷୀ ଠକାମିର ଶିକାର ହୋଇଛନ୍ତି। ସେଥିପାଇଁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ସରକାରୀ ବିହନ ଉପରେ ବିଶ୍ୱାସ ଆଉ ଭରସା ରଖି ସୋସାଇଟିରୁ ବିହନ କିଣିବାକୁ ମନସ୍ଥ କାରିଥିବା ଚାଷୀ ଠକାମିର ଶିକାର ହୋଇଛି।

ଉକ୍ତ ବିହନ ଗଜା ନ ହେବାରୁ ଚାଷୀ ଏବେ କରିବେ କ'ଣ ବୋଲି ଚିନ୍ତାର କାରଣ ପାଲଟିଛି। ଚାଷୀ ଏବେ ବିହନ ଆଣିବ କେଉଁଠୁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଚାଷୀମାନେ ଦାବି କରିଛନ୍ତି। ସରକାର ଉନ୍ନତମାନର ବିହନ ବିକିବା ପାଇଁ ସିଡ୍‌ସ କର୍ପୋରେଶନ ମାଧ୍ୟମରେ ବିହନ ସଂଗ୍ରହ କରି ସୋସାଇଟି ଜରିଆରେ ବିକ୍ରୟ କରାଯାଏ। ମାତ୍ର ସିଡ୍‌ସ କର୍ପୋରେଶନ ଯଦି ବିହନ ଯୋଗାଇ ନ ଦିଏ ତେବେ ଚାଷୀ ଭରସା କାହାକୁ କରିବେ ବୋଲି କହିଛନ୍ତି। ଚାଷୀ ରଞ୍ଜିତ ପ୍ରଧାନ କହିଛନ୍ତି, ସରକାର ଚାଷୀମାନଙ୍କୁ ଉନ୍ନତମାନର ଧାନ ବିହନ, ସାର, ଔଷଧ ଯୋଗାଇଦେବେ ବୋଲି ପ୍ରଚାର କରୁଛନ୍ତି। ପ୍ରାଥମିକ କୃଷି ସେବା ସମିତି ଗୁଡିକରୁ ସରକାରୀ ବିହନ କିଣି ଚାଷୀ ତଳି ପକାଇଥାନ୍ତି। ମାତ୍ର ଚଳିତ ବର୍ଷ କୃଷି ସେବା ସମିତିରୁ ଚାଷୀ ଉନ୍ନତ ବିହନ ପାଇପାରୁନାହାନ୍ତି କିମ୍ବା ସାର, ଔଷଧ ମଧ୍ୟ ଠିକ୍ ସମୟରେ ମିଳୁନାହିଁ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଯୁବଚାଷୀ ସୁଶାନ୍ତ ସାମଲ କହିଛନ୍ତି, ସରକାରୀ ସିଡ୍‌ସ କର୍ପୋରେଶନରୁ ବିହନ ନ ମିଳିବାରୁ ଚାଷୀ ବଜାରରୁ ବିହନ କିଣିଥିଲେ। ହେଲେ ଏବେ ସେମାନେ ଠକାମିର ଶିକାର ହୋଇଛନ୍ତି। ଠିକ୍ ସମୟରେ ଚାଷୀ ବିହନ ନ ପାଇଲେ ଗୋଟିଏ ବର୍ଷର ଧାନଫସଲ ଅମଳ କରିବା ସମ୍ଭବ ହେବନାହିଁ।

ବଜାରରୁ କିଣୁଥିବା ଧାନ ବିହନ ଉନ୍ନତମାନର ନୁହେଁ ବୋଲି ଚାଷୀ ଜାଣିପାରୁନାହାନ୍ତି। ଉକ୍ତ ବିହନକୁ କିଣି ତଳି ପକାଇ ଗଜା ନ ହେବା ପରେ ଚାଷୀ ଜାଣିବାକୁ ପାଇଲେ ଯେ ଏହା ନିମ୍ନମାନର। ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉନ୍ନତମାନର ଧାନ ବିହନ ଯୋଗାଇଦେବା ଦରକାର ବୋଲି ଆଲୋଚନା ହେଉଛି।

# ଥାନା ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ

ଚଣ୍ଡିଖୋଲ,୧୬।୭(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନିଆଳି ଗ୍ରାମର ଚାଷୀନେତା ଶିଶିର ସାମଲଙ୍କ ବେଆଇନ ଗିରଫଦାରିକୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶନିବାର ଥାନା ଘେରାଉ କରାଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ରାଜ୍ୟ ସହସଂଯୋଜକ ନିମାଇଁ ଚରଣ ରାୟ, ଜିଲା ସଂଯୋଜକ ଅଶୋକ ଶାନ୍ତି, ପ୍ରତାପ ଜେନା, ମାଧବ ଶାନ୍ତି, ପ୍ରଶାନ୍ତ ସ୍ୱାଇଁ, ନଗେଶ ଜେନା, ସନ୍ତୋଷ ଦାସ, ମନିନ୍ଦ୍ର ପରିଡ଼ା, ନରହରି ଦାସ ପ୍ରମୁଖ ଶତାଧିକ ଚାଷୀ ପ୍ରବଳ ବର୍ଷା ସତ୍ତ୍ୱେ ଥାନା ଘେରାଉରେ ସାମିଲ ହୋଇଥିଲେ। ଏହି ଘେରାଉ ସମୟରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଦର୍ପଣ ତହସିଲଦାରଙ୍କୁ ୧୦ଟି ପ୍ରଶ୍ନ ପଚାରିଥିଲେ। ଜମି ଅଧିଗ୍ରହଣ, ଘରବାରି ସମ୍ପତ୍ତି ଜବରଦଖଲ, ଜଣେ ଅଧିକାରୀ ଭାବେ ଚାଷୀଙ୍କୁ କିପରି ବ୍ୟବହାର କରାଯିବ ଆଦି ପ୍ରଶ୍ନ କରିଥିଲେ। ଏଥିସହିତ ଚାଷୀଙ୍କ ସମ୍ପତ୍ତିକୁ କିଭଳି ଭାବରେ କମ୍ପାନୀ ସହ ମିଳିମିଶି ସରକାରୀ ଅଧିକାରୀ ଜୋରଜବରଦସ୍ତ କାର୍ଯ୍ୟ କରୁଛନ୍ତି ତାକୁ ନେଇ ସମାଲୋଚନା କରାଯାଇଥିଲା। ଆଗାମୀ



ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ବାଲିଚନ୍ଦ୍ରପୁର ଥାନା ଘେରାଉ କରିଛନ୍ତି।

### ଚାଷୀ ନେତାଙ୍କୁ ବେଆଇନ ଗିରଫର ପ୍ରତିବାଦ

ଦିନରେ ବଡ଼ଚଣାରେ ଏକ ବଡ଼ଧରଣର ଚାଷୀ ସମାବେଶ କରାଯିବ ଓ ସେଠାରେ ଯାଜପୁର ଜିଲାପାଳ ଏବଂ ଦର୍ପଣ ତହସିଲଦାର ତା'ର ଉତ୍ତର ରଖିବେ ବୋଲି ସେ ଘୋଷଣା କରିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ କାମ ହୋଇଥିବା ତହସିଲଦାର କହିବା ପରେ ସଂଗଠନ ତରଫରୁ କୌଣସି ଦାବିପତ୍ର ଦିଆଯାଇ ନ ଥିଲା।

ଏ ସମ୍ପର୍କରେ ଜିଲାପାଳ ଓ ମୁଖ୍ୟ ଶାସନସଚିବଙ୍କ ସହିତ ଆଲୋଚନା ହେବ ବୋଲି ଅକ୍ଷୟ କୁମାର ଘୋଷଣା କରିଥିଲେ। ଶିଶିରଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ତୁରନ୍ତ ଦର୍ପଣ ତହସିଲଦାର ଓ ଠିକା କମ୍ପାନୀର ସହକାରୀ ଯନ୍ତ୍ରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ, ମେଗା ଉଠା ଜଳସେଚନ ପ୍ରକଳ୍ପର ପାଇପ୍ ବିଛା କାର୍ଯ୍ୟ ଶିଶିରଙ୍କ ଘରବାରି ଜମି ଦେଇ ଯାଉଥିବାବେଳେ ସେ ଏହାର ପ୍ରତିବାଦ କରିଥିଲେ। ଏହାପରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ଉପସ୍ଥିତିରେ ପୋଲିସ ଶିଶିରଙ୍କୁ ୮ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାକୁ ବିରୋଧ କରି କୃଷକ ସଂଗଠନ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲା।

## ସଂକ୍ଷେପରେ

### ରେଳଧାରଣାରୁ ୨ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୬।୭: ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ବ୍ରହ୍ମପୁର ରେଳଷ୍ଟେଶନ ନିକଟ ହଳଦିଆପଦର ଓ ହୁମା ରେଳଷ୍ଟେଶନ ପାଖରୁ ପୃଥକ୍ ଭାବେ ଦୁଇ ଜଣଙ୍କ ମୃତଦେହ ଜବତ କରିଛି। ଏ ନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଳଚେରରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନରୁ ଝୁଲନ୍ତା ଅବସ୍ଥାରେ ଥିବା ଏକ ମୃତଦେହ ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୧ ବର୍ଷ ହେବ ବୋଲି ସନ୍ଦେହ କରୁଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଖଲ୍ଲିକୋଟ ରେଳଷ୍ଟେଶନରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନରୁ କୋଇଲା ଚୋରି ଉଦ୍ୟମ କରିଥିଲେ। ସେହି ସମୟରେ ଟ୍ରେନଟି ଷ୍ଟେଶନ ଛାଡ଼ି ଦେଇଥିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଟ୍ରେନରେ ଚାପି ହୋଇ ଝୁଲନ୍ତା ଅବସ୍ଥାରେ ହୁମା ରେଳଷ୍ଟେଶନ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ମାଲବାହୀ ଟ୍ରେନଟି ରହିବା ପରେ ପୋଲିସ ମୃତଦେହ ଜବତ କରିଥିଲା। ନଂ.୪୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ଶନିବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ହଳଦିଆପଦର ରେଳଧାରଣାରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ପହଞ୍ଚି ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କର ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି କହିଛି। ଥାନାରେ ନଂ.୪୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦୁଇଟିଯାକ ମୃତଦେହର ପରିଚୟ ମିଳିପାରି ନ ଥିବାରୁ ସେଗୁଡ଼ିକ ସଂରକ୍ଷଣ କକ୍ଷରେ ରଖାଯାଇଥିବା ପୋଲିସ କହିଛି।

### ଇ-ଲାଇବ୍ରେରିରେ ମୌଳିକ ସମସ୍ୟାକୁ ନେଇ କମିଶନରଙ୍କ ସହ ଆଲୋଚନା



ବ୍ରହ୍ମପୁର ଅଫିସ,୧୬।୭- ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଇ-ଲାଇବ୍ରେରିରେ ଥିବା ମୌଳିକ ସମସ୍ୟାକୁ ନେଇ ଶନିବାର ଇ-ଲାଇବ୍ରେରି ସଦସ୍ୟ ବିଏମ୍‌ସି କମିଶନର ଜେ. ସୋନାଲ ଓ ଦାୟିତ୍ୱରେ ଥିବା ଇଂ. ନାଗେଶ୍ୱର ସୁବୁଦ୍ଧିଙ୍କ ସହ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ଟାଉନ ହଲଠାରେ ଇ-ଲାଇବ୍ରେରି ଓ ଲାଇବ୍ରେରି ରହିଛି। ଏହା ମାଧ୍ୟମରେ ବହୁ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। କିନ୍ତୁ ଇ-ଲାଇବ୍ରେରିରେ ଶୌଚାଳୟ ଓ ପାନୀୟ ଜଳ ଅଭାବରୁ ଏଠାକୁ ଆସୁଥିବା ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଇ-ଲାଇବ୍ରେରିରେ ଅଧିକ ସଂଖ୍ୟକ ବସିବା ସ୍ଥାନର ଆବଶ୍ୟକତା ରହିଥିବା ସଦସ୍ୟମାନେ କମିଶନରଙ୍କୁ କହିଥିଲେ। କମିଶନର କହିଥିଲେ, ଇ-ଲାଇବ୍ରେରିକୁ ନିଜେ ଯାଇ ଦେଖି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ରାମକୃଷ୍ଣ ଚୌଧୁରୀ, ଶ୍ୟାମ ସୁନ୍ଦର ଖାଡଙ୍ଗା, ମାୟାଧର ବିଶୋୟୀ ଓ ଜେ.ସୁରେଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲସୁନ୍ଦରୀ ପୋଖରୀ ହୁଡ଼ାରୁ ଆବର୍ଜନା ସଫା ଦାବି

ବ୍ରହ୍ମପୁର ଅଫିସ,୧୬।୭

ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିଏମ୍‌ସି ସାନିଟେଶନ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାକୁ ନେଇ ତଦାରଖ କରାଯାଉଛି। କିନ୍ତୁ ବର୍ତ୍ତମାନ ସଫେଇ କର୍ମଚାରୀ ଓ ଆବର୍ଜନା ବୋହିବା ନିମନ୍ତେ ରହିଥିବା ଗାଡି ସଂଖ୍ୟା କମ ଥିବାରୁ ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନ ଥିବା ବହୁ କର୍ପୋରେଟର ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସାଧାରଣ ଲୋକ ଯାତାୟାତ ରାସ୍ତାରେ କୁଢ କୁଢ ଅଳିଆ ଆବର୍ଜନା ଜମି ରହୁଥିବା ଦେଖିବାକୁ ମିଳିଛି। ଏଭଳି ଭାବେ ବ୍ରହ୍ମପୁର ମହାନଗର ନିଗମ ୭ ନଂ. ୱାର୍ଡ ଅନ୍ତର୍ଗତ ଫୁଲସୁନ୍ଦରୀ ପୋଖରୀ ହୁଡାରେ ଅଳିଆ ଆବର୍ଜନା ଜମା ହୋଇ ରହୁଥିବା ଅଭିଯୋଗ ହୋଇଛି। ଏହି ପୋଖରୀ ଉପରେ ଧାନମେରା ସାହି, ଫୁଲ ସୁନ୍ଦରୀ ସାହି, ରାଜା ସାହି, ବଡ ବଜାର ପରିବା ବଜାର ସମେତ ଆଖପାଖ ଅଞ୍ଚଳର ବାସିନ୍ଦା ନିର୍ଭର କରିଥାନ୍ତି। କିନ୍ତୁ ଆବର୍ଜନାଗୁଡିକ ପଡି ରହିବାରୁ ପୋଖରୀକୁ ଯାତାୟାତ ରାସ୍ତା ଦୁର୍ଗନ୍ଧ ପରିବେଶରେ ପରିଣତ ହୋଇଛି। ଏଥିସହ ବର୍ଷା ହେଲେ ବହୁ ଆବର୍ଜନା ପୋଖରୀରେ ମିଶିବାରୁ ଗାଧୋଇବା ଓ ଶୁଦ୍ଧି କାର୍ଯ୍ୟ ନିମନ୍ତେ ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ କର୍ପୋରେଟର ଟି.କିଶୋର କୁମାର ପାତ୍ରଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ପୂର୍ବରୁ ଗ୍ରାମ ଦେବତୀ ସାହି ନିକଟରେ ଏକ ଡମ୍ପିଂୟାର୍ଡ ଥିଲା। ସେଠାରେ ନିକଟସ୍ଥ ୩ଟି ୱାର୍ଡର ଅଳିଆ ଆବର୍ଜନା ପକାଯାଉଥିଲା। କିନ୍ତୁ ଗତ କିଛି ଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ସେଠାରେ ଆଉ ଆବର୍ଜନା ପକାଯାଉ ନାହିଁ। ବର୍ତ୍ତମାନ ପୋଖରୀ ଅପର ପାର୍ଶ୍ୱରେ ଗାର୍ବେଜ ପଏଣ୍ଟ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ସରିବା ପରେ ସେଠାରେ ଡଷ୍ଟବିନ ରଖାଯିବ। ବର୍ତ୍ତମାନ ଅସ୍ଥାୟୀ ଭାବେ ପୋଖରୀ ହୁଡାରେ ଆବର୍ଜନା ପକାଯାଉଛି। ପରେ ଏହାକୁ ଟ୍ରାକ୍ଟର ମାଧ୍ୟମରେ ଚନ୍ଦନିଆ ପାହାଡକୁ ନିଆଯାଉଥିବା ସେ କହିଛନ୍ତି। ତେବେ ୱାର୍ଡରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ସଫେଇ କର୍ମଚାରୀ ଥିବାରୁ ଠିକ୍ ଭାବେ ସଫା ହୋଇପାରୁ ନାହିଁ। ଆବର୍ଜନା ଉଠାଇବା ପାଇଁ ମଧ୍ୟ ଆବଶ୍ୟକ ସଂଖ୍ୟକ ଗାଡି ନାହିଁ। ଏ ବାବଦରେ ବିଏମ୍‌ସି କମିଶନରଙ୍କୁ ବାରମ୍ବାର ଅବଗତ କରିଛୁ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେ କହିଛନ୍ତି।



ପୋଖରୀ ହୁଡାରେ ଜମା ହୋଇଥିବା ଆବର୍ଜନା।

# ଘର ଭିତରେ ଛାତ୍ରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧୬।୭

ଗଞ୍ଜାମ ଜିଲା ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ପାନବିକା ସାହିରେ ଥିବା ଏକ ନିର୍ମାଣାଧୀନ ଘର ଭିତରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ଲୁଗା ବେକରେ ଲଗାଇ ଫ୍ୟାନ ହୁକରେ ଝୁଲିଯିବାରୁ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ଆକୁଳାସାହିର ଏ. ଦିନେଶ କୁମାରଙ୍କ ପୁଅ ଏ. ହେମନ୍ତ କୁମାର(୧୪)। ସେ ଏକ ଘରୋଇ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ପୋଲିସ ମୃତଦେହ ଜବତ କରି ନଂ.୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଛି। ପୋଲିସ ପ୍ରାଥମିକ ତଦନ୍ତରୁ ନାବାଳକ ଜଣକ ପାଠ ପଢ଼ାପଢିରେ ଅବହେଳା କରିଥିବାରୁ ବାପା ତାଙ୍କୁ ତାଗିଦା କରୁଥିଲେ। ଏଣୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଦିନେଶ କୁମାର ଭାପୁର ବଜାର ଆକୁଳା ସାହିରେ ରୁହନ୍ତି। ତାଙ୍କର ଅନ୍ୟ ଏକ ଘର ପାନବିକା ସାହିରେ ରହିଛି। ଉକ୍ତ ଘର ମରାମତି କାମ ଚାଲିଛି। ହେମନ୍ତ ଶନିବାର ସ୍କୁଲ ଯାଇନଥିବାରୁ ତାଙ୍କ ବାପା ଦିନେଶ ତାଙ୍କୁ ଦୋକାନରୁ ଜଳଖିଆ ଆଣିବା ସହ ଉକ୍ତ ନିର୍ମାଣାଧୀନ ଘରକୁ ଯିବାକୁ କହିଥିଲେ। ହେମନ୍ତ ଜଳଖିଆ ଆଣିବାକୁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ ଦିନେଶଙ୍କର ସନ୍ଦେହ ହୋଇଥିଲା। ସେ ଓ ତାଙ୍କ ପରିବାର ଲୋକ ଉକ୍ତ ନିର୍ମାଣାଧୀନ ଘରକୁ ଯାଇଥିଲେ। ସେଠାରେ ଏକ ଫ୍ୟାନ୍ ହୁକରେ ହେମନ୍ତ ଝୁଲୁଥିବା ସେମାନେ ଦେଖିବାକୁ ପାଇଥିଲେ। ହେମନ୍ତ ବଞ୍ଚିଥିବ ଭାବି ତାଙ୍କୁ ସ୍ଥାନୀୟ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ




ଉତ୍ସବରେ ଅତିଥିଙ୍କ ଉଦ୍‌ବୋଧନ।

ବ୍ରହ୍ମପୁର ଅଫିସ,୧୬।୭

ଲାୟନ୍ସ କ୍ଲବ ବ୍ରହ୍ମପୁର ସିଲ୍କ ପକ୍ଷରୁ ଗିରିରୋଡ୍‌ଠାରେ ଶନିବାର ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କ୍ଲବର ଦେବୀ ପ୍ରଭା ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ଲବର ଡା. ଇ.ପି. ରାଓ ମୁଖ୍ୟ ଅତିଥି ଓ ସରସ୍ୱତୀ ପାତ୍ର ଏବଂ ସୁରେଶ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସବିତା ରାଣୀ ସାହୁଙ୍କୁ ୨୦୨୨-୨୩ ବର୍ଷ ନିମନ୍ତେ ସଭାପତି ଭାବେ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନମିତାରାଣୀ ରାଉତ, ଏଲ. କୁମୁଦିନୀ ଚୌଧୁରୀ, କମଲ କୁମାର ଦେଓ, ସୁନୀତା ସାହୁ, ଗୀତା ସାହୁ ଓ ମିନତି ପାତ୍ରଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଗିରଫ, ମୃତଦେହ ନେଲେ ମାମୁ

### ଚଳନ୍ତା ଟ୍ରେନ୍‌ରେ ଯୁବକଙ୍କୁ ହତ୍ୟା ଘଟଣା

ବ୍ରହ୍ମପୁର ଅଫିସ,୧୬।୭

ଚେନ୍ନାଇ-ହାଓଡା ଏକ୍ସପ୍ରେସ ଟ୍ରେନରେ ପ୍ରସନ୍ନଜିତ ଗରାଇ(୩୪)ଙ୍କୁ ଶୁକ୍ରବାର ଛୁରି ଭୁସି ତାଙ୍କ ବନ୍ଧୁ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ଘଟାଇଥିବା ବନ୍ଧୁ ରାଜୀବ ଗରାଇଙ୍କୁ ପୋଲିସ ଶନିବାର ଗିରଫ କରିଛି। ରବିବାର ରାଜୀବଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ପୋଲିସ ନଂ. ୪୭/୨୨ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଶନିବାର ମୃତ ପ୍ରସନ୍ନଜିତଙ୍କ ମାମୁ ସୁବାସ ଗରାଇ ଓ ଶଳା ହରିତ ଗରାଇ ବ୍ରହ୍ମପୁର ରେଳବାଇ ଥାନାରେ ପହଞ୍ଚିଥିଲେ। ଏମ୍‌କେସିଜି ମେଡିକାଲରେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରିଛି। ବ୍ୟବଚ୍ଛେଦ ପରେ ତାଙ୍କ ମାମୁଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ରାଜୀବ ତାଙ୍କ ସ୍ତ୍ରୀ ଏବଂ ଶ୍ୱଶୁର ପଲାନା ଗରାଇଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗତ ପ୍ରାୟ ଏକ ସପ୍ତାହ ହେଲା ଚେନ୍ନାଇ ନେଇଥିଲେ। ସେମାନଙ୍କ ସହିତ ପ୍ରସନ୍ନଜିତ ମଧ୍ୟ ଯାଇଥିଲେ। ପ୍ରସନ୍ନଜିତ ପୂର୍ବରୁ ଚେନ୍ନାଇ ଯାଇଥିବାରୁ ସହଯୋଗ ପାଇଁ ରାଜୀବ ତାଙ୍କୁ ନେଇଥିଲେ। ଚେନ୍ନାଇରେ ସମସ୍ତେ ଏକ ଲଜ୍‌ରେ ରହିଥିଲେ। ସେଠାରେ ଥିବା ସମୟରେ ରାଜୀବଙ୍କ ସ୍ତ୍ରୀ ଓ ପ୍ରସନ୍ନଜିତଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବା ରାଜୀବ ଜାଣିବାକୁ ପାଇଥିଲେ। ରାଜୀବ ଏହାର ପ୍ରତିବାଦ କରିବାରୁ ପ୍ରସନ୍ନଜିତଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଜୀବ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ମେଡିକାଲ କାମ ସରିବା ପରେ ଗୁରୁବାର ସମସ୍ତେ ଚେନ୍ନାଇ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲେ। ଟ୍ରେନଟି ଶୁକ୍ରବାର ଅପରାହ୍ନରେ ଛତ୍ରପୁର ରିକାପଲ୍ଲୀ ଦେଇ ଯାଉଥିବା ବେଳେ ସ୍ତ୍ରୀ ଓ ପ୍ରସନ୍ନଜିତଙ୍କୁ ଏକାଠି ଦେଖି ହଠାତ୍ ରାଜୀବ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେ ତାଙ୍କ ବ୍ୟାଗରୁ ଏକ ଛୁରି ବାହାର କରି ପ୍ରସନ୍ନଜିତଙ୍କ ପେଟରେ ବାରମ୍ବାର ଭୁସିଥିଲେ। ଟ୍ରେନଟି ଗଞ୍ଜାମ ଷ୍ଟେଶନରେ ଅଟକିଥିଲା। ପ୍ରସନ୍ନଜିତଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ଅଭିଯୁକ୍ତ ରାଜୀବ ଗରାଇ।

# ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

ବ୍ରହ୍ମପୁର ଅଫିସ,୧୬।୭

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳ ଇଣ୍ଡଷ୍ଟ୍ରିଆଲ ଛକସ୍ଥିତ ଶନିଶ୍ଚର ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି ଲୁଟିଆମାନେ ଶୁକ୍ରବାର ଟଙ୍କା ଲୁଟି ନେଇଛନ୍ତି। ଦାନ ହୁଣ୍ଡିରେ ଥିବା ପ୍ରାୟ ୭ରୁ ୮ ହଜାର ଟଙ୍କା ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ସଭାପତି ପଞ୍ଚାନନ ଚୌଧୁରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିର ପରିସରରେ ଥିବା ସିସିଟିଭି ଫୁଟେଜ୍‌ରୁ ଜଣେ ପୁରୁଷ ଓ ମହିଳା ଦାନହୁଣ୍ଡି ତାଲା ଭାଙ୍ଗି ଟଙ୍କା ଚୋରି କରିଥିବା ଦେଖିବାକୁ ମିଳିଛି। ହେଲେ ସେମାନେ ମୁହଁ ଘୋଡ଼ାଇ ଦେଇଥିବାରୁ ପରିଚୟ ସ୍ପଷ୍ଟ ପାଇଁ ଏବେ ପୋଲିସକୁ କଷ୍ଟକର ହୋଇପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର ରାତି ୧୦ଟାରେ ପୂଜକ ମନ୍ଦିର ବନ୍ଦକରି ଘରକୁ ଯାଇଥିଲେ। ଶନିବାର ଭୋରୁ ମନ୍ଦିର ଖୋଲିବା ବେଳେ ଲୁଟିଆମାନେ ଦାନ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ନେଇଯାଇଥିବା ଜାଣିବାକୁ ପାଇଥିଲେ। ସେ ଏନେଇ ପରିଚାଳନା କମିଟି ସଦସ୍ୟଙ୍କୁ ଜଣାଇଥିଲେ। ଲୋକେ ସେଠାରେ ପହଞ୍ଚି ଦେଖିବା ବେଳେ ହୁଣ୍ଡିରୁ କିଛି ବଳକା ଟଙ୍କାକୁ ଜଣେ ନାବାଳକ ନେଉଥିଲେ। ଲୋକେ ସମ୍ପୃକ୍ତ ନାବାଳକଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ମନ୍ଦିର କମିଟିର ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି।

# ଦୁଇଟି ଚୋରି ବାଇକ୍ ଜବତ, ଲୁଟେରା ଗିରଫ



ବ୍ରହ୍ମପୁର ଅଫିସ,୧୬।୭

ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ବାଇକ୍ ଲୁଟିଆଙ୍କୁ କାବୁ କରିଛି। ତାଙ୍କ ନିକଟରୁ ଦୁଇଟି ଚୋରି ଗାଡ଼ି ସହ ୪୦୦ଟଙ୍କା ଜବତ କରିଛି। ଲୁଟେରା ଜଣଙ୍କ ଛତ୍ରପୁର ରିକାପଲ୍ଲୀ ଅଞ୍ଚଳର ଏନ୍. ଭିଶାଲ ରାଓ ଓରଫ ସୁଲେମାନ ଖାନ୍(୨୧)। ମାମଲା ନଂ.୧୮୭/୨୨ରେ ତାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମରେ ୩ରୁ ଊର୍ଦ୍ଧ୍ୱ ମାମଲା ଟାଉନ ଥାନାରେ ରହିଛି। ସେ ଜଣେ ପେସାଦାର ଲୁଟେରା ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଶନିବାର ଲୁଟେରାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚୋରି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ଆସ୍କା ରୋଡରେ ଥିବା ଏକ ଟାୟାର ଗୋଦାମ ପଛପଟ କବାଟ ଭାଙ୍ଗି ଲୁଟେରାମାନେ ଭିତରେ ପଶିଥିଲେ। କ୍ୟାଶ୍ କାଉଣ୍ଟରରେ ଥିବା କେବଳ ୪୦୦ ଟଙ୍କା ଓ ଗାଡ଼ି ଚୋରି କରି ନେଇଥିଲେ। ଏନେଇ ଗୋଦାମ ମାଲିକ ପଙ୍କଜ ଅଗ୍ରୱାଲ ଟାଉନ ଥାନାରେ ଗତ ୧୧ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଭିଶାଲଙ୍କୁ ଧରି ଜେରା କରିଥିଲା। ସେ ଉକ୍ତ ଗୋଦାମରେ ଚୋରି କରିଥିବା ପୋଲିସ ଆଗରେ ମାନିଥିଲେ। ପୋଲିସ ଭିଶାଲଙ୍କୁ ଅଧିକ ଜେରା ବେଳେ ତା'ଙ୍କ ବୟାନକୁ ଆଧାର କରି ଅନ୍ୟ ଏକ ଚୋରି ବାଇକ୍ ଉଦ୍ଧାର କରିଥିଲା ବୋଲି କହିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ସେଲର ସେମିନାର

ବ୍ରହ୍ମପୁର,୧୬।୭

ବ୍ରହ୍ମପର ବିଶ୍ୱବିଦ୍ୟାଳୟ ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ (ଆଇକ୍ୟୁଏସି) ପକ୍ଷରୁ ଶନିବାର ନୂଆ କନଫରେନ୍ସ ହଲଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଆଇକ୍ୟୁଏସି ସେଲ ସଂଯୋଜକ ଡ଼.ମାନସ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତାଭାବେ ବିଶ୍ୱବିଦ୍ୟାଳୟ ଟୁରିଜମ୍ ଓ ଟ୍ରାଭେଲ ଷ୍ଟଡ଼ିଜ ଅଧ୍ୟାପକ ପ୍ରଫେସର ଡ.ଇକ୍‌ବାଲ ଅହମ୍ମଦ ଭଟ୍ଟ ଉପସ୍ଥିତ ଥିଲେ। କର୍ମଶାଳାରେ ମୁଖ୍ୟ ବକ୍ତା ଡ଼.ଭଟ୍ଟ ଇକୋ ଟୁରିଜମ୍ ଏଣ୍ଡ ଏମ୍ୟୁଜମେ ଫୋର ସଷ୍ଟାଇନାବଲ ଲାଇଲିହୁଡ଼ ସମ୍ପର୍କରେ ଗବେଷଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅଧିକାରୀ, ଆଇକ୍ୟୁଏସି ସେଲ ଓ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇଆରପିଏମ୍‌ର ଅଧ୍ୟାପିକା ପ୍ରଫେସର ଡ଼.ଇତିଶ୍ରୀ ଗୀତା କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରମାଣ ଅଭାବରୁ ୪ ଅଭିଯୁକ୍ତ ନିର୍ଦ୍ଦୋଷ

### ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର ଅଫିସ,୧୬।୭

ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ)-୧ ସଂଘମିତ୍ରା ଶର୍ମା ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲା ମୋହନା ଅଞ୍ଚଳର ଫରମିନ ନାୟକ, ଥୋମାସ ନାୟକ, ସାଗର ଚାନ୍ଦ ନାୟକ ଓ ପ୍ରଭାକର ମଲିକ।

ପ୍ରକାଶ ଯେ, ୨୦୦୭ ଏପ୍ରିଲ ୧୧ରେ ଅବକାରୀ ପୋଲିସ ଓ ବଡ଼ ବଜାର ପୋଲିସ ମିଳିତ ଭାବେ ଫାଷ୍ଟଗେଟରେ ଏକ ସରକାରୀ ବସ୍‌ରେ ଚଢ଼ାଉ କରିଥିଲେ। ବସ୍ ଭିତରୁ ୭୨ କେଜି ଗଞ୍ଜେଇ ଜବତ ହୋଇଥିଲା। ଉକ୍ତ ଗଞ୍ଜେଇ ଚାଲାଣକାରୀମାନେ ଗଜପତିରୁ ଗଞ୍ଜେଇ ଆଣି ଉତ୍ତରପ୍ରଦେଶ ନେଇଥାନ୍ତେ ବୋଲି ପୋଲିସ କହିଥିଲା। ଅବକାରୀ ପୋଲିସ ମାମଲା ନଂ.୦୩/୦୭-୦୮ରେ ଫରମିନ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଛାଡ ପାଇଥିଲେ। ଏହି ମାମଲାର ବିଚାର ବେଳେ ଉକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୫ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଏଡିଜେ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅନିଲ କୁମାର ସାହୁ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏନ୍. ପାଢ଼ୀ, ସୁଦର୍ଶନ ପଣ୍ଡା ଓ ଯୋଗୀ ନାହାକ ମକଦ୍ଦମା ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ ବ୍ୟବହାର ଉପରେ ବିଏମ୍‌ସିର ନିଷିଦ୍ଧାଦେଶ

### ଅବମାନନା କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର ଅଫିସ,୧୬।୭

ପ୍ଲାଷ୍ଟିକ ବ୍ୟବହାରକୁ ନେଇ କଟକଣା ଜାରି କରାଯାଇଥିଲେ ସୁଦ୍ଧା ସହରବାସୀ ଏହାକୁ ମାନୁନାହାନ୍ତି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଉଛି। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ବର୍ତ୍ତମାନ କେନ୍ଦ୍ର ସରକାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିବା ପରେ ଶନିବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଧ୍ୟ ପ୍ଲାଷ୍ଟିକ ବ୍ୟବହାରର ନିଷେଧାଦେଶକୁ ନେଇ ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଚିଠି ନଂ-୭୬୦୪ରେ ଦର୍ଶାଯାଇଛି, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକର ଉତ୍ପାଦନ, ଆମଦାନୀ, ବିକ୍ରୟ, ମହଜୁଦ, ବଣ୍ଟନ ଓ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏଥିମଧ୍ୟରେ ପ୍ଲାଷ୍ଟିକରେ ନିର୍ମିତ କାଠି, ଚାମଚ, ଗ୍ଲାସ, ଷ୍ଟ୍ର, କ୍ୟାଣ୍ଡି ଷ୍ଟିକ, ଟ୍ରେ, ପତାକା, ଥର୍ମକୁଲ, ନିମନ୍ତ୍ରଣ ପତ୍ର, ସିଗାରେଟ ପ୍ୟାକେଟ, ପଲିଥିନ ଓ ବ୍ୟାନର ଉପରେ ନିଷେଧାଦେଶ ଜାରି କରାଯାଇଛି। ଏଥିସହ ଫାଷ୍ଟ ଫୁଡ, ବାଣିଜ୍ୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, ହସ୍ପିଟାଲଗୁଡିକରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଯଦି କେହି ନିୟମ ଉଲ୍ଲଂଘନ କରନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

### ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି




ଦାବିପତ୍ର ଦେବାକୁ ଆସିଥିବା ଚୁକ୍ତିଭିତ୍ତିକ ନିଯୁକ୍ତି ସଂଘ କର୍ମକର୍ତ୍ତା।

କୋଟଗଡ,୧୬।୭(ଡି.ଏନ.ଏ.)

ସରକାରୀ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ କୋଟଗଡ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବିଡିଓ, ରାଜସ୍ୱ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦୁଇ ଦଫା ସମ୍ବଳିତ ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ଚୁକ୍ତିଭିତ୍ତିକ ନିଯୁକ୍ତି ସଂଘ ଜିଲା ସଭାପତି ଅଶୋକ ଗୌଡ଼ଙ୍କ ନେତୃତ୍ୱରେ ରାଜସ୍ୱ, ଶିକ୍ଷା ଓ ସାମାଜିକ ଭିନ୍ନକ୍ଷମ ବିଭାଗ ସମେତ ଅନ୍ୟ କର୍ମଚାରୀମାନେ ଏକତ୍ରିତ ହୋଇ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓ କୈଳାସ ଚନ୍ଦ୍ର ମୁର୍ମୁଙ୍କୁ ପ୍ରଦାନ କରିଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ସଂଘ ସଭାପତି ଗୌଡ଼ଙ୍କ କହିବା ଅନୁସାରେ, ରାଜ୍ୟ ସରକାର ୨୦୧୩ରୁ ଯେଉଁ ଚୁକ୍ତିଭିତ୍ତିକ ନିୟମ ପ୍ରଣୟନ କରିଛନ୍ତି ତାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସ୍ଥାୟୀ ସମୟକୁ ଗଣନା ସହ କାର୍ଯ୍ୟକାରୀ କରାଯାଉ। ଆସନ୍ତା ୨୩ ତାରିଖ ଯାଏ ବିଭିନ୍ନ ବ୍ଲକରେ ରହି କାର୍ଯ୍ୟକ୍ରମ ଚାଲୁ ରହିବ। ଚଳିତ ମାସ ୨୫ ଓ ୨୯ ତାରିଖ ଯାଏ କଳା ବ୍ୟାଜ ପରିଧାନ କରି ୩୧ରେ ଭୁବନେଶ୍ୱରରେ ପ୍ରତିବାଦ କରାଯିବ। ଏହା ପରେ ଯଦି ରାଜ୍ୟ ସରକାର ନ ଶୁଣନ୍ତି, ତେବେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାମ ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି ।

# ଯୁକ୍ତ ୨ ଭିତ୍ତିପାଠ୍ୟ ବର୍ଗର ସମାପନ ଉତ୍ସବ

### ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ବ୍ରହ୍ମପୁର ଅଫିସ,୧୬।୭

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶନିବାର ଯୁକ୍ତ ୨ ଭିତ୍ତିପାଠ୍ୟ ବର୍ଗର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏସ୍.ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଉକ୍ତ ଉତ୍ସବରେ ଛାତ୍ରୀଛାତ୍ରମାନେ ଅଧ୍ୟୟନରତ ସମୟର ନିଜ ନିଜ ଅନୁଭୂତି ରଖିଥିଲେ। ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସଭ୍ୟ ନୀଳକଣ୍ଠ ସାହୁ ବିଦ୍ୟାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ସହ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ରାଷ୍ଟ୍ରଗଠନରେ ନିଜକୁ ନିୟୋଜିତ କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ୪୫ଦିନ ଧରି ଏହି ପାଠ୍ୟଦାନ କାର୍ଯ୍ୟକ୍ରମ ଜାରି ରହିଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଏଥିରେ ଯୁକ୍ତ ୨ ଇଂଲିଶ ବିଭାଗ ଅଧ୍ୟାପକ ରଜତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ପାଠ୍ୟକ୍ରମର ପ୍ରମାଣପତ୍ର ବିତରଣ କରାଯିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଉପସ୍ଥିତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଛାତ୍ରୀଛାତ୍ର ବୃନ୍ଦ।